

▶ପୃଷ୍ଠା ୧୨ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-206 ◆WEDNESDAY ◆21 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୦୬ ◆ବୁଧବାର ◆୨୧ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ଡଲାର ତୁଳନାରେ ୯୧ର ନିମ୍ନ ସ୍ତରକୁ ହ୍ରାସ

■ ମୁମ୍ବାଇ, ୨୦।୧ (ଏଜେନ୍ସି): ଇତିହାସ ରଚିଲା ଘରୋଇ ମୁଦ୍ରା ଟଙ୍କା। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତରକୁ ହ୍ରାସ ଘଟିଛି। ମଙ୍ଗଳବାର ଟଙ୍କା ଗୁରୁତ୍ୱପୂର୍ଣ୍ଣ ୯୧ ଟଙ୍କା ସ୍ତର ଅତିକ୍ରମ କରିଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ଙ୍କ ଦ୍ୱାରା ବିକ୍ରି ଜାରି ରହିବା ଏବଂ ନୂତନ ବିଶ୍ୱ ବାଣିଜ୍ୟ ଉତ୍ତେଜନା ଟଙ୍କା ଉପରେ ଚାପ ଜାରି ରଖିଥିଲା। ବିଦେଶୀ ମୁଦ୍ରା ବଜାର ବିଶେଷଜ୍ଞଙ୍କ ଅନୁସାରେ, ଟଙ୍କା ମୂଲ୍ୟରେ ଦେଖିବାକୁ ମିଳିଥିବା ବର୍ତ୍ତମାନର ଦୁର୍ବଳତା ଘରୋଇ ଏବଂ ଅନ୍ତର୍ଜାତୀୟ କାରକଗୁଡ଼ିକର ଏକ ପ୍ରତିଫଳନ। ବିଶେଷକରି ଗ୍ରୀନଲ୍ୟାଣ୍ଡ ଉପରେ ୟୁରୋପୀୟ ଦେଶମାନଙ୍କ ସହ ବିବାଦରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶୁଳ୍କ ଲାଗୁ ଧମକ ବିଶ୍ୱ ପୁଞ୍ଜି ବଜାରରେ ହଇଚଇ ସୃଷ୍ଟି କରିଛି। ଆମେରିକୀୟ ଶ୍ରମ ବଜାର ଡଲାରକୁ ସମର୍ଥନ ଜାରି ରଖିଥିବାବେଳେ ବଜାରଗୁଡ଼ିକ ଏବେ ଆଶା କରୁଛନ୍ତି ଯେ ଫେଡେରାଲ ରିଜର୍ଭ ଦୀର୍ଘ ସମୟ ପାଇଁ ସୁଧ ହାର ଉଚ୍ଚରେ ରଖିବ। ଭାରତରେ ଟଙ୍କା ଉପରେ ସବୁଠାରୁ ବଡ଼ ଚାପ ଏଫ୍‌ଆଇଆଇଙ୍କ ଦ୍ୱାରା ଜାରି ବିକ୍ରିରୁ ଆସୁଛି। ବିଦେଶୀ ନିବେଶକମାନେ ଗତ କିଛି ମାସ ଧରି ଭାରତୀୟ ଷ୍ଟକ ବଜାରରେ ନେଟ୍ ବିକ୍ରେତା ହୋଇଛନ୍ତି। ଏହି ପ୍ରବଳ ବିକ୍ରି ଯୋଗୁଁ ପ୍ରମୁଖ ଏସୀୟ ମୁଦ୍ରା ମଧ୍ୟରେ ଟଙ୍କା ସବୁଠାରୁ ଦୁର୍ବଳ ପ୍ରମାଣିତ ହୋଇଛି।

### ଖସୁଛି ଟଙ୍କା



### ଉଠୁଛି ସୁନା



## ଦର ଦେଢ଼ ଲକ୍ଷ ଟପିଲା; ଆହୁରି ବଢ଼ିବ !

■ ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ହୁ ହୁ ହୋଇ ବଢୁଛି ସୁନା ଦର। ଗ୍ରୀନ୍‌ଲ୍ୟାଣ୍ଡ ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରସ୍ତାବିତ ପଦକ୍ଷେପ ବିଶ୍ୱରେ ଭୂ-ରାଜନୈତିକ ଅନିଶ୍ଚିତତା ବୃଦ୍ଧି କରିଛି। ଏହାର ପ୍ରଭାବ ସ୍ୱରୂପ ବିଶ୍ୱ ବଜାରରେ ସୁନା ଏବଂ ରୁପା ମୂଲ୍ୟ ରକେଟ୍ ବେଗରେ ବୃଦ୍ଧି ଘଟୁଛି। ଏହି ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ପାଖାପାଖି ଦେଢ଼ ଲକ୍ଷ ଟଙ୍କା ଛୁଇଁବାକୁ ବସିଛି। ଏମିତିକି ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୪୦୦୦ ଟଙ୍କା ବୃଦ୍ଧି ଘଟିଛି। ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୯,୬୩୦ ଟଙ୍କାରେ ପହଞ୍ଚିଛି। ମାନ୍ଦାବସ୍ଥା ଆଶଙ୍କା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି। ତେବେ ସୁନା ତୁଳନାରେ ରୁପା ଦର ଆହୁରି ଜୋରରେ ଦୌଡୁଛି। ରୁପା ଆଜି ଦିନକରେ କିଲୋ ପିଛା ୧୦,୦୦୦ ଟଙ୍କା ବୃଦ୍ଧି ଘଟି ୩,୧୫,୦୦୦ ଟଙ୍କାରେ ପହଞ୍ଚିଛି।

**୩.୨୫ ଲକ୍ଷ ଟଙ୍କା ଛୁଇଁଲା ରୁପା**

### ସାଇନବୋର୍ଡରେ ସୀମିତ ରହିବ 'ଅନ୍ତର୍ଜାତୀୟ' ବିମାନ ବନ୍ଦର

## ମାର୍ଚ୍ଚରୁ ଦୁବାଇ, ସିଙ୍ଗାପୁରକୁ ବିମାନ ସେବା ବନ୍ଦ

■ ଭୁବନେଶ୍ୱର, ୨୦।୧ (ସମିସ): ଭୁବନେଶ୍ୱର ଆବୁଧାବି ସିଧାସଳଖ ବିମାନ ସେବା ଡିସେମ୍ବର ମାସରୁ ବନ୍ଦ ହୋଇଯାଇଛି। ଏହି ବିମାନ ସେବା ବନ୍ଦ ହେବାର ମାସଟେ ନ ପୁରୁଣୁ ଭୁବନେଶ୍ୱର ବିମାନ ବନ୍ଦରରୁ ଆଉ ୨ ଟି ପ୍ରମୁଖ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ହେବା ଆପାତତଃ ନିଶ୍ଚିତ ହୋଇଛି। ମାର୍ଚ୍ଚ ୨୮ ପରେ ଦୁବାଇ ଓ ସିଙ୍ଗାପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଭୁବନେଶ୍ୱରରୁ ସିଧା ବିମାନ ସେବା ବନ୍ଦ ହୋଇଯିବ। ୱେବସାଇଟ୍‌ରେ ମାର୍ଚ୍ଚ ୨୮ ପରେ ଏହି ୨ ଟି ରୁଟ୍‌ରେ ସିଧା ବିମାନ ସେବା ପାଇଁ ଟିକଟର ଅନୁପଲବ୍ଧି ଏହି ଆଶଙ୍କାକୁ ଦୃଢ଼ୀଭୂତ କରିଛି। ବିମାନ ଚଳାଚଳ କମ୍ପାନୀଗୁଡ଼ିକ ପକ୍ଷରୁ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କିଛି ସ୍ପଷ୍ଟ କରାଯାଉ ନାହିଁ, ଅନ୍ୟପକ୍ଷରେ ବିମାନବନ୍ଦର କର୍ତ୍ତୃପକ୍ଷ ମଧ୍ୟ ଚଳାଚଳ କରୁଥିବା ଆନ୍ତର୍ଜାତୀୟ ସ୍ଥଳକୁ ସିଧାସଳଖ ବିମାନ ଉଡ଼ାଣ ସମ୍ପର୍କରେ କିଛି କହି ପାରୁନାହାନ୍ତି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁଁ ମଧ୍ୟପ୍ରାଚ୍ୟର ଆବୁଧାବୀ, ଦୁବାଇ ସହ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ଭୁବନେଶ୍ୱରରୁ ସିଧାସଳଖ ବିମାନସେବା ଆରମ୍ଭ ହୋଇଥିଲା। ମାତ୍ର ଏବେ ଏହି ବିମାନସେବା ବନ୍ଦ ହେବା ଦ୍ୱାରା ସିଧାସଳଖ ଯାତ୍ରା କରୁଥିବା ଲକ୍ଷଲକ୍ଷ ଓଡ଼ିଆ ପ୍ରଭାବିତ ହେବେ ଓ ପର୍ଯ୍ୟଟନ ଦୃଷ୍ଟିରୁ ଓଡ଼ିଶା କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା କରାଯାଉଛି।

୨୦୨୩ ମେ ମାସରୁ ଭୁବନେଶ୍ୱର ଓ ଦୁବାଇ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରାଯାଇଥିଲା। ରାଜ୍ୟରୁ ଅନ୍ତର୍ଜାତୀୟ ଉଡ଼ାଣ ବଢ଼ାଇବା ଲାଗି ଇଣ୍ଡିଗୋ ସହ ମିଶି ରାଜ୍ୟ ସରକାର ଏହି ସେବା ଆରମ୍ଭ କରିଥିଲେ। ଏଥିପାଇଁ ସରକାରଙ୍କ ପକ୍ଷରୁ ବିମାନ ଚଳାଚଳ ସଂସ୍ଥାକୁ 'ଭାୟାବିଲିଟି ଗ୍ୟାପ ଫଣ୍ଡ' ମଧ୍ୟ ଯୋଗାଇ ଦିଆଯାଉଥିଲା। ଦୁବାଇ ସହ ସିଧାସଳଖ ବିମାନ ସେବା ରାଜ୍ୟର ସୂଚନା ପ୍ରଯୁକ୍ତି, ବିନିର୍ମାଣ ଓ ପର୍ଯ୍ୟଟନ କ୍ଷେତ୍ରକୁ ନିବେଶ ଆଣିବାରେ ମଧ୍ୟ ସହାୟକ ହୋଇଥିଲା। ଏବେ ଗୋଟିଏ ପରେ ଗୋଟିଏ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ହେଉଥିବାରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ପାଇଁ ମଧ୍ୟ ଏକ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ▶ପୃଷ୍ଠା-୭



**ଗତ ଡିସେମ୍ବରରୁ ଆବୁଧାବିକୁ ବନ୍ଦ ହୋଇଛି ବିମାନ ଚଳାଚଳ**

**ବିମାନ ସେବା ବନ୍ଦ ଯୋଗୁଁ ପ୍ରଭାବିତ ହେବେ ୪୦ ହଜାର ଓଡ଼ିଆ**

**ଚିନ୍ତା ପ୍ରକଟ କରି ମୁଖ୍ୟ ସଚିବଙ୍କୁ ଚିଠି ଲେଖିଲା ଓଡ଼ିଶା ସମାଜ**

## ବିଜେପିରେ ନିତିନ ଯୁଗ

### ମୁଁ କର୍ମୀ, ନିତିନଜୀ ମୋର ବସ୍: ମୋଦୀ

■ ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ବିଜେପିରେ ମଙ୍ଗଳବାରଠାରୁ ନିତିନ ନବୀନ ଯୁଗ ଆରମ୍ଭ ହୋଇଛି। ସେ ନିର୍ଦ୍ୱନ୍ଦ୍ୱରେ ବିଜେପି ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହି ଘୋଷଣା କରାଯାଇଛି। ନିତିନଙ୍କ ନାମ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ହାତ ଧରି ଅଧ୍ୟକ୍ଷଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ ଏବଂ ମିଠା ଖୁଆଇ ଥିଲେ। ଦାୟିତ୍ୱ ଗ୍ରହଣ କରିବା ସହିତ ନିତିନ ବିଜେପିର ସର୍ବକନିଷ୍ଠ ମୁଖିଆ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇ ଫୁଲମାଳ ପିନ୍ଧାଇଛନ୍ତି। ଏହି ଅବସରରେ ମୋଦୀ ୫୫ ମିନିଟର ଅଭିଭାଷଣ ଦେଇ ନିଜକୁ ବିଜେପି କର୍ମୀ ଏବଂ ନିତିନଙ୍କୁ ବସ୍ କହିଛନ୍ତି। ଏବେ ନିତିନ ଜୀ ମୋର କାମର ସମୀକ୍ଷା କରିବେ ବୋଲି ଉଲ୍ଲେଖ କରିଛନ୍ତି। ଦିଆଯାଇଥିବା ସମସ୍ତ କର୍ତ୍ତବ୍ୟକୁ ସମ୍ପୂର୍ଣ୍ଣ ଦାୟିତ୍ୱବୋଧର ସଫଳ କରିଥିବାରୁ ନବୀନଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ନିତିନ ନବୀନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏଆଇ ପିଢ଼ିର। ନିତିନଜୀ ଉଭୟ ଯୁବସୁଲଭ ଶକ୍ତି ଓ ସାଂଗଠନିକ କାର୍ଯ୍ୟରେ ଅଭିଜ୍ଞତା ରଖିଛନ୍ତି। ଏହା ଦଳର ପ୍ରତ୍ୟେକ କର୍ମୀଙ୍କ ▶ପୃଷ୍ଠା-୭



### ଲୋକଙ୍କୁ ହଜମ ହେଉନାହିଁ ସଂସ୍କୃତି ବିଭାଗର ବାଛବିଚାର

## ରମା ଦେବୀଙ୍କୁ ଭୁଲିଥିଲେ, ପାର୍ବତୀ ଗିରିଙ୍କୁ ବି ଭୁଲିଗଲେ

■ ଭୁବନେଶ୍ୱର, ୨୦।୧ (ସମିସ): ମା' ରମାଦେବୀଙ୍କ ୧୨୫ତମ ଜନ୍ମ ବାର୍ଷିକୀକୁ ବର୍ଷ ବ୍ୟାପୀ ଭବ୍ୟ ଉତ୍ସବ ରୂପେ ପାଳନ କରିବାକୁ ଘୋଷଣା କରି ବି ଶେଷ ମୁହୂର୍ତ୍ତରେରାଜ୍ୟ ସରକାର ଭୂଲିଗଲେ। ଯାହାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ ବିଧାନସଭା ଭିତରେ ଏବଂ ବାହାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହାପରେ ସରକାର ନିଜ ତ୍ରୁଟିରୁ ଶିକ୍ଷାଲାଭ କରିବେ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହୋଇଥିଲା। ମାତ୍ର ସାଧାରଣ ଲୋକଙ୍କ ଏହି ଧାରଣା ଭୁଲ ସାବ୍ୟସ୍ତ ହୋଇଛି। ପୂର୍ବ ତ୍ରୁଟିରୁ ସଂସ୍କୃତି ବିଭାଗ କିଛି ଶିଖି ପାରିଲା ନାହିଁ। ମା' ରମାଦେବୀଙ୍କ ପରି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀକୁ ନେଇ ମଧ୍ୟ ସମାନ ଆଭିମୁଖ୍ୟ ପୋଷଣ କରିଛନ୍ତି। ସୋମବାର ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ ଶ୍ରଦ୍ଧାଞ୍ଜଳି କେବଳ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୀମିତ ରହିଛି। ମୁଖ୍ୟମନ୍ତ୍ରୀ, ସଂସ୍କୃତିମନ୍ତ୍ରୀ ଟ୍ୱିଟ୍ କରି ପାର୍ବତୀ ଗିରିଙ୍କ ସ୍ମୃତିଚାରଣ କରିଛନ୍ତି; ମାତ୍ର ବିଭାଗ ପକ୍ଷରୁ ପାର୍ବତୀ ଗିରିଙ୍କ ସମ୍ମାନାର୍ଥେ ରାଜ୍ୟସ୍ତରୀୟ ତ ଦୂରର କଥା ରାଜଧାନୀରେ ସାଧାରଣ କାର୍ଯ୍ୟକ୍ରମଟିଏ ଆୟୋଜନ କରାଯାଇ ନାହିଁ। କେବଳ ହାଜିରା ପକାଇବା ପରି ବରଗଡ଼ରେ କାର୍ଯ୍ୟକ୍ରମ ଆୟୋଜନ କରି ସଂସ୍କୃତି ବିଭାଗ ନିଜ କାମ ସାରି ଦେଇଛି। ପାର୍ବତୀ ଗିରିଙ୍କ ଜନ୍ମମାଟି ସମଲାଇ ପଦରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ବହୁ ବୁଦ୍ଧିଜୀବୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଓଡ଼ିଆ ଅସ୍ମିତାର ଧ୍ୱନୀ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ପୂଜ୍ୟପୂଜା କ୍ଷେତ୍ରରେ ପାତରଅନ୍ତର କରୁଥିବା ଅଭିଯୋଗ ▶ପୃଷ୍ଠା-୭

**ସରକାର ପାଳିଲେ ଅହଲ୍ୟା ବାଈଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

**ବହ୍ନିକନ୍ୟା ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଖାଲି 'ଏକ୍ସ'ରେ ସୀମିତ**

**କେବଳ ବରଗଡ଼ ଜିଲ୍ଲାରେ ସୀମିତ ରହିଲା ଜୟନ୍ତୀ କାର୍ଯ୍ୟକ୍ରମ**

## ଗଛରେ ପିଟି ହେଲା ବାଇକ୍ ଭାଇ-ଭଉଣୀ ମୃତ

■ ବାଲିଗୁଡ଼ା, ୨୦।୧ (ସମିସ): କାଳ ହେଲା ଦ୍ରୁତଗତି। ଗଛରେ ବାଇକ୍ ପିଟି ହୋଇ ଭାଇ-ଭଉଣୀଙ୍କ ଜୀବନ ଯାଇଛି। ଏପରି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ସାରଙ୍ଗଗଡ଼ କାଣିବିଡ଼ିକା ନିକଟରେ। ମୃତକ ହେଲେ, ଆଶୁତୋଷ ପ୍ରଧାନ ଓ ତାଙ୍କ ଭଉଣୀ ସୁଷମା କହଁର। ଫୁଲବାଣୀରୁ ମଣ୍ଡାସୁର୍ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି।

ସୂଚନାନୁସାରେ, ଫୁଲବାଣୀରୁ ମଣ୍ଡାସୁର୍‌କୁ ଏକ ବାଇକ୍‌ରେ ଆଶୁତୋଷ ଭଉଣୀ ସୁଷମାକୁ ନେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ବାଣିବିଡ଼ିକା ନିକଟରେ ରାସ୍ତାକଡ଼ ଏକ ଗଛରେ ପିଟି ହୋଇଯାଇଥିଲେ। ଘଟଣା ସ୍ଥଳରେ ଆଶୁତୋଷଙ୍କ ମୃତ୍ୟୁ ହୋଇଥିବା ବେଳେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭଉଣୀ ସୁଷମାଙ୍କର ମୃତ୍ୟୁ ଘଟିଛି। ଆଶୁତୋଷଙ୍କ ଘର କାମ୍ବାଗୁଡ଼ାରେ ବୋଲି ସୂଚନା ମିଳିଛି। ଦୁଇଟି ବାଇକ୍‌ରେ ଚାରି ଜଣ ଯାଉଥିଲେ। ଗୋଟିଏ ବାଇକ୍‌ରେ ଦୁଇ ଜଣ ଯିବା ପରେ ଅନ୍ୟ ବାଇକରେ ଭାଇଭଉଣୀ ଯାଉଥିବା ବେଳେ ଏପରି ଦୁର୍ଘଟଣା ଘଟିଛି। ସାରଙ୍ଗଗଡ ଥାନା ଅଧିକାରୀ ସ୍ମିତା ଜେନା, ଦେବାଶିଷ ମହାପାତ୍ର, ଚତୁର୍ଭୁଜ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ନଗ୍ନ ଭିଡିଓ ଦେଖାଇ ବୃଦ୍ଧଙ୍କଠାରୁ ୮୮ ଲକ୍ଷ ଲୁଟ୍

■ କଟକ, ୨୦।୧ (ସମିସ): ପୁଣି କଟକ ସହରରେ ସେକ୍ସଟର୍ସନ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ ତଥା ୭୨ବର୍ଷୀୟ ବୃଦ୍ଧଙ୍କ ବ୍ୟାଙ୍କ୍ ଜମା ଖାତାରୁ ସାଇବର ଲୁଟେରାମାନେ ୮୮ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବୃଦ୍ଧଙ୍କୁ ନଗ୍ନ ଭିଡ଼ିଓ ଦେଖାଇ ଏଭଳି ଲୁଟ୍ କରାଯାଇଛି। ଏହି ଘଟଣାରେ ସାଇବର ଥାନା ପୁଲିସ ୫ଜଣ ସାଇବର ଅପରାଧିଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ମନୋଜ କୁମାର ଜେନା(୨୮), ପ୍ରଫୁଲ୍ଲ କୁମାର ବିଶ୍ୱାଳ(୬୫), ସଂଗ୍ରାମ ଜେନା(୨୨), ବାସୁଦେବ ରାଉତ(୨୫) ଏବଂ ମନୋରଞ୍ଜନ ରାଉତ(୬୦)। ଅଭିଯୁକ୍ତମାନେ ସମସ୍ତେ ଓଡ଼ିଆ ହୋଇଥିବା ବେଳେ ଏଥିରେ ଆନ୍ତଃରାଜ୍ୟ ସାଇବର ଲୁଟେରା ନଥିବା ସ୍ପଷ୍ଟ ହୋଇଛି। ଏମାନଙ୍କ ନିକଟରୁ ନଗଦ ୧୪ଲକ୍ଷ ୪୬୦ଟଙ୍କା, ୧୬ଟି ରୂପା ମୁଦ୍ରା, ୨ଟି ସୁନା ▶ପୃଷ୍ଠା-୭



**୧୪ଲକ୍ଷ ଟଙ୍କା, ୧୬ଟି ରୁପା ମୁଦ୍ରା, ୨ଟି ସୁନା କାନଫୁଲ, ମଙ୍ଗଳସୂତ୍ର, ସୁନା ଚେନ୍ ଓ ବ୍ରେସଲେଟ୍ ଜବତ**




**ମଣ୍ଡିରୁ ଉଠୁନି ଧାନ**

## ମିଲ୍ ଆଗରେ ବେପାରୀଙ୍କ ଟ୍ରାକ୍ଟର୍ ଧାଡ଼ି

■ ବଲାଙ୍ଗିର, ୨୦।୧ (ସମିସ): ବଲାଙ୍ଗିର ଜିଲ୍ଲାରେ ଧାନ କିଣାରେ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ମିଲର ଓ ପାକ୍ସ ସମ୍ପାଦକ ମିଶି ଗୋଲକଧନ୍ଦା ଆରମ୍ଭ କରିଦେଲେଣି। ଧାନ କିଣା ବିଳମ୍ବର ଫାଇଦା ନେଇ ସେମାନେ ବେପାରୀଙ୍କ ଧାନ ବିକି ମୋଟା ଅଙ୍କର କମିସନ ଖାଇବାକୁ ଉଦ୍ୟମ ଚଳାଇଛନ୍ତି। ଗୋଟିଏ ପଟେ ମିଲରମାନେ ଠିକ୍ ଭାବେ ମଣ୍ଡିକୁ ଗାଡ଼ି ପଠାଉ ନଥିବାରୁ ଧାନ ଉଠିପାରୁନାହିଁ। ଅନ୍ୟପଟେ ମିଲ ଆଗରେ ଧାନ ଭର୍ତ୍ତି ଟ୍ରାକ୍ଟର୍‌ଗୁଡ଼ିକର ଲମ୍ବା ଲାଇନ ଦେଖିବାକୁ ମିଳିଛି। ଧାନଭର୍ତ୍ତି ଟ୍ରାକ୍ଟର୍ କେଉଁ ଅଞ୍ଚଳରୁ ଆସୁଛି, କିଏ ଧାନ ଆଣୁଛି, ତାହା ଜଣାପଡୁନି। ଏପରି ସ୍ଥିତିରେ ପ୍ରକୃତ ଚାଷୀ ଜଳକା ଭଳି ଚାହିଁ ରହିଛି।

ଚଳିତ ବର୍ଷ ଜିଲ୍ଲାରେ ଧାନ କିଣା ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଅନ୍ୟ ବର୍ଷ ଜାନୁଆରୀ ଶେଷ ସୁଦ୍ଧା ପ୍ରାୟ ୭୫ ପ୍ରତିଶତ ଧାନକିଣା ସରିଯାଇଥାଏ; କିନ୍ତୁ ଚଳିତ ବର୍ଷ ଏହା ମନ୍ଥର ଗତିରେ ଚାଲିଛି। ତେବେ ଚାଷୀଙ୍କ ପାଖରେ ଧାନ ପଡ଼ି ରହିଥିବା ବେଳେ ଠିକ୍ ଭାବେ କିଣାଯାଉ ନଥିବା ଚାଷୀମହଲରେ ଅଭିଯୋଗ ହୋଇଛି। ଅନେକ ଟୋକନ୍ ଲାପ୍ସ ହୋଇଥିବା ବେଳେ ବିଳମ୍ବ ଚିନ୍ତାରେ ବହୁ ଚାଷୀ ଧାନ ବେପାରୀଙ୍କୁ ଶାଗମାଛ ଦରରେ ଧାନ ଟେକିଦେଉଥିବା ଦେଖିବାକୁ ମିଳୁଛି। ଏମିତିରେ ମଣ୍ଡିରେ ମଧ୍ୟ ଠିକ ଭାବେ ଧାନ କିଣା ଚାଲି ନଥିବା ଦେଖିବାକୁ ମିଳିଛି। ମଣ୍ଡିରେ ଧାନ ଗଦା ହୋଇ ରହୁଥିବା ବେଳେ ମିଲର ଗାଡ଼ି ପଠାଉନାହିଁ। କିନ୍ତୁ ମିଲ୍ ସାମ୍ନାରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳୁଛି। ମିଲ୍ ଆଗରେ ବହୁ ସଂଖ୍ୟାରେ ଧାନଭର୍ତ୍ତି ଟ୍ରାକ୍ଟର ଲାଗିଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ସହରରୁ ଲୋଇସିଂହା ରାସ୍ତାର ଛୁଇବନ୍ଧ ଛକଠାରେ ଥିବା ଏକ ରାଇସ୍ ମିଲ ବିଭିନ୍ନ ମଣ୍ଡିରୁ ପ୍ରାୟ ୪୦ ହଜାର କ୍ୱିଣ୍ଟାଲ ଧାନ ଉଠାଇ ସାରିଥିବା କାଗଜପତ୍ରରେ ଦର୍ଶାଯାଇଛି। ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କିଛି ଚାଷୀ ଅଭିଯୋଗ କରିଛନ୍ତି ଯେ ମିଲର୍ ସହ ମିଶି ଧାନ ବେପାରୀ, ପାକ୍ସ ସମ୍ପାଦକମାନେ ଗୋଲକଧନ୍ଦା ଚଳାଇଛନ୍ତି। ଚାଷୀଙ୍କଠାରୁ ଶାଗମାଛ ଦରରେ କିଣୁଥିବା ଧାନକୁ ଏଠାରେ ବିକ୍ରି କରାଯାଉଛି।

**ପାକ୍ସ ସମ୍ପାଦକ ଓ ମିଲରଙ୍କ ଭିତିରି କାରବାର**



ସକାଳ
www.sakalaepaper.com


# ଆମେରିକାରେ ଭୟଙ୍କର ବରଫ ଝଡ଼




ୱାଶିଂଟନ, ୨୦।୧ (ଏଜେନ୍ସି): ଶୁଳ୍କ ଲଗାଇ ଏବଂ ଆକ୍ରମଣ କରି ବିଶ୍ୱରେ ଝଡ଼ ସୃଷ୍ଟି କରିଥିବା ଆମେରିକାରେ ବରଫ ଝଡ଼ ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି। ମିଚିଗାନ ରାଜ୍ୟର ଗ୍ରାଣ୍ଡ ର୍ୟାପିଡ୍ସ ସହରରେ ଏହି ଝଡ଼ ଯୋଗୁଁ ଭୟଙ୍କର ସଡ଼କ ଦୁର୍ଘଟଣା ହୋଇଛି। ସୋମବାର ୧୯୬ ନମ୍ବର ଆନ୍ତଃରାଜ୍ୟ ରାଜପଥରେ ଶହେରୁ ଅଧିକ ଗାଡ଼ି ପରସ୍ପରକୁ ଧକ୍କା ଦେଇଛି। ୩୦ରୁ ଅଧିକ ବଡ଼ ବଡ଼ ଟ୍ରକ ରାସ୍ତା ମଝିରେ ଅଟକି ରହିଛି। ଅନେକ ଗାଡ଼ି ରାସ୍ତା କଡ଼କୁ ଖସି ଯାଇଛି। ଏଥିଯୋଗୁଁ ଲମ୍ବା ଟ୍ରାଫିକ ଜାମ ଲାଗିଛି। ମାତ୍ର ଏଥିରେ କେହି ମୃତାହତ ହେବାର ସୂଚନା ମିଳି ନାହିଁ। ସ୍ଥିତିକୁ ଦେଖି ପୁଲିସ ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରାଫିକକୁ ବନ୍ଦ କରିଦେଇଛି। ଝଡ଼ ଯୋଗୁଁ ପ୍ରବଳ ତୁଷାରପାତ ଏବଂ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବାରୁ ଏହି ଦୁର୍ଘଟଣା ଘଟିଛି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଦୁର୍ଘଟଣା ସମୟରେ ପ୍ରବଳ ତୁଷାରପାତ ହେଉଥିଲା। ରାସ୍ତା ଧଳା ବରଫର ଚାଦରରେ ଆଚ୍ଛାଦିତ ହୋଇ ଯାଇଥିଲା। ଫଳରେ ସ୍ପଷ୍ଟ ଭାବରେ ଦେଖିବା କାଠିକର ହୋଇ ଯାଇଥିଲା।

ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଗୋଟିଏ ଗାଡ଼ି ହଠାତ୍ ରାସ୍ତାରୁ ଖସି ଯିବାରୁ ପଛରେ ଆସୁଥିବା ଗାଡ଼ି ହଠାତ ବ୍ରେକ୍ ଦେଇପାରିଲେ ନାହିଁ। ଏଥିଯୋଗୁଁ ପଛକୁ ପଛ ଗୋଟିଏ ପରେ ଗୋଟିଏ ଗାଡ଼ି ଧକ୍କା ହେବାରେ ଲାଗିଥିଲା। କିଛି ସେକେଣ୍ଡ ମଧ୍ୟରେ ଏହା ଏକ ବଡ଼ ଦୁର୍ଘଟଣାରେ ପରିଣତ ହୋଇଥିଲା। ଡ୍ରାଇଭରମାନେ ନିଜ ଗାଡ଼ିକୁ ନିୟନ୍ତ୍ରଣ କରିବାକୁ ସମୟ ପାଇ ନ ଥିଲେ। ଏହାର ସୂଚନା ପାଇବା ମାତ୍ରେ ପୁଲିସ, ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ଦଳ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଛନ୍ତି। ଖରାପ ପାଗ ଯୋଗୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡିଛି। ବହୁ ଲୋକ ଗାଡ଼ି ସହିତ ରାସ୍ତାରେ ଫସି ରହିଛନ୍ତି। ସେମାନଙ୍କ ପାଖରେ ପହଞ୍ଚିବାକୁ ବହୁତ ସମୟ ଲାଗିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ତାମିଲନାଡୁ ବିଧାନସଭାରେ ପୁଣି ହାଇଡ୍ରାମା

ଚେନ୍ନାଇ, ୨୦।୧: ତାମିଲନାଡୁ ବିଧାନସଭାରେ ଆଜି ପୁଣି ହାଇଡ୍ରାମା ଦେଖିବାକୁ ମିଳିଛି। ଚଳିତ ବର୍ଷର ପ୍ରଥମ ଅଧିବେନଶନରେ ରାଜ୍ୟପାଳ ତାଙ୍କର ପାରମ୍ପରିକ ଅଭିଭାଷଣ ପ୍ରଦାନ କରିବାକୁ ଥିବା ବେଳେ ଏହା ନ କରି ସେ ବିଧାନସଭାରୁ ୱାକ୍ ଆଉଟ୍ କରିଛନ୍ତି। ବିଧାନସଭାରେ ଜାତୀୟ ସଙ୍ଗୀତକୁ ଅପମାନିତ କରାଯାଇଥିବାରୁ

- **ଅଭିଭାଷଣ ନ ପଢ଼ି ଗୃହ ଛାଡ଼ିଲେ ରାଜ୍ୟପାଳ**
- **ଜାତୀୟ ସଙ୍ଗୀତକୁ ଅପମାନ କରାଯାଇଛି: ରବି**
- **ରାଜ୍ୟପାଳଙ୍କୁ ସମାଲୋଚନା କଲେ ମୁଖ୍ୟମନ୍ତ୍ରୀ**

ରାଜ୍ୟପାଳ ଏଭଳି ନିଷ୍ପତ୍ତି ନେବାକୁ ବାଧ ହୋଇଛନ୍ତି ବୋଲି ଲୋକ ଭବନ (ରାଜଭବନ) ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏହାସହିତ କୁହାଯାଇଛି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ରରେ ମିଛ ତଥ୍ୟ ଦିଆଯାଇଥିବାରୁ ରାଜ୍ୟପାଳ ଏହାକୁ ପଢ଼ିବାକୁ ମନା କରିଦେଇଛନ୍ତି। ଏହାକୁ ମିଶାଇ ଚତୁର୍ଥ ଥର ଲାଗି ରାଜ୍ୟପାଳ ଏଭଳି ପଦକ୍ଷେପ ନେଇଥିବା ବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଏତାଦୃଶ ଆଚରଣ ପାଇଁ ରାଜ୍ୟପାଳଙ୍କର ସମାଲୋଚନା କରିଛନ୍ତି। ଏହାସହିତ ରାଜ୍ୟପାଳ ପଢ଼ିନଥିଲେ ମଧ୍ୟ ଏହି ଅଭିଭାଷଣପତ୍ରକୁ ଆଲୋଚନା ପାଇଁ ଆଗତ ପ୍ରସ୍ତାବକୁ ବିଧାନସଭାରେ ଅନୁମୋଦନ ପ୍ରଦାନ କରାଯାଇଛି।



ନୂଆବର୍ଷର ପ୍ରଥମ ବିଧାନସଭା ଅଧିବେଶନ ଆଜି ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ଏହି ଅଧିବେଶନରେ ରାଜ୍ୟପାଳ ଆରଏନ୍ ରବି ତାଙ୍କର ଅଭିଭାଷଣ ପ୍ରଦାନ କରିବା କଥା। ଏଥିପାଇଁ ରାଜ୍ୟପାଳ ବିଧାନସଭା ଯାଇଥିଲେ, କିନ୍ତୁ ଭାଷଣପତ୍ର ନପଢ଼ି ବିଧାନସଭା ବାହାରକୁ ପଳାଇଥିଲେ। ଏହାକୁ ନେଇ ବିଧାନସଭାରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଲୋକ ଭବନ (ରାଜ ଭବନ)ରୁ ରାଜ୍ୟପାଳଙ୍କ ପକ୍ଷରୁ ବିବୃତି ମାଧ୍ୟମରେ ସଫେଇ ଦିଆଯାଇଛ ରବିଙ୍କ ପଦକ୍ଷେପ ପ୍ରତି ଯୁକ୍ତି ଦର୍ଶାଯାଇଥିଛି। ଏଥିରେ କୁହାଯାଇଛି ଯେ ବିଧାନସଭାରେ ଜାତୀୟ ସଙ୍ଗୀତ କରାଯିବା ବଦଳରେ ତାମିଲ ରାଜ୍ୟ ସଙ୍ଗୀତ ଗାନ କରାଯାଇଥିଲା। ଏହା ଜାତୀୟ ସଙ୍ଗୀତ ପ୍ରତି ଘୋର ଅପମାନ ଥିଲା। ଏହାସହିତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ରକୁ ପଢ଼ିବାକୁ ରାଜ୍ୟପାଳ କାହିଁକି ମନାକଲେ, ତାହାର ମଧ୍ୟ ଏହି ବିବୃତିରେ ସ୍ପଷ୍ଟୀକରଣ ଦିଆଯାଇଛି। ଏଥିରେ କୁହାଯାଇଛି ଯେ ରାଜ୍ୟ ସରକାର ଯେଉଁ ଅଭିଭାଷଣ ପତ୍ର ପ୍ରସ୍ତୁତ କରିଛନ୍ତି, ସେଥିରେ କେବଳ ମିଛ କଥା ଲେଖାଯାଇଛି, ଯାହାକି ପ୍ରକୃତ ତଥ୍ୟ ଠାରୁ ବହୁ ଦୂରରେ। ଏହା ପଢ଼ିବା ସମ୍ଭବ ନୁହେଁ।

ତେବେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ରାଜ୍ୟପାଳଙ୍କ ଏତାଦୃଶ ଆଚରଣର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ପରମ୍ପରା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣପତ୍ର ରାଜ୍ୟପାଳ ପଢ଼ିବା କଥା। ଏଥିରେ ରାଜ୍ୟପାଳ ତାଙ୍କର ବ୍ୟକ୍ତିଗତ ମତାମତ ଦେଇପାରିବେ ନାହିଁ। ତେଣୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣକୁ ଆଲୋଚନା ପାଇଁ ଗ୍ରହଣ କରାଗଲା ବୋଲି ସେ ଗୃହରେ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ଗୃହୀତ ହୋଇଥିଲା।

ରାଜ୍ୟ ସରକାରଙ୍କ ସହିତ ବିବାଦରେ ଥିବା ରାଜ୍ୟପାଳ ରବି ଏହାକୁ ମିଶାଇ ଚତୁର୍ଥ ବର୍ଷ ଲାଗି ବିଧାନସଭାରୁ ଏଭଳି ୱାକ୍ ଆଉଟ୍ କରିଛନ୍ତି। ରାଜ୍ୟପାଳ ନିଯୁକ୍ତ ହେବାପରେ ରବି ୨୦୨୨ରେ ପ୍ରଥମ ଥର ଲାଗି ବିଧାନସଭାରେ ଅଭିଭାଷଣ ପ୍ରଦାନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ୨୦୨୩, ୨୦୨୪ ଏବଂ ୨୦୨୫ରେ ଅଭିଭାଷଣ ପ୍ରଦାନ ନକରି ରବି ବିଧାନସଭାରୁ ଆଜି ଭଳି ୱାକ୍ ଆଉଟ୍ କରିଥିଲେ।




# ବିଶ୍ୱ ମାନଚିତ୍ର ବଦଳାଇଦେଲେ ଟ୍ରମ୍ପ

## ଗ୍ରୀନଲାଣ୍ଡ, କାନାଡ଼ା, ଭେନେଜୁଏଲାକୁ ଆମେରିକାର ଅଂଶ ଦେଖାଇଲେ

ୱାସିଂଟନ, ୨୦।୧ (ଏଜେନ୍ସି): ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନଲାଣ୍ଡ ପରେ କାନାଡ଼ା ଦଖଲ ପାଇଁ ଯୋଜନା କରୁଛନ୍ତି। ସେ ଗ୍ରୀନଲାଣ୍ଡ ଏବଂ କାନାଡ଼ାକୁ ଆମେରିକାର ମାନଚିତ୍ରରେ ସାମିଲ କରିଛନ୍ତି। ଟ୍ରମ୍ପ କାର୍ଯ୍ୟାଳୟର ଏକ ଭାଇରାଲ ଭିଡିଓରେ ଥିବା ମାନଚିତ୍ରରେ ଏହା ଦେଖିବାକୁ ମିଳୁଛି। ଗ୍ରୀନଲାଣ୍ଡକୁ କବ୍‌ଜା କରିବା ପାଇଁ ଟ୍ରମ୍ପ ନାଟୋ ମୁଖ୍ୟ ମାର୍କ ରୁଟ୍‌ଙ୍କୁ ଫୋନ କରି କଥା ହୋଇଛନ୍ତି। ଗ୍ରୀନଲାଣ୍ଡ ପ୍ରସଙ୍ଗରେ ସ୍ୱିଜରଲାଣ୍ଡର ଡାଭୋସରେ ବୈଠକ ଡାକିବାକୁ ନିଷ୍ପତ୍ତି ନେଇଛନ୍ତି। ରୁଟ୍‌ଙ୍କୁ ଟ୍ରମ୍ପ କହିଥିଲେ ଯେ ଗ୍ରୀନଲାଣ୍ଡ ଆମେରିକାର ଜାତୀୟ ଏବଂ ବିଶ୍ୱ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱରେ ଶାନ୍ତି କେବଳ କ୍ଷମତା ଦ୍ୱାରା ହାସଲ କରାଯାଇପାରିବ। ଆଉ ଏବେ ଆମେରିକା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ। କେବଳ ଶକ୍ତି ମାଧ୍ୟମରେ ଶାନ୍ତି ହାସଲ କରାଯାଇପାରିବ ଏବଂ କେବଳ ଆମେରିକାର ଏହି କ୍ଷମତା ରହିଛି। ଟ୍ରମ୍ପ୍ ତାଙ୍କ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ମାନଚିତ୍ର ମଧ୍ୟ ସେୟାର କରିଛନ୍ତି। ଏଥିରେ କାନାଡ଼ା, ଗ୍ରୀନଲାଣ୍ଡ ଏବଂ ଭେନେଜୁଏଲାକୁ ଆମେରିକାର ଅଂଶ ଭାବରେ ଦର୍ଶାଯାଇଛି। ଅନ୍ୟପଟେ ଗ୍ରୀନଲାଣ୍ଡକୁ ଆମେରିକା ଯୁଦ୍ଧ ଜାହାଜ ପଠାଇଛି।

ଆମେରିକା ରାଷ୍ଟ୍ରପତି ଗ୍ରୀନଲାଣ୍ଡ, ଡେନମାର୍କ, ଫ୍ରାନ୍ସ ପରେ ଏବେ ବ୍ରିଟେନ ଉପରେ କ୍ଷୁବ୍ଧ ହୋଇଛନ୍ତି। ଭାରତ ମହାସାଗରରେ ଥିବା ଡିଏଗୋ ଗାର୍ସିଆ ଦ୍ୱୀପ ନେଇ ଟ୍ରମ୍ପ ବ୍ରିଟେନ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ଦ୍ୱୀପକୁ ମରିସସକୁ ଦେବା ପାଇଁ ବ୍ରିଟେନ ଯୋଜନା କରୁଛି। ମାତ୍ର ଏହା ଆମେରିକା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟୀ। ବିନା କାରଣରେ ମରିସସକୁ ଦେବା ସମ୍ପୂର୍ଣ୍ଣ ଭୁଲ୍ ନିଷ୍ପତ୍ତି। ଟ୍ରମ୍ପ ଯେଉଁ ଡିଏଗୋ ଗାର୍ସିଆ ଦ୍ୱୀପ କଥା କହୁଛନ୍ତି ତାହା ଚାଗୋସ୍ ଦ୍ୱୀପର ଏକ ଅଂଶ। ଏହା ଭାରତ ମହାସାଗରରେ ରହିଛି। ୧୮୧୪ମସିହାରେ ନେପୋଲିୟନଙ୍କ ପରାଜୟ ପରେ ପ୍ୟାରିସ ଚୁକ୍ତି ଅନୁଯାୟୀ ଚାଗୋସ୍ ଦ୍ୱୀପପୁଞ୍ଜ ଏବଂ ମରିସସ୍ ବ୍ରିଟିଶ ନିୟନ୍ତ୍ରଣକୁ ଆସିଥିଲେ। ମରିସସ୍ ୧୯୬୮ରେ ସ୍ୱାଧୀନତା ଲାଭ କରିଥିଲା। ସେହି ସମୟରେ ବ୍ରିଟିଶ ପ୍ରତିରକ୍ଷା ପାଇଁ ଆବଶ୍ୟକ ନ ଥିଲେ ଦ୍ୱୀପ ଗୁଡ଼ିକୁ ମରିସସକୁ ଫେରାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସର୍ବବୃହତ ଦ୍ୱୀପ ଡିଏଗୋ ଗାର୍ସିଆରେ ବ୍ରିଟିଶ ଏବଂ ଆମେରିକାର ମିଳିତ ସାମରିକ ଘାଟି ରହିଛି।

# ମାଘମେଳାରେ ଶଙ୍କରାଚାର୍ଯ୍ୟଙ୍କୁ ନେଇ ବିବାଦ

ପ୍ରୟାଗରାଜ, ୨୦।୧ (ଏଜେନ୍ସି): ମୌନି ଅମାବାସ୍ୟା ଅବସରରେ ପାଲିଙ୍କି ସହ ସ୍ନାନ ପାଇଁ ଅନୁମତି ନ ଦେବାରୁ ଜ୍ୟୋତିଷପୀଠ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ତିନି ଦିନ ହେଲା ଧାରଣା ଦେଉଛନ୍ତି। ସେ ପ୍ରଶାସନ ଏବଂ ସରକାରଙ୍କ ସହ ମୁହାଁମୁହିଁ ହୋଇଛନ୍ତି। ନ୍ୟାୟ ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରଖିବେ ବୋଲି କହିଛନ୍ତି। ଏପରି ସମୟରେ ପ୍ରଶାସନ ତାଙ୍କୁ ନୋଟିସ ଜାରି କରିଛି। ସେ ପ୍ରକୃତ ଶଙ୍କରାଚାର୍ଯ୍ୟ ବୋଲି ପ୍ରମାଣ ଦେବାକୁ ୨୪ ଘଣ୍ଟା ସମୟ ଦେଇଛି। ସୂଚନା ଅନୁଯାୟୀ, ଜ୍ୟୋତିଷପୀଠର ପଦବୀକୁ ନେଇ ଅବିମୁକ୍ତେଶ୍ୱରାନନ୍ଦ ଏବଂ ବାସୁଦେବାନନ୍ଦଙ୍କ ମଧ୍ୟରେ ବିବାଦ ରହିଛି। ଏବେ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ରାୟ ନ ଆସିବା ପର୍ଯ୍ୟନ୍ତ କାହାକୁ ଶଙ୍କରାଚାର୍ଯ୍ୟ ଘୋଷଣା କରାଯିବ ନାହି ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହାକୁ ଆଧାର କରି ପ୍ରଶାସନ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ନୋଟିସ ଜାରି କରିଛି। ଏବେ ସେ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ କାନ୍ଧରେ ବନ୍ଧୁକ ରଖି ପ୍ରଶାସନ ଯେଉଁ ଭୁଲ କରିଛି ଏମାନେ ତାହାର ପିଛା କରୁଛନ୍ତି। ସୁପ୍ରିମକୋର୍ଟଙ୍କ ମିଥ୍ୟା ଆଧାର ଦେଇ ଏହି ଲୋକେ କେତେ ଦିନ ପର୍ଯ୍ୟନ୍ତ ବଞ୍ଚି ରହିବେ? ସରକାର ନିଜେ ମହାକୁମ୍ଭକୁ ନେଇ ଏକ ପତ୍ରିକା ଛାପି ଥିଲେ। ଏଥିରେ ମୋତେ ଶଙ୍କରାଚାର୍ଯ୍ୟ କୁହାଯାଇଥିଲା। କିଏ ଶଙ୍କରାଚାର୍ଯ୍ୟ ହେବେ ତାହା ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା ଦେଶର ରାଷ୍ଟ୍ରପତି ସ୍ଥିର କରିପାରିବେ ନାହିଁ।



- **ଅବିମୁକ୍ତେଶ୍ୱରାନନ୍ଦଙ୍କୁ ସରକାରଙ୍କ ନୋଟିସ**
- **୨୪ ଘଣ୍ଟାରେ ଶଙ୍କରାଚାର୍ଯ୍ୟ ହେବାର ପ୍ରମାଣ ଦିଅନ୍ତୁ**

ରାଷ୍ଟ୍ରପତିଙ୍କ ପାଖରେ ମଧ ଶଙ୍କରାଚାର୍ଯ୍ୟ ସ୍ଥିର କରିବାର ଅଧିକାର ନାହିଁ।

ଅବିମୁକ୍ତେଶ୍ୱରନାନ୍ଦ କହିଛନ୍ତି ଯେ ଅନ୍ୟ ତିନୋଟି ପୀଠର ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଗ୍ରହଣୀୟ ହେଲେ ତାଙ୍କୁ ଶଙ୍କରାଚାର୍ଯ୍ୟ କୁହାଯାଏ। ଦ୍ୱାରକା ଓ ଶୃଙ୍ଗେରିର ଶଙ୍କରାଚାର୍ଯ୍ୟ ମୋତେ ମାନ୍ୟତା ଦେଇଛନ୍ତି। ଏହାଠାରୁ ଆଉ କଣ ପ୍ରମାଣ ଆବଶ୍ୟକ ବୋଲି ଅବିମୁକ୍ତେଶ୍ୱରାନନ୍ଦ ପ୍ରଶ୍ନ କରିଛନ୍ତି। କିଏ ଶଙ୍କରାଚାର୍ଯ୍ୟ ହେବ ତାହାର ନିଷ୍ପତ୍ତି ପ୍ରଶାସନ ନେଇପାରିବ ନାହିଁ? ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଶଙ୍କରାଚାର୍ଯ୍ୟ ହିଁ ନିଷ୍ପତ୍ତି ନେଇଥାନ୍ତି। ପୁରୀର ଶଙ୍କରାଚାର୍ଯ୍ୟ ଏହା ଉପରେ କିଛି ମନ୍ତବ୍ୟ ଦେଇନାହାନ୍ତି। ସେ ନୀରବ ଅଛନ୍ତି। ସୁପ୍ରିମକୋର୍ଟ ମଧ ତାଙ୍କଠାରୁ କୌଣସି ମତାମତ ଲୋଡ଼ି ନ ଥିଲେ। ସେ ମଧ ମୌନ ଭାବେ ସମ୍ମତି ଦେଉଛନ୍ତି। ତେଣୁ ଅବିମୁକ୍ତେଶ୍ୱରନାନ୍ଦ ନିଜକୁ ନିର୍ବିବାଦୀୟ ଶଙ୍କରାଚାର୍ଯ୍ୟ କହିଛନ୍ତି।

ସୂଚନାଯୋଗ୍ୟ ଯେ ମୌନି ଅମାବାସ୍ୟ ଦିନ ପାଲିଙ୍କି ସହ ସ୍ନାନ ପାଇଁ ପ୍ରଶାସନ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦଙ୍କୁ ଅନୁମତି ଦେଇ ନ ଥିଲା। ଚାଲି ଯିବାକୁ କହିଥିଲା ଏହାକୁ ନେଇ ବିବାଦ ହୋଇଥିଲା। ଶଙ୍କରାଚାର୍ଯ୍ୟଙ୍କ ଅନୁଗାମୀ ଏବଂ ପୁଲିସ ମୁହାଁମୁହିଁ ହୋଇଥିଲେ। ପୁଲିସ ସମସ୍ତ ସୀମା ଉଲ୍ଲଙ୍ଘନ କରି ସାଧୁସନ୍ଥଙ୍କ ଚୁଟି ଭିଡ଼ି ମାଡ଼ ମାରିଥିବାର ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣା ପାଇଁ ଅବିମୁକ୍ତେଶ୍ୱରନାନ୍ଦ ଉତ୍ତର ପ୍ରଦେଶ ସରକାରଙ୍କୁ ଦାୟୀ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏପରି ହେଉଥିବା କହିଥିଲେ।



ଉତ୍ତର ପ୍ରଦେଶ ନୋଏଡ଼ାରେ ଡ୍ରେନକୁ ଖସି ପ୍ରାଣ ହରାଇଥିବା ୨୭ ବର୍ଷୀୟ ସଫ୍ଟୱେୟାର ଇଞ୍ଜିନିୟର ଯୁବରାଜ ମେହେଟାଙ୍କ ଗାଡ଼ିକୁ ଉଦ୍ଧାର କରାଯାଇଛି। ଏହି ମାମଲାରେ ବିଲ୍ଡର ଅଭୟ କୁମାରଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ମାଲିକଙ୍କୁ ସନ୍ଧାନ କରାଯାଉଛି।

# ମୁମ୍ବାଇ ଭଳି ଆକ୍ରମଣ ପାଇଁ ଲସ୍କରର ପ୍ରସ୍ତୁତି

ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ଆତଙ୍କବାଦୀକୁ ରାଷ୍ଟ୍ରନୀତି କରିଥିବା ପାକିସ୍ତାନ ଭାରତ ବିରୋଧରେ କ୍ରମାଗତ ଭାବେ ଷଡ଼ଯନ୍ତ୍ର କରିଚାଲିଛି। ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ସମର୍ଥନରେ ଏଥିପାଇଁ ଆତଙ୍କବାଦୀ ସଂଗଠନ ଗୁଡ଼ିକ ପ୍ରୟାସ କରୁଛନ୍ତି। ଭାରତର ବିଭିନ୍ନ ସ୍ଥାନରେ ମୁମ୍ବାଇ ଭଳି ଆକ୍ରମଣ କରିବାକୁ ଆତଙ୍କବାଦୀ ଯୋଜନା କରୁଛନ୍ତି। ଏବେ ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଆତଙ୍କବାଦୀ ସଂଗଠନ

**ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରୁଛି ଏଲ୍ଇଟି**

ଲସ୍କର-ଇ-ତୋଏବା (ଏଲଇଟି)ର ଏହି ଭିଡିଓ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତା ବଢ଼ାଇ ଦେଉଛି। ଏହି ଭିଡିଓରେ ଦେଖିବାକୁ ମିଳୁଛି ଯେ ଏଲଇଟି ଏବଂ ଏହାର ରାଜନୈତିକ ଶାଖା ପାକିସ୍ତାନ ମର୍କଜ ମୁସଲିମ ଲିଗ୍ ସହ ଜଡିତ ବ୍ୟକ୍ତି ଜଳପଥରେ ଆକ୍ରମଣ ପାଇଁ ଆତଙ୍କବଦୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସମୁଦ୍ର ପଥରେ ଡଙ୍ଗା ମାଧ୍ୟମରେ ଲମ୍ବା ଯାତ୍ରା ପାଇଁ ଅଭ୍ୟାସ କରାଯାଉଛି। ଏହି ଆତଙ୍କବାଦୀ ସଂଗଠନ ସାମୁଦ୍ରିକ ଆକ୍ରମଣ ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ପ୍ରସ୍ତୁତ କରୁଛି। ୨୦୦୮ ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣକାରୀ ମଧ୍ୟ ଡଙ୍ଗା ମାଧ୍ୟମରେ ସମୁଦ୍ର ପଥ ଦେଇ ଆସିଥିଲେ। ତେଣୁ ଏହି ଭିଡିଓକୁ ଗମ୍ଭୀରତାର ସହ ବିଚାର କରାଯାଉଛି। ପୂର୍ବରୁ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ) ମୁଖ୍ୟ ମାସୁଦ ଆଝାର ଭାରତକୁ ଧମକ ଦେଇଥିଲା। ସେ ଏକ ଭିଡିଓରେ ଭାରତରେ ଆକ୍ରମଣ ପାଇଁ ଆତ୍ମଘାତୀଙ୍କ ସେନା ପ୍ରସ୍ତୁତ କରିଥିବା କହିଥିଲା। ଏବେ ଏଲଇଟିର ଭିଡିଓ ଭାଇରାଲ ହେଉଛି। ଏଥିରେ ଏଲଇଟି କମାଣ୍ଡର ହରିଶ ଡାର ଆତଙ୍କବାଦୀକୁ ପ୍ରଶିକ୍ଷଣ ଦେଉଥିବା ଦେଖାଯାଉଛି। ସେ ସ୍କୁବା ଡାଇଭିଂ, ପହଁରା, ଡଙ୍ଗା ପରିଚାଳନା ଓ ଉଦ୍ଧାର ଭଳି କାର୍ଯ୍ୟକଳାପ ବିଷୟରେ ସୂଚନା ଦେଉଛି। ଅନ୍ୟ ଜଣେ ଲସ୍କର କମାଣ୍ଡର କହୁଛି ଯେ ସଂଗଠନ ଏକ ଜଳ ବାହିନୀ ପ୍ରସ୍ତୁତ କରୁଛି। ୧୩୫ ଜଣଙ୍କୁ ଡଙ୍ଗା ଚଳାଇବା ପାଇଁ ତାଲିମ ଦିଆଯାଇଛି। କିଛି ଦିନ ତଳେ ଏଲଇଟି କମାଣ୍ଡର ଆମିର ଜିଆ ଭାରତରେ ବିନାଶ ଓ ପାକ୍ ଅଧିକୃତ କାଶ୍ମୀରରେ ଜିହାଦ ଆରମ୍ଭ କରିବାକୁ ଧମକ ଦେଇଥିଲା।

# ଅଶ୍ଳୀଳ ଭିଡିଓ ଭାଇରାଲ ପରେ କର୍ଣ୍ଣାଟକ ଡିଜିପି ନିଲମ୍ବିତ

ବେଙ୍ଗାଲୁରୁ, ୨୦।୧ (ଏଜେନ୍ସି): ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ କର୍ଣ୍ଣାଟକ ଡିଜିପି (ସିଭିଲ ରାଇଟ୍ସ ଏନଫୋର୍ସମେଣ୍ଟ) କେ ରାମଚନ୍ଦ୍ର ରାଓଙ୍କୁ ସରକାର ନିଲମ୍ବନ କରିଦେଇଛନ୍ତି। ସୋମବାର ଭାଇରାଲ ହୋଇଥିବା ଭିଡିଓରେ ରାମଚନ୍ଦ୍ର ରାଓଙ୍କୁ ଅନେକ ମହିଳାଙ୍କ ସହ ଆପତ୍ତି ଜନକ ଅବସ୍ଥାରେ ଦେଖା ଯାଇଥିଲା। ମାତ୍ର ସେ ଏହି ଭିଡିଓକୁ ନକଲି କହି ଖଣ୍ଡନ କରିଦେଇଥିଲେ। ଏଆଇ ଦ୍ୱାରା ଅନେକ ଭିଡିଓ ପ୍ରସ୍ତୁତ କରିହେବ ବୋଲି ଉଲ୍ଲେଖ କରିଥିଲେ। ଭାବମୂର୍ତ୍ତିକୁ ଖରାପ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଭିଡିଓ ପଛର ସତ୍ୟତା ଉନ୍ମୋଚନ ପାଇଁ ଫରେନସିକ୍ ତଦନ୍ତ ଦାବି କରିଥିଲେ। କିନ୍ତୁ ସରକାର ତାଙ୍କର ଏହି ଯୁକ୍ତିକୁ ସ୍ୱୀକାର କରିନାହାନ୍ତି।

ଭିଡିଓ ଭାଇରାଲ ହେବା ପରେ ରାମଚନ୍ଦ୍ର ରାଓ କର୍ଣ୍ଣାଟକର ଗୃହମନ୍ତ୍ରୀ ଜି. ପରମେଶ୍ୱରଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର ସେଠାରୁ ତାଙ୍କୁ ସାକ୍ଷାତ କରି ନ ପାରି ଫେରି ଆସିଥିଲେ। ସାମାଜିକ ଗଣମାଧ୍ୟମରେ ଭାଇରାଲ ଭିଡିଓରେ ଦେଖାଯାଉଛି ଯେ ଚୌକିରେ ବସିଥିବା ରାମଚନ୍ଦ୍ରଙ୍କୁ ଆପତ୍ତିଜନକ ସ୍ଥିତିରେ ଅନେକ ମହିଳା



ଘେରି ରହିଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏହି ମାମଲାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ଏହାର ଏକ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ସିଦ୍ଧରମୈୟା କହିଛନ୍ତି ଯେ ତାଙ୍କୁ ସୋମବାର ଭିଡିଓ ବିଷୟରେ ଅବଗତ କରାଯାଇଥିଲା। ଏଥିରେ ତିନୋଟି ଭିଡିଓକୁ ଏକାଠି ଯୋଡ଼ା ହୋଇଛି। ଭୁଲ ଥିଲେ ଅଧିକାରୀ ଯେତେ ବରିଷ୍ଠ ହେଲେ ବି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭିଡିଓଟି କେଉଁ ପରିସ୍ଥିତିରେ ରେକର୍ଡ କରାଯାଇଥିଲା ଓ କିଏ ଏହାକୁ ଭାଇରାଲ କରିଥିଲା ତାହାର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ରାଓଙ୍କ ସାବତ ଝିଅ ରନ୍ୟା ରାଓ ପୂର୍ବରୁ ସୁନା ଚୋରା ଚାଲାଣ ମାମଲାରେ ଫସି ଥିଲେ। ଏହାକୁ ନେଇ ରାମଚନ୍ଦ୍ର ରାଓ ଚର୍ଚ୍ଚାରେ ଥିଲେ। ତେବେ ଝିଅ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା କହିଥିଲେ। ସେହିପରି ରାଓ ଦକ୍ଷିଣ ରେଞ୍ଜର ପୁଲିସ ମହାନିରୀକ୍ଷକ (ଆଇଜିପି) ଭାବରେ କାର୍ଯ୍ୟ କରୁଥିବା ବେଳେ ୨୦୧୪ରେ ତାଙ୍କ ବିରୋଧରେ ବିବାଦୀୟ ଟଙ୍କା ଜବତ ମାମଲା ଲାଗିଥିଲା।

# ଆସାମରେ ହିଂସା; ଥାନା ଜାଳିଦେଲେ, କୋକରାଝରରେ ଇଣ୍ଟରନେଟ୍ ବନ୍ଦ

କୋକରାଝର, ୨୦।୧ (ଏଜେନ୍ସି): ନିର୍ବାଚନ ପୂର୍ବରୁ ଆସାମରେ ପୁଣି ହିଂସା ହୋଇଛି। ଲୋକେ ଜଣକୁ ପିଟି ପିଟି ମାରି ଦେବା ପରେ କୋକରାଝାରରେ ବୋଡୋ ସମୁଦାୟ ଏବଂ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏହାକୁ ନେଇ ଉଭୟ ସମ୍ପ୍ରଦାୟ ଘର ଏବଂ କରିଗାଓଁ ପୁଲିସ ପୋଷ୍ଟକୁ ଜାଳି ଦେଇଛନ୍ତି। ଲୋକେ ଟାୟାର ଜାଳି କରିଗାଁଓ ଦେଇ ଯାଇଥିବା ଜାତୀୟ ରାଜପଥ ବନ୍ଦ କରିଦେଇଛନ୍ତି। ଆଇନ ବ୍ୟବସ୍ଥା ସ୍ଥିତି ବିଗିଡୁଥିବା ଦେଖି ପ୍ରଶାସନ ର୍ୟାପିଡ ଆକ୍ସନ ଫୋର୍ସନ ମୁତୟନ କରିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଇଣ୍ଟରନେଟକୁ ବନ୍ଦ କରିଦିଆଯାଇଛି। ସୂଚନା ଅନୁଯାୟୀ, ସୋମବାର ରାତିରେ କରିଗାଓଁ ଛକ ନିକଟସ୍ଥ ମାନସିଂହ ମାର୍ଗରେ ଗୋଟିଏ ଗାଡ଼ି ଦୁଇ ଆଦିବାସୀ ଯୁବକଙ୍କୁ ଧକ୍କା ଦେଇଥିଲା। ଏହି କାର୍‌ରେ ବୋଡୋ ସମ୍ପ୍ରଦାୟର ତିନି ଜଣ ଲୋକ ଥିଲେ। ଦୁର୍ଘଟଣା ପରେ କାର୍‌ରେ ଯାଉଥିବା ଲୋକଙ୍କୁ ଆଦିବାସୀ ମାଡ଼ ମାରି ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ। ସେ ଠିକାଦାର ମରାଣ୍ଡା ବସୁମତାରିଙ୍କ ଜ୍ୱାଇଁ ଥିଲେ। ସେ ଅଞ୍ଚଳରେ ଚାଲୁଥିବା ସଡ଼କ ନିର୍ମାଣ ପ୍ରକଳ୍ପରେ ସାମିଲ ଥିଲେ।

# ଖୁବଶୀଘ୍ର ପାକିସ୍ତାନ ଗଠନର ଲକ୍ଷ୍ୟ ହାସଲ ହେବ: ମୁନୀର

ଇସଲାମାବାଦ, ୨୦।୧ (ଏଜେନ୍ସି): ଇସଲାମ ନାମରେ ଗଠିତ ପାକିସ୍ତାନ ଖୁବଶୀଘ୍ର ନିଜ ଲକ୍ଷ୍ୟ ପୂରଣ କରିବାକୁ ଯାଉଛି। ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନୀର ଏକ ସାକ୍ଷାତକାରରେ ରବିବାରଏହି ଟିପ୍ପଣୀ ଦେଇଛନ୍ତି। ଏହି ଅବସରରେ ସେ ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ନାତି ଜୁନୈଦ ସଫଦରଙ୍କ ବିବାହ ଭୋଜିରେ ସାମିଲ ହେବାକୁ ଆସିଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ, ନୱାଜ ସରିଫ, ମରିୟନ ନୱାଜ, ଅନେକ ବରିଷ୍ଠ ନେତା, ମନ୍ତ୍ରୀ ଏବଂ ସାମରିକ ଅଧିକାରୀ ଉପସ୍ଥିତ ଥିଲେ। ଏଠାରେ ମୁନୀର କହିଥିଲେ ଯେ ପାକିସ୍ତାନର ମୂଳଦୁଆ ହେଉଛି ଇସଲାମ। ଦେଶ ସ୍ଥିର ଭାବରେ ନିଜର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛି। ବିଶ୍ୱର ଇସଲାମିକ ଦେଶଗୁଡ଼ିକ ପାକିସ୍ତାନକୁ ଚିହ୍ନିଛନ୍ତି। ଆଲ୍ଲାହଙ୍କ କୃପା ସହିତ ଆମେ ଆଗକୁ ବଢୁଛୁ। ଲକ୍ଷ୍ୟ ହାସଲରେ ଆମେ ସଫଳ ହେବୁ। ବିଶ୍ୱ ସ୍ତରରେ ପାକିସ୍ତାନ ଆର୍ଥିକ ପ୍ରଭାବ ଏବଂ ସ୍ଥିତିରେ ଯଥେଷ୍ଟ ଉନ୍ନତି ହୋଇଛି। ଯଦି ବ୍ୟକ୍ତିଗତ ଭାବରେ ମୋତେ କୌଣସି ପ୍ରଶଂସା ମିଳୁଛି ତେବେ ତାହା ଆଲ୍ଲାଙ୍କ କୃପାରୁ ସମ୍ଭବ ହୋଇପାରିଛି। ମୁନୀରଙ୍କ ଏହି ମନ୍ତବ୍ୟକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଯୋଡ଼ି ଦେଖାଯାଉଛି। ପାକିସ୍ତାନରେ ଥିବା ଖଣିଜ ସମ୍ପତ୍ତି ଦେବାକୁ ମୁନୀର ଟ୍ରମ୍ପଙ୍କୁ ଆଶ୍ୱାସନା ଦେଇଥିଲେ ବୋଲି କୁହାଯାଉଛି।

# ଗିଧନୀପାନୀ ଗାଁରେ କଲରାପତରିଆ ବାଘ

ନୂଆପଡା,୨୦ ।୧(ସମିସ): ନୂଆପଡା ବ୍ଲକ୍ କେନ୍ଦୁବାହାରା ପଞ୍ଚାୟତର ଗିଧନୀପାନୀଗାଁ ଅଞ୍ଚଳରେ କଲରାପତରିଆ ବାଘ ପଇଁତରା ମାରୁଥିବାବେଳେ ଗାଁର କୁକୁର, ବଳଦକୁ ଆକ୍ରମଣ କରି ଲୋକଙ୍କୁ ମଧ୍ୟ ଟାର୍ଗେଟ କରୁଥିବା ଜଣାପଡିଛି । କ୍ଷେତରେ କାମ କରୁଥିବା ଜଣେ



ଚାଷୀଙ୍କ ସହ ଜେସିବି ଗାଡିକୁ ପିଛା କରି ଗାଁ ପର୍ଯ୍ୟନ୍ତ ଦୌଡାଇଥିବା ଖବର ଚର୍ଚ୍ଚାର ବିଷୟ ହୋଇଛି । ପ୍ରକାଶ ଯେ ନୂଆପଡା ଜିଲ୍ଲା ସଦର ମହକୁମା ଠାରୁ ଚଉଦ କିମି ଦୂର କେନ୍ଦୁବାହାରା ପଞ୍ଚାୟତ ଗିଧନୀପାନୀଗାଁରେ କଲରାପତରିଆ ବାଘ ବାରମ୍ବାର ଆସି ଘୁରିବୁଲୁଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି । ଦୁଇ ଦିନ ତଳେ ଗାଁର ଦୁଇଟି ବୁଲା କୁକୁରଙ୍କୁ ଟେକି ନେଇ ଖାଇଯାଇଥିବା ଗ୍ରାମବାସୀ କହିଛନ୍ତି । ଏହିଭଳି ଗାଁର ନନ୍ଦ କୁମାର ସିଦାର ନାମକ ଜନୈକ ଚାଷୀଙ୍କ ବଳଦକୁ ଆକ୍ରମଣ କରି ରକ୍ତାକ୍ତ କରିଛି ।ସୋମବାର ରାତିରେ ଗାଁଠାରୁ ମାତ୍ର ୩ଶହ ମିଟର ଦୂରରେ ଗେନ୍ଦରାମ ବାରିକ ନାମକ ଜନୈକ ଚାଷୀ ନିଜ କ୍ଷେତରେ ଜେସିବି ସାହାଯ୍ୟରେ ଜମି ମରାମତି କାମ କରୁଥିଲେ । ଏହି ସମୟରେ ବାଘ ଆସି ଜଗି ରହିଥିଲା । ଜେସିବିରେ ଗେନ୍ଦରାମ ବସିବା ପରେ ଆଗେ ଆଗେ

■ ଜେସିବିକୁ ପିଛା କରି ଦୌଡିଲା ବାଘ
■ ୨କୁକୁର ଖାଇ, ବଳଦକୁ ଘାଇଲା କରିଛି


ଦୌଡିଥିଲା । ଡ୍ରାଇଭର ସହ ଭୟଭୀତ ହୋଇ ଗାଁକୁ ଚାଲିଆସିଥିଲେ । ଏହିଭଳି ଜଣେ ମହିଳା ବାସନ ସଫା କରୁଥିବା ସମୟରେ ମାତ୍ର ୩୦ ମିଟର ଦୂରରେ ବାଘ ଆସି ଜଗି ରହିଥିଲା । ଏଭଳି ସ୍ଥିତିରେ ବର୍ତ୍ତମାନ ଗାଁରେ ସଂଧ୍ୟା ହେଲେ ଲୋକେ ତାଟି କବାଟ ବନ୍ଦ କରିଦେଉଛନ୍ତି । ଖବର ପାଇ ନୂଆପଡା ବନବିଭାଗର ଅଧିକାରୀମାନେ ଗାଁରେ ପହଞ୍ଚି ଲୋକଙ୍କଠାରୁ ସବୁ ବିବରଣୀ ସଂଗ୍ରହ କରିଥିଲେ । ସମସ୍ତଙ୍କୁ ସଚେତନ ରହିବାକୁ ଅନୁରୋଧ କରିଛନ୍ତି ।

# ନିବେଶ ଆଳରେ ୨କୋଟିର ଚୂନ

## ଉତ୍ତରାଖଣ୍ଡ ଓ ମହାରାଷ୍ଟ୍ରରୁ ୨ଅଭିଯୁକ୍ତ ଗିରଫ

କଟକ, ୨୦ ।୧(ସମିସ): ସୋସିଆଲ ମିଡିଆରେ ଯୋଗାଯୋଗ ସ୍ଥାପନ କରି ହ୍ୱାଟସଆପ୍ ଗ୍ରୁପ୍ ଜରିଆରେ ଅନଲାଇନ ଅର୍ଥ ବିନିଯୋଗ ନାଁରେ ହେଉଥିବା ବଡ଼ଧରଣର ସାଇବର ଠକେଇ ଘଟଣାରେ ଓଡ଼ିଶା କ୍ରାଇମବ୍ରାଞ୍ଚକୁ ଏକ ବଡ଼ ସଫଳତା ମିଳିଛି । ଦୁଇଟି ପୃଥକ ମାମଲାରେ କ୍ରାଇମବ୍ରାଞ୍ଚ ଦଳ ଉତ୍ତରାଖଣ୍ଡ ଏବଂ ମହାରାଷ୍ଟ୍ରରୁ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଧିକ ସୁଧର ପ୍ରଲୋଭନ ଦେଖାଇ ଦୁଇ ଅଭିଯୁକ୍ତ ନିରୀହ ଲୋକଙ୍କଠାରୁ ପ୍ରାୟ ୨ କୋଟିରୁ ଅଧିକ ଟଙ୍କା ଠକେଇ କରିଥିଲେ । ଗିରଫଦ୍ୱୟ ହେଲେ, ଉତ୍ତରାଖଣ୍ଡ ଡେରାଡୁନ ବିକାଶ ନଗରର ଅଭିଷେକ ଚାନ୍ଦେଲ(୩୯) ଓ ମହାରାଷ୍ଟ୍ର ଅନ୍ଧେରୀର ମହିଳା ଅଭିଯୁକ୍ତ ଜିନାଲି ଜଗଦୀଶ ଶାହ(୩୨) ।

ଅଭିଷେକ ସୋସିଆଲ ମିଡିଆ ଜରିଆରେ ଲୋକଙ୍କୁ ଯୋଗାଯୋଗ କରି ପ୍ରଲୋଭନ ଦେଖାଉଥିଲା । ଯିଏ ତା' ଜାଲରେ ଫସୁଥିଲା, ତାହାର ଆକାଉଣ୍ଟ ଖାଲି କରିଦେଉଥିଲା । ସେ ନିବେଶକାରୀଙ୍କୁ 'କଲେକ୍ସନ ଷ୍ଟାଇଲ' ନାମକ ଏକ ହ୍ୱାଟସଆପ୍ ଗ୍ରୁପରେ ସାମିଲ କରୁଥିଲା । ଏଭଳି ଭାବେ ସେ ପ୍ରାୟ ୭୩ ଲକ୍ଷ ୫୬ ହଜାର ୩୫୪ଟଙ୍କା ଠକି ନେଇଥିଲା । ପ୍ରଥମ ଘଟଣାରେ, କ୍ରାଇମବ୍ରାଞ୍ଚର ସାଇବର ପୁଲିସ ଥାନାରେ ମାମଲା ରୁଜୁ ହୋଇଥିଲା । ଇନ୍ସପେକ୍ଟର ଗୀତାଞ୍ଜଳି ଜେନାଙ୍କ

ନେତୃତ୍ୱରେ ଏକ ଟିମ୍ ଡେରାଡୁନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଧରିଥିଲେ । ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍ ଏବଂ ସିମ୍‌କାର୍ଡ ଜବତ କରାଯାଇଛି । ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯିବା ପରେ ତାଙ୍କୁ ଚଣ୍ଡିଖୋଲ ଜେଏମଏଫସି କୋର୍ଟରେ ହାଜର କରାଯିବ । ଦ୍ୱିତୀୟ ମାମଲାରେ ଅଭିଯୁକ୍ତ ମହାରାଷ୍ଟ୍ର ଥାନେ ଅଞ୍ଚଳର ଜିନାଲି ପୂର୍ବପରି ଏଠାରେ ମଧ୍ୟ ସୋସିଆଲ ମିଡିଆ ଏବଂ ହ୍ୱାଟସଆପ୍ ଗ୍ରୁପ୍ ମାଧ୍ୟମରେ ପୀଡ଼ିତଙ୍କୁ ଫସାଯାଇଥିଲା । ଆଇପିଓ ଓ ଓଟିସି ଟ୍ରେଡିଂ ନାମରେ ନିବେଶ କରିଲେ ବହୁତ ଲାଭ ହେବ ବୋଲି ପ୍ରଲୋଭନ ଦେଖାଇଥିଲା । ପୀଡ଼ିତ ପ୍ରାୟ ୧ କୋଟି ୪୦ଲକ୍ଷ ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଆଉ ଫେରିନପାଇବାରୁ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ । ଏହି ମାମଲାରେ ଇନ୍ସପେକ୍ଟର ଆଶୁତୋଷ ହୋତାଙ୍କ ନେତୃତ୍ୱରେ ଏକ ଟିମ୍ ମୁମ୍ବାଇରେ ଚଢ଼ଉ କରି ଜିନାଲିଙ୍କୁ ଗିରଫ କରିଥିଲେ । ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଏସଡିଜେଏମ କୋର୍ଟରେ ହାଜର କରାଯିବ ।

## ଚୌଦ୍ୱାର ମଣ୍ଡଳ କାରାଗାରରୁ କଏଦୀ ଫେରାର ଘଟଣା

# ସୁପରିଣ୍ଟେଣ୍ଡେଣ୍ଟ ଓ ଜେଲର୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍

କଟକ, ୨୦ ।୧(ସମିସ): ଚୌଦ୍ୱାର ଜେଲ୍‌ରୁ ୨ବିହାରୀ କଏଦୀ ଫେରାର୍ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିବା ପରେ ଏବେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଚୌଦ୍ୱାର ଜେଲ୍ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ସୁଜିତ କୁମାର ରାଉଳଙ୍କ ନାଁରେ ତତ୍କାଳୀନ ଚୌଦ୍ୱାର ଜେଲର୍ ସନ୍ତୋଷିନୀ ଦାସ ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ । ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ରାଉଳ ମଧ୍ୟ ସନ୍ତୋଷିନୀଙ୍କ ନାଁରେ ପାଲଟା ଅଭିଯୋଗ କରିଥିଲେ । ଏନେଇ ଜେଲ୍ ଡିଆଇଜି ବୀରେନ୍ ସାହୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଉଭୟଙ୍କୁ କାରଣଦର୍ଶାଅ ନୋଟିସ୍ କରିଛନ୍ତି । ଅପରପକ୍ଷେ, ଜେଲ୍‌ର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି । ଏହାସହ ପ୍ରଥମ କରି ଜେଲ୍ ପରିସର ଓ ବାହାରେ ୧୬ଟି ଏଆଇ କ୍ୟାମେରା ଲଗାଯିବ ବୋଲି ଜେଲ୍ ଡିଆଇଜି ଶ୍ରୀ ସାହୁ କହିଛନ୍ତି ।

ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ରାଉଳ ଓ ପୂର୍ବତନ ଜେଲର୍ ସନ୍ତୋଷିନୀଙ୍କ ମଧ୍ୟରେ କାଦୁଅଫିଙ୍ଗା ଘଟଣାକୁ ନେଇ ରାଜ୍ୟ ଗୃହ ବିଭାଗ ଉଦ୍‌ବେଗ ପ୍ରକାଶ କରିଥିଲା । ଏଥିପାଇଁ ଜେଲ୍ ବିଭାଗକୁ ରିପୋର୍ଟ ବି ମାଗିଥିଲା । ଏବେ ଏହାକୁ ନେଇ ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥା ବଢ଼ିଛି ।

ସୂଚନାଯୋଗ୍ୟ, ଚୌଦ୍ୱାର ଜେଲ୍‌ରୁ ୨ ବିହାରୀ କଏଦୀ ଫେରାର୍ ଘଟଣାରେ ତତ୍କାଳୀନ ଜେଲର୍ ସନ୍ତୋଷିନୀଙ୍କ ସମେତ ଜଣେ ଚିଫ୍ ୱାର୍ଡର୍ ଓ ଅନ୍ୟ ଜଣେ ୱାର୍ଡର୍‌ଙ୍କୁ ନିଲମ୍ବିତ କରାଯାଇଥିଲା । ଏହାକୁ ବହୁ ଦିନ ବିତିଯିବା ପରେ ସନ୍ତୋଷିନୀ ଥାନାର ଦ୍ୱାରସ୍ଥ

■ ସୁରକ୍ଷା ଦୃଷ୍ଟିରୁ ପ୍ରଥମ ପର୍ଯ୍ୟାୟରେ ଲାଗିବ ୧୬ଟି ଏଆଇ କ୍ୟାମେରା
■ ରାଜ୍ୟ ଗୃହ ବିଭାଗର ଉଦ୍‌ବେଗ ପରେ ଜେଲ୍ ଡିଆଇଜିଙ୍କ କାର୍ଯ୍ୟାନୁଷ୍ଠାନ

ହୋଇଥିଲେ । ୨ କୁଖ୍ୟାତ କଏଦୀଙ୍କୁ ଖସାଇବାରେ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ରାଉଳଙ୍କ ବଡ଼ ଭୂମିକା ରହିଛି ବୋଲି ସେ ଥାନାରେ ଏକ ସଙ୍ଗିନ ଅଭିଯୋଗ କରିଥିଲେ । ଅଭିଯୋଗରେ ସେ ଦର୍ଶାଇଥିଲେ, କଏଦୀ ଫେରାର୍ ପରେ ଗେଟ୍-ଇନ୍-ଆଉଟ୍ ରେଜିଷ୍ଟର୍‌ରେ ସୁଜିତ ବଡ଼ ହେରଫେର୍ କରିଥିଲେ । ଏପରିକି, ତାଙ୍କ ଦସ୍ତଖତକୁ ଜାଲିଆତି କରି ତଦନ୍ତକୁ ଦିଗହରା କରିବାକୁ ଉଦ୍ୟମ କରିଥିଲେ । ଗତବର୍ଷ ଅକ୍ଟୋବର ୧,୨ ଓ ୩ତାରିଖ ଅଫିସିଆଲ ଗେଟ୍-ଇନ-ଆଉଟ୍ ରେଜିଷ୍ଟର୍‌ରେ ଗଫଲତି କରାଯାଇଛି । ଜେଲ ପରିସରରେ ସୁଜିତଙ୍କ ଉପସ୍ଥିତି ନେଇ ରେଜିଷ୍ଟରରେ ଏପଟସେପଟ କରାଯାଇଛି । ୨୦୨୫ ଅକ୍ଟୋବର ୨ରେ ସୁଜିତ ବ୍ୟକ୍ତିଗତ କାମରେ ଖୋର୍ଦ୍ଧା ଯାଇଥିଲେ ବୋଲି ଉଲ୍ଲେଖ କରିଥିଲେ; କିନ୍ତୁ ତାହା ସତ ନଥିଲା । ୩ତାରିଖରେ ଦୁଇ କଏଦୀ ଫେରାର୍ ପରେ ଘଟଣା ସମ୍ପର୍କରେ ସବୁ ଜାଣି ମଧ୍ୟ ମାମଲାରୁ ଦୂରେଇ ରହିବାକୁ ରେଜିଷ୍ଟର୍‌ରେ ଜାଲିଆତି କରାଯାଇଥିବା ସନ୍ତୋଷିନୀ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଥିଲେ । ସୁଜିତଙ୍କ ଆଚରଣ ଅତି ସନ୍ଦେହଜନକ ରହିଥିଲା । କଏଦୀ ଫେରାର୍ ଘଟଣା ପଛରେ ସୁଜିତଙ୍କ ଷଡ଼ଯନ୍ତ୍ର, ପ୍ରମାଣ ନଷ୍ଟ କରିବାର ଅନେକ ତଥ୍ୟ ରହିଛି । ଅପରପକ୍ଷେ, ପାଲଟା ଏତଲାରେ ସନ୍ତୋଷିନୀ ତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ସୁଜିତ ଉଲ୍ଲେଖ କରିଛନ୍ତି । ସନ୍ତୋଷିନୀ ଦେଇଥିବା ଏତଲାକୁ ପୁଲିସ କେସ ନମ୍ବର ୩୫/୨୦୨୬ରେ ରୁଜୁ କରିଥିବା ବେଳେ ପାଲଟା ଅଭିଯୋଗକୁ ମଧ୍ୟ ଗ୍ରହଣ କରାଯାଇଥିବା ଜଣାପଡ଼ିଛି ।

# ଅବସର ପରେ କର୍ମଚାରୀଙ୍କ ଜିପିଏଫ୍ ଟଙ୍କା ଅଟକାଇବା ବେଆଇନ: ହାଇକୋର୍ଟ

କଟକ,୨୦ ।୧(ସମିସ): କୌଣସି ବିଧିବଦ୍ଧ ଅନୁସନ୍ଧାନ ବା ଦୋଷୀ ସାବ୍ୟସ୍ତ ନ କରି ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ସାଧାରଣ ଭବିଷ୍ୟନିଧି (ଜିପିଏଫ) ଅର୍ଥ ଅଟକାଇ ରଖିବା ସମ୍ପୂର୍ଣ୍ଣ ବେଆଇନ ବୋଲି ହାଇକୋର୍ଟ କହିଛନ୍ତି । ଅବସରପ୍ରାପ୍ତ ସହକାରୀ ବନ ସଂରକ୍ଷକ (ଏସିଏଫ୍) ରଞ୍ଜିତ କୁମାର ରାଉତଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଡକ୍ଟର ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଜିପିଏଫ୍ ହେଉଛି ଜଣେ କର୍ମଚାରୀଙ୍କ ସାମ୍ବିଧାନିକ ଅଧିକାର ଓ ଅବସରକାଳୀନ ସୁବିଧା । ଏହା ସରକାରଙ୍କ ଦୟା ବା ଅନୁଗ୍ରହ ନୁହେଁ । ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କିମ୍ବା ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ନ କରି ଜଣେ ଉପରିସ୍ଥ ଅଧିକାରୀଙ୍କୁ ତାଙ୍କ ଅଧସ୍ତନ କର୍ମଚାରୀଙ୍କ ଭୁଲ ପାଇଁ ଦାୟୀ କରିବା ନ୍ୟାୟ ସଙ୍ଗତ ନୁହେଁ ବୋଲି ଅଦାଲତ କହିଛନ୍ତି । ଶ୍ରୀ ରାଉତଙ୍କ ବିରୋଧରେ ଜାରି ହୋଇଥିବା ୨୦୧୮ ମସିହାର ଚିଠିକୁ ରଦ୍ଦ କରିବା ସହିତ ଅଟକ ରଖାଯାଇଥିବା ୧ ଲକ୍ଷ ୬୪ ହଜାର୨୨୨ ଟଙ୍କାକୁ ଆଗାମୀ ୮ ସପ୍ତାହ ମଧ୍ୟରେ ଫେରସ୍ତ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସରକାର ଚାହିଁଲେ ପ୍ରକୃତ ଦୋଷୀ ଫରେଷ୍ଟରଙ୍କଠାରୁ ଏହି ଅର୍ଥ ଆଦାୟ କରିପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ, ଆବେଦନକାରୀଙ୍କ ଜିପିଏଫ୍‌ରୁ ପ୍ରାୟ ୧,୬୪,୨୨୨ ଟଙ୍କା ସରକାର ଅଟକାଇ ରଖିଥିଲେ । ୨୦୦୮ ମସିହାରେ ସେ ବାଲିଗୁଡ଼ା ବନଖଣ୍ଡରେ କାର୍ଯ୍ୟ କରୁଥିବା ସମୟରେ ଜଣେ ଫରେଷ୍ଟରଙ୍କୁ ୧.୬୦ଲକ୍ଷ ଟଙ୍କାର ଅଗ୍ରିମ (ଫରେଷ୍ଟ ଆଡଭାନ୍ସ) ପ୍ରଦାନ କରିଥିବାର ଅଭିଯୋଗ ଥିଲା । ମାତ୍ର ସମ୍ପୃକ୍ତ ଫରେଷ୍ଟର ଏହାର ହିସାବ କିମ୍ବା ଭାଉଚର ଦାଖଲ କରିନଥିଲେ । ଯଦିଓ ଶ୍ରୀ ରାଉତ ଏହି ଅବହେଳା ବିଷୟରେ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ଏବଂ ଫରେଷ୍ଟର୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ତଥାପି ଶ୍ରୀ ରାଉତ ଅବସର ନେବା ପରେ ତାଙ୍କ ଉପରେ ଉତ୍ତରଦାୟିତ୍ୱ ଲଦି ଦିଆଯାଇଥିଲା । ଶ୍ରୀ ରାଉତ ତାଙ୍କ ସମଗ୍ର ଚାକିରି କାଳ ମଧ୍ୟରେ ସମୟ ଅନୁସାରେ ପଦୋନ୍ନତି ପାଇଛନ୍ତି ଏବଂ ବିନା କୌଣସି ପ୍ରତିକୂଳ ମନ୍ତବ୍ୟରେ ୩୧.୦୮.୨୦୧୮ରେ ଅବସର ଗ୍ରହଣ କରିଥିଲେ ସୁଦ୍ଧା ବେଆଇନ ଭାବେ ତାଙ୍କର ଜିପିଏଫ ଅଟକାଇ ରଖିବାକୁ ବିରୋଧ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ଯୁବକଙ୍କୁ ହତ୍ୟା କରି ଫିଙ୍ଗିଦେଲେ

ଲୋଇସିଂହା, ୨୦।୧(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ ସାଲେଭଟା ଅଞ୍ଚଳରୁ ଆଜି ଜଣେ ଯୁବକଙ୍କ ଶବ ଉଦ୍ଧାର ହୋଇଛି । ମୃତକ ହେଲେ, ସାଲେଭଟା ଅଞ୍ଚଳର କିସନ ମହାପାତ୍ର । ଏକ ପୋଖରୀ କୂଳରୁ ଆଜି ତାଙ୍କର ଶବ ଜବତ ହୋଇଛି । ଗତ ରବିବାରଠାରୁ ସେ ନିଖୋଜ ଥିଲେ । ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି କିସନଙ୍କ ବଡ଼ଭାଇ କିଶୋର ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ



ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ସୂଚନାନୁସାରେ, କିସନ ଗତ ରବିବାରଠାରୁ ନିଖୋଜ ଥିଲେ । ପରିବାରଲୋକ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ନ ମିଳିବାରୁ ପରିବାରଲୋକ ସାଲେଭଟା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ତେବେ ମଙ୍ଗଳବାର ସକାଳୁ ସାଲେଭଟାର ଏକ ପୋଖରୀ ନିକଟରୁ ତାଙ୍କ ଶବ ଉଦ୍ଧାର ହୋଇଥିଲା । ମୁହଁ କଳା ପଡ଼ି ଚେହେରା ନଷ୍ଟ ହୋଇଯାଇଥିବା ବେଳେ ପେଟରେ କ୍ଷତ ଚିହ୍ନ ରହିଥିଲା । କେବଳ ପିନ୍ଧିଥିବା ବସ୍ତ୍ର ଦେଖି ସେ କିସନ ବୋଲି ପରିବାରଲୋକ ଚିହ୍ନଟ କରିଥିଲେ । କିଶୋରଙ୍କ କହିବା କଥା, କେହି ଦୁର୍ବୃତ୍ତ କିସନଙ୍କୁ ଅନ୍ୟତ୍ର ହତ୍ୟା କରି ଏଠାରେ ଫୋପାଡ଼ି ଦେଇଛି । ପୁଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି । ରିପୋର୍ଟରୁ ଏହା ହତ୍ୟା ନା କୌଣସି ଅଘଟଣ, ତାହା ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

# ନୂଆ ରୂପ ନେବ ଯୋରନ୍ଦା ମହିମା ମନ୍ଦିର




ଭୁବନେଶ୍ୱର, ୨୦ ।୧(ସମିସ): ମହିମା ଧର୍ମର ପ୍ରମୁଖ ପୀଠ ତଥା ଯୋରନ୍ଦାସ୍ଥିତ ମହିମାମନ୍ଦିରର ହେବ ସୌନ୍ଦର୍ଯ୍ୟୀକରଣ । ମହିମା ମନ୍ଦିର ବା ଶୂନ୍ୟମନ୍ଦିର ଭିତରେ ଥାଇ ଏହାକୁ ଆବୃତ୍ତ କରି ତା' ଉପରେ ଏକ ସୁଉଚ୍ଚ ତଥା ଭବ୍ୟ ମନ୍ଦିର ନିର୍ମାଣ କରାଯିବ । ଏଥିସହ ମନ୍ଦିର ପରିସରରେ ଥିବା ଅଖଣ୍ଡଜ୍ୟୋତି ମନ୍ଦିର, ଭଜନ ମଣ୍ଡପ, ପ୍ରାର୍ଥନା ଗୃହ ଏବଂ ପୁଷ୍କରିଣୀ ସହ ପାରିପାର୍ଶ୍ୱିକ ଉନ୍ନତୀକରଣ କରାଯିବ । ଏନେଇ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଲୋଚନା ହୋଇଛି । ୩ବର୍ଷ ମଧ୍ୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନକୁ ଏକ ନୂତନ ଦିଗ ଦେବ ବୋଲି ବୈଠକରେ କୁହାଯାଇଛି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ମନ୍ଦିରର ରୋଷଘର, ଯାତ୍ରୀନିବାସ, ପାର୍କିଂ ବ୍ୟବସ୍ଥା ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା । ସମସ୍ତ ସାଧୁ, ମହିମା ଧର୍ମାବଲମ୍ବୀମାନଙ୍କ ସହ ଆଲୋଚନା କରି ଏହି ଉନ୍ନୟନ ପ୍ରକଳ୍ପର ନକ୍ସା ପ୍ରସ୍ତୁତ ହୋଇଛି ବୋଲି ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ସୂଚନା ଦେଇଛନ୍ତି । ବୈଠକରେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ବେଳେ ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

**ମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳର ହେବ ବିକାଶ**

■ କଟକ ସାଇବର ପୁଲିସ ପକ୍ଷରୁ ଚଢ଼ଉ

# ୧୫ ଲକ୍ଷ ଟଙ୍କା ଜବତ

ଧର୍ମଶାଳା,୨୦।୧(ସମିସ): ଧର୍ମଶାଳା ଥାନା ତରଞ୍ଜିଆ ପଞ୍ଚାୟତ ପୋବଳ ଗ୍ରାମର ଜଣେ ସାଇବର ଠକ ଘର ଉପରେ ଗତକାଲି ବିଳମ୍ବିତ ରାତିରେ ଚଢ଼ଉ କରାଯାଇଛି । ସୂଚନା ମୁତାବକ ପୋବଳ ଗ୍ରାମର ଚିତ୍ତ ଜେନାଙ୍କ ପୁଅ ସରୋଜ ଜେନା (୨୬) ମୋବାଇଲ ମାଧ୍ୟମରେ ସାଇବର ଠକେଇ କରି ଜଣେ ଲୋକଙ୍କ ପାଖରୁ ବିଭିନ୍ନ ସମୟରେ ନିଜ ଆକାଉଣ୍ଟ ଓ ନିଜ



ସମ୍ପର୍କୀୟ ଆକାଉଣ୍ଟକୁ ୮୮ ଲକ୍ଷ ଠକି ନେଇଥିବା କଟକ ସାଇବର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି କଟକ ସାଇବର ଥାନା ପୁଲିସ ଧର୍ମଶାଳା ପୁଲିସ ସହାୟତାରେ ଗତକାଲି ରାତିରେ ପୋବଳ ଗ୍ରାମସ୍ଥିତ ସରୋଜ ଜେନାଙ୍କ ଘରେ ଚଢ଼ଉ କରି ପାଖାପାଖି ୧୫ଲକ୍ଷ ଟଙ୍କା ଓ କିଛି ସୁନାରୁପା ଗହଣା ସମେତ ଏକ ବୁଲେଟ ବାଇକ୍ ଓ ଏକ ଇଲେକ୍ଟ୍ରି ବାଇକକୁ ଜବତ କରିନେଇଛି । ଏଥିସହ ସ୍ଥାନୀୟ ଅଞ୍ଚଳର ୩ ଜଣ ଯୁବକଙ୍କୁ କଟକ ସାଇବର ପୁଲିସ ଉଠାଇ ନେଇଥିବା ଜଣାପଡିଛି । ତେବେ ସରୋଜ ଜେନା ଦିନ ସାରା କ୍ରିକେଟ ଖେଳରେ ମାତିଥିବା ବେଳେ ରାତିରେ ଏଭଳି ସାଇବର କ୍ରାଇମ କରିଥାଏ ବୋଲି ଧର୍ମଶାଳା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ମାଧ୍ୟମିକ ଶିକ୍ଷା ପରିଷଦର ଆବେଦନ ହାଇକୋର୍ଟରେ ଖାରଜ

# ଆନ୍ଧ୍ରର ମାଟ୍ରିକ ସାର୍ଟିଫିକେଟ୍ ଓଡ଼ିଶା ବୋର୍ଡ ସହ ସମାନ

କଟକ, ୨୦ ।୧(ସମିସ): ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏକ ଶିକ୍ଷାନୁଷ୍ଠାନରୁ ମାଟ୍ରିକ୍ ପାସ୍ କରିଥିବା ଜଣେ ପ୍ରାର୍ଥୀଙ୍କୁ ଦୀର୍ଘ ବର୍ଷ ପରେ ନ୍ୟାୟ ମିଳିଛି । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଜଣେ ପ୍ରାର୍ଥୀଙ୍କ ପ୍ରମାଣପତ୍ରକୁ ଅବୈଧ ଘୋଷଣା କରି ତାଙ୍କୁ ସିଟି ପରୀକ୍ଷାରୁ ବଞ୍ଚିତ କରିବା ପ୍ରସଙ୍ଗରେ ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ ।ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ରୁଜୁ ରିଟ୍ ଆବେଦନକୁ ଖାରଜ କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏଥିସହ ପ୍ରାର୍ଥୀଙ୍କ ୨୦୧୩ ସିଟି ପରୀକ୍ଷା ଫଳାଫଳକୁ ତୁରନ୍ତ ପ୍ରକାଶ ସହ ଆଗାମୀ ୪ ସପ୍ତାହ ମଧ୍ୟରେ ଜଣିକିଆ ବିଚାରପତିଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉପରୋକ୍ତ ସମୟ ମଧ୍ୟରେ ବୋର୍ଡ ଏହାକୁ ପାଳନ ନକରେ, ତେବେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଖଣ୍ଡପୀଠ ।

ମାମଲାରୁ ପ୍ରକାଶ ଯେ ପ୍ରତିପକ୍ଷ ପ୍ରାର୍ଥୀ ଚନ୍ଦ୍ରଜିତ ମହାନ୍ତି ୧୯୮୯ରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବ୍ରହ୍ମପୁରର ଏକ କଲେଜରୁ ମାଟ୍ରିକ ପାସ୍ କରିଥିଲେ । ସେହି ସାର୍ଟିଫିକେଟ୍ ଆଧାରରେ ସେ +୨, +୩ ଏବଂ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର ଡିଗ୍ରୀ ମଧ୍ୟ ହାସଲ କରିଥିଲେ । ଓଡ଼ିଶା ବୋର୍ଡ ସହ ଆନ୍ଧ୍ର ମାଟ୍ରିକ୍ ପ୍ରମାଣପତ୍ର ସମାନ ନୁହେଁ ବୋଲି ଦର୍ଶାଇ ପ୍ରତିପକ୍ଷ ପ୍ରାର୍ଥୀଙ୍କୁ ସିଟି ପରୀକ୍ଷାରୁ ବଞ୍ଚିତ କରାଯିବା ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ ଅନୁମତିକ୍ରମେ ସେ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ । ତେବେ ଜଣିକିଆ ବିଚାରପତିଙ୍କ ଆଦେଶକୁ ବିରୋଧ କରି ବୋର୍ଡ ପକ୍ଷରୁ ଦୁଇଜଣିଆ ଖଣ୍ଡପୀଠରେ ମାମଲା ରୁଜୁ ହୋଇଥିଲା । ଏତେ ବର୍ଷ ପରେ ସମ୍ପୃକ୍ତ ପ୍ରାର୍ଥୀଙ୍କ ମାଟ୍ରିକ ସାର୍ଟିଫିକେଟ୍‌କୁ ଓଡ଼ିଶା ବୋର୍ଡ ସହ ଅସମାନ ବୋଲି କହିବା ଅନୁଚିତ ବୋଲି ହାଇକୋର୍ଟ କହିଛନ୍ତି । ଯେହେତୁ ପ୍ରାର୍ଥୀ ସମ୍ପୂର୍ଣ୍ଣ ଭାବେ ଓଡ଼ିଆ ମାଧ୍ୟମରେ ପାଠ ପଢ଼ିଛନ୍ତି ଏବଂ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ ଉଚ୍ଚଶିକ୍ଷା ଶେଷ କରିଛନ୍ତି, ତେଣୁ ଏହି ସ୍ଥିତିରେ ବୋର୍ଡର ବାଧା ସୃଷ୍ଟି କରିବା ଗ୍ରହଣଯୋଗ୍ୟ ନୁହେଁ ବୋଲି ଅଦାଲତ କହିଛନ୍ତି । ବୋର୍ଡ ତା'ର ୧୯୯୮ର ଏକ ସର୍କୁଲାରରେ ଅନ୍ୟ ବୋର୍ଡର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାକୁ ୨୦.୦୯.୧୯୮୮ ପର୍ଯ୍ୟନ୍ତ ସମାନ ବୋଲି ମାନ୍ୟତା ଦେଇଥିଲା । କିନ୍ତୁ ୧୯୮୯ରେ ହୋଇଥିବା ପରୀକ୍ଷାକୁ କାହିଁକି ବାଦ୍ ଦିଆଗଲା, ସେନେଇ ହାଇକୋର୍ଟରେ ବୋର୍ଡ କୌଣସି ସନ୍ତୋଷଜନକ କାରଣ ଦର୍ଶାଇ ପାରିନଥିଲା ।

# ହୀରାକୁଦରେ ୧୨୮ ପ୍ରଜାତିର ୪.୨୧ ଲକ୍ଷ ପକ୍ଷୀ

ସମ୍ବଲପୁର,୨୦।୧(ସମିସ): ହୀରାକୁଦ ଆଦ୍ରଭୂମିରେ ଚଳିତ ବର୍ଷ ୧୨୮ ପ୍ରଜାତିର ମୋଟ ୪ଲକ୍ଷ ୨୧ହଜାର ପକ୍ଷୀ ଚିହ୍ନଟ ହୋଇଛନ୍ତି । ଗତବର୍ଷ ତୁଳନାରେ ଅଧିକ ୫ପ୍ରଜାତିର ବିଦେଶୀ ପକ୍ଷୀ ଏଥର ହୀରାକୁଦ ଆସିଥିବା ଜଣାପଡ଼ିଛି ।

ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍ ପକ୍ଷରୁ ସମ୍ବଲପୁର, ଝାରସୁଗୁଡ଼ା ଓ ସମ୍ବଲପୁର ବନ ବିଭାଗର ବନ କର୍ମଚାରୀଙ୍କ ସହଯୋଗରେ ମୋଟ ୩୮ଟି ଦଳ ଏହି ଗଣନା କରିଥିଲେ । ଜଣେ ଲେଖାଏଁ ପକ୍ଷୀ ବିଶେଷଜ୍ଞ ପ୍ରତିଟି ଦଳର ନେତୃତ୍ୱ ନେଇଥିଲେ । ଏହାସହ ସମ୍ବଲପୁର, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଏବଂ ବଲାଙ୍ଗିରର ପକ୍ଷୀ କ୍ଲବ୍ ସମେତ ସରକାରୀ ଏବଂ ବେସରକାରୀ ସଂଗଠନ ଏବଂ ସ୍କୁଲ ଛାତ୍ରଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୯୩ଜଣ

**ଏଥର ଅଧିକ ୫ ପ୍ରଜାତିର ବିଦେଶୀ ପକ୍ଷୀ**



ଅଂଶଗ୍ରହଣକାରୀ ଏହି ଗଣନାରେ ଅଂଶଗ୍ରହଣ କରିଥିଲେ । ଓଭରଲାପିଂକୁ ଏଡ଼ାଇବା ପାଇଁ ଦଳଗୁଡ଼ିକୁ ସ୍ୱତନ୍ତ୍ର ସେକ୍ଟର କ୍ଷେତ୍ର ଦିଆଯାଇଥିଲା । ହୀରାକୁଦ ଡ୍ୟାମ୍‌ରୁ ଓଡ଼ିଶା-ଛତିଶଗଡ଼ ସୀମା ପର୍ଯ୍ୟନ୍ତ ଏବଂ ୫.୭୨କିମି ପାୱାର ଚ୍ୟାନେଲ ଅଞ୍ଚଳର ଆଦ୍ରଭୂମିରେ ୧୨୮ ପ୍ରଜାତିର ମୋଟ ୪.୨୧ ଲକ୍ଷ ପକ୍ଷୀଙ୍କ ସଂଖ୍ୟା ଆକଳନ କରାଯାଇଛି । ଚଳିତବର୍ଷ ୫ଟି ନୂତନ ପ୍ରଜାତି (ରୁଡି କ୍ରେକ୍, ଗ୍ରେଟର୍ ପେଣ୍ଟେଡ୍ ସ୍ନାଇପ୍, ପେଣ୍ଟେଡ୍ ଷ୍ଟର୍କ, ଲିଟିଲ୍ ଗଲ୍, ସାଣ୍ଡରଲିଙ୍ଗ୍) ମିଳିଛି, ଯାହା ପୂର୍ବବର୍ଷ ଗୁଡ଼ିକରେ ଦେଖାଯାଇନଥିଲା । ସାଧାରଣତଃ ଦେଖାଯାଉଥିବା ପକ୍ଷୀ (ୱାଡର) ଗୁଡ଼ିକ ହେଉଛି ଟଫ୍ଟେଡ୍ ଡକ୍, ହ୍ୱିସ୍‌ଲିଂ ଡକ୍, ଗ୍ରେବସ୍, ବାର୍ ହେଡେଡ୍ ଗୁଜ୍, ବ୍ରାହ୍ମିନୀ ଡକ୍, ଗାଡୱାଲ୍, ୟୁରେସିଆନ୍ ୱିଜିଅନ୍, ନର୍ଦ୍ଦର୍ଣ୍ଣ ପିନ୍‌ଟେଲ୍, ନର୍ଦ୍ଦର୍ଣ୍ଣ ଶୋଭଲର, ରେଡ୍ କ୍ରେଷ୍ଟେଡ୍ ପୋଚାର୍ଡ୍, ସ୍ୟାଣ୍ଡପାଇପର୍ସ ସହିତ ୬ ପ୍ରକାରର ଗଲ୍, ବିଭିନ୍ନ ପ୍ରକାରର ଟର୍ନ, ପ୍ରାଟିନ୍‌କୋଲ୍, ବିଭିନ୍ନ ପ୍ରକାରର କିଙ୍ଗଫିସର୍ସ, ଇଣ୍ଡିଆନ୍ ସ୍କିମର୍ସ, କରମୋରାଣ୍ଟ, ବିଭିନ୍ନ ପ୍ରକାରର ଏଗ୍ରେଟ୍ ଏବଂ ହେରନ୍, ପ୍ଲୋଭର୍ସ ଇତ୍ୟାଦି । ହୀରାକୁଦ ଜଳଭଣ୍ଡାର ମହାନଦୀର ଉପରମୁଣ୍ଡ (ଓଡିଶା ଆଡକୁ - ଛତିଶଗଡ଼ ସୀମାନ୍ତ) ସେକ୍ଟର ୭, ୮ ଏବଂ ୯ରେ ପକ୍ଷୀଙ୍କ ଅଧିକ ସମାଗମ ରେକର୍ଡ କରାଯାଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ସୂତ୍ରରୁ ପ୍ରକାଶ । ଏହି ଆଦ୍ରଭୂମିର ସେହି ଅଂଶରେ ଅଧିକ ବୁଡ଼ି ରହିଥିବା ଦ୍ୱୀପପୁଞ୍ଜ, ସୁସ୍ଥ ଜଳଚର ଉଦ୍ଭିଦ ଏବଂ ପ୍ରାଣୀ, ଶୀତକାଳୀନ ବାସ ଏବଂ ବସା ପାଇଁ ବାଲିବନ୍ଧର ଉପଲବ୍ଧତା, ମତ୍ସ୍ୟଜୀବୀଙ୍କ ଅପହଞ୍ଚ ଯୋଗୁଁ ଏହି ସମାଗମ ହୋଇଥାଇପାରେ । ୨୦୨୫ ମସିହା ପକ୍ଷୀ ଗଣନାରେ ମୋଟ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୩୨ଟି ପକ୍ଷୀ ଠାବ କରାଯାଇଥିଲା ।

## ସୂଚନା କମିସନକୁ ହାଇକୋର୍ଟ ଝଟ୍‌କା

# ଆରଟିଆଇ ଆବେଦନ ଉପରେ କଟକଣା ରଦ୍ଦ

କଟକ, ୨୦ ।୧(ସମିସ): ସୂଚନା ଅଧିକାର ଆଇନ (ଆରଟିଆଇ) ଅଧୀନରେ ବାରମ୍ବାର ତଥ୍ୟ ମାଗୁଥିବା ଜଣେ ବ୍ୟକ୍ତିଙ୍କ ଉପରେ ଓଡ଼ିଶା ସୂଚନା କମିଶନ ଲଗାଇଥିବା କଟକଣାକୁ ଓଡ଼ିଶା ହାଇକୋର୍ଟ ରଦ୍ଦ କରିଛନ୍ତି । କମିଶନଙ୍କ ଏଭଳି ନିଷ୍ପତ୍ତି ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ଚିତ୍ତରଞ୍ଜନ ସେଠୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆବେଦନକାରୀଙ୍କ ବିରୋଧରେ ସୂଚନା କମିଶନଙ୍କ ପକ୍ଷରୁ ଲଗାଯାଇଥିବା ଗତ ୨୦୨୫ ସେପ୍ଟେମ୍ବର ୧୩ର କଟକଣାକୁ ହାଇକୋର୍ଟ ରଦ୍ଦ କରିବା ସହ ଆବେଦନକାରୀଙ୍କୁ ବାକି ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ପ୍ରକାଶ ଯେ ବିଭିନ୍ନ ବିଭାଗରୁ ତଥ୍ୟ ମାଗିବା ପାଇଁ ଆରଟିଆଇ ଆବେଦନ କରିଥିଲେ ଆବେଦନକାରୀ । ଏ ସମ୍ପର୍କିତ ମାମଲାର ଶୁଣାଣି କରି ରାଜ୍ୟ ସୂଚନା କମିଶନ ଗତ ୧୩ସେପ୍ଟେମ୍ବର ୨୦୨୫ରେ ଏକ ନିର୍ଦ୍ଦେଶ ଦେଇଥିଲେ । ଯେଉଁଥିରେ ଆବେଦନକାରୀଜଣଙ୍କ ବାରମ୍ବାର ଗୋଟିଏ ପ୍ରକାରର ତଥ୍ୟ ମାଗୁଥିବା ଦର୍ଶାଇ କମିଶନ ତାଙ୍କ ଉପରେ ଏକବର୍ଷ ପାଇଁ ନୂତନ ଆବେଦନ କରିବାକୁ ବାରଣ କରିଥିଲେ । ସେ ବର୍ଷକୁ ସର୍ବାଧିକ ମାତ୍ର ୧୨ଟି ଆବେଦନ କରିପାରିବେ ବୋଲି ସୂଚନା କମିସନଙ୍କ ପକ୍ଷରୁ କଟକଣା ଜାରି କରାଯାଇଥିଲା । କମିସନଙ୍କ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଶ୍ରୀ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଜଣେ ବ୍ୟକ୍ତି ବାରମ୍ବାର ଆରଟିଆଇ ଆବେଦନ କରୁଥିଲେ ମଧ୍ୟ ସୂଚନା କମିଶନ ତାଙ୍କୁ ଭବିଷ୍ୟତରେ ଆବେଦନ କରିବାରୁ ରୋକିପାରିବେ ନାହିଁ । ଆବେଦନ ସଂଖ୍ୟା ସୀମିତ କରାଯାଇପାରିବ ନାହିଁ; ବର୍ଷକୁ ମାତ୍ର ୧୨ଟି ଆବେଦନ କରିବା ପାଇଁ ଯେଉଁ ସୀମା ନିର୍ଦ୍ଧାରଣ କରାଯାଇଛି, ତାହା ଯଥାର୍ଥ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି ।

## ବେଆଇନ୍ ଧଳା ପାଉଁଶର ଷ୍ଟକ୍‌ୟାର୍ଡ

# ଜାତୀୟ ରାଜପଥ ପାଲଟିଛି ବିଷାକ୍ତମୟ

ଯଖପୁରା,୨୦।୧(ସମିସ)

୫୩ ନଂ ଜାତୀୟ ରାଜପଥ ଚଣ୍ଡିଖୋଲରୁ ଡୁବୁରୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଗତ ୧୨ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏଁ ଶେଷ ହୋଇପାରୁନାହିଁ। ପ୍ରତିଦିନ ଏହି ରାସ୍ତାରେ କେଉଁଠି ନା କେଉଁଠି ଦୁର୍ଘଟଣା ହେଉଥିବାର ଦେଖିବାକୁ ମିଳୁଛି। ଡୁବୁରୀରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ସଡ଼କ ସଦାସର୍ବଦା ଯାନବାହନ ଚଳାଚଳ ପାଇଁ ବ୍ୟସ୍ତବହୁଳ ଥାଏ। ଏବେ ଜାତୀୟ ରାଜପଥ କାର୍ଯ୍ୟ ଚାଲୁଥିବାରୁ ଯାତାୟାତ ପାଇଁ ଅଧିକ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଏବେ ରାସ୍ତାରେ ବ୍ୟବହର ହେଉଥିବା କାରଖାନାମାନଙ୍କର ବର୍ଜ୍ୟ ପାଉଁଶ ସବୁ ଠୁଳ ହେଉଥିବାରୁ ସାଧାରଣ ଲୋକ ପ୍ରଭାବିତ ହେଉଛନ୍ତି। ରାସ୍ତା ମାନଙ୍କରେ ଗଦା ଗଦା ହୋଇ ବିଷାକ୍ତ ଧଳା ପାଉଁଶ ପଡୁଥିବାରୁ ଦୁଇଚାକିଆ ଯାନ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ରାସ୍ତାରେ ବ୍ୟାବହର ହେଉଥିବା ଧଳା ପାଉଁଶକୁ ପକାଇ କାର୍ଯ୍ୟ କରୁଥିଲେ ମଧ୍ୟ ପାଣି ସିଞ୍ଚନର ବ୍ୟବସ୍ଥା ଠିକାଦାର କରୁନଥିବାରୁ ଆଖପାଖ ଅଞ୍ଚଳରେ



ବିଷାକ୍ତ ପାଉଁଶ ଖେଳିଯାଉଛି। ପଙ୍କପାଳ ବଙ୍ଗଳା ଛକରେ ନିର୍ମାଣ ଚାଲିଥିବା ଓଭରବ୍ରିଜ କାର୍ଯ୍ୟ ପାଇଁ ଆବଶ୍ୟକୀୟ ପାଉଁଶ ଗଚ୍ଛିତ ରଖାଯାଉଥିବା ବେଳେ ପର ଦିନ ତାହାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଛି। ଯାହାଫଳରେ ପ୍ରତିଦିନ ଶହ ଶହ ଗାଡ଼ି ଲୋଡିଂ ଓ ଅନଲୋଡିଂ କରିବା ଯୋଗୁଁ ଆଖପାଖ ଅଞ୍ଚଳ ଏକ ପ୍ରକାରର ଧଳା ଆଚ୍ଛାଦରେ ଢାଙ୍କି ହୋଇଯାଉଛି। ବଙ୍ଗଳା ଛକ କଳିଙ୍ଗନଗରର ପ୍ରବେଶ ପଥ ହୋଇଥିବାରୁ ଛକଟି ସବୁବେଳେ ବ୍ୟସ୍ତବହୁଳ ହୋଇଥାଏ। ତଥାପି ଏହାକୁ ଅଣଦେଖା କରି ଠିକାଦାର ଏଠାରେ ଚାଲୁଥିବା ଓଭରବ୍ରିଜକୁ ଧଳା ପାଉଁଶର ଷ୍ଟକୟାର୍ଡ କରି ମନଇଚ୍ଛା ବ୍ୟବହାର କରୁଛି। ସାଧାରଣ ଲୋକ ବିପଦପୂର୍ଣ୍ଣ ରାସ୍ତା ସହ ବିଷାକ୍ତ ଧଳା ପାଉଁଶରେ ସର୍ବଦା ଦୁର୍ଘଟଣା ଘଟୁଥିବା ବେଳେ ଏବେ ପାଉଁଶ ଷ୍ଟକୟାର୍ଡ କରୁଥିବାରୁ ବିପଦ ବଢ଼ିବାର ଆଶଙ୍କା ଦ୍ୱିଗୁଣିତ ହୋଇଯାଇଛି। ଓଭର ବ୍ରିଜରେ ଆବଶ୍ୟକ ଥିବା ପାଉଁଶକୁ ଛାଡ଼ି ଅଧିକ ପାଉଁଶ ଗଚ୍ଛିତ କରାନଯିବା ପାଇଁ ସାଧାରଣରେ ଦାବି ହୋଇଛି। ଯଦି ଏହା ଆଗକୁ ଜାରି ରହେ ତେବେ ଗଚ୍ଛିତ ଥିବା ପାଉଁଶକୁ ଉଠାଇ ଦିଆଯିବନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

## କୟାଁଗୋଲା ଛକରେ ନିଶା କାରବାର ବୃଦ୍ଧି

**କୟାଁଗୋଲା,୨୦।୧(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ କୟାଁଗୋଲା ଛକ ନିକଟରେ ଚୋରା ମଦ ଓ ଗଞ୍ଜେଇର କାରବାର ବଢ଼ିବାରେ ଲାଗିଛି। ଏଠାରେ ସ୍ଥାନୀୟ ଜନସାଧାରଣ ଅସୁରକ୍ଷିତ ଭାବରେ ଜୀବନଯାପନ କରିଆସୁଛନ୍ତି। ସ୍ଥାନୀୟ ସୂଚନା ଅନୁଯାଇ କୟାଁଗୋଲା ଛକ ନିକଟରେ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ଆସିବା ରାସ୍ତାରେ କୟାଁଗୋଲା ପୋଲ ଉପରେ ପ୍ରତିଦିନ ମଦୁଆ ମାନଙ୍କର ଅସାମାଜିକ ବ୍ୟବହାର ବଢ଼ିବାରେ ଲାଗିଛି। ସାଧାରଣତଃ ମହିଳା ଓ ଛାତ୍ରଛାତ୍ରୀ ମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଜନସାଧାରଣ ପକ୍ଷରୁ ଏଥିନେଇ ବାରମ୍ବାର ଯାଜପୁର ଅବକାରୀ ବିଭାଗ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ ଅବକାରୀ ବିଭାଗର ଅଧିକାରୀ ମାନେ ଚୋରା ମଦ ଓ ଗଞ୍ଜେଇ ବ୍ୟବସାୟୀଙ୍କ ଉପରେ କାର୍ଯାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କୟାଁ, ଗୁଣ୍ଡୁଲିପଡ଼ା, ଇଚ୍ଛାପୁର, ଧରମପୁର, ଗହୀରାପାଳ, ମାଧପୁର, ଦରଭା, ମଲ୍ଲିପୁର, ଗରବନ୍ଧ, ଦୁବକଣ ଓ ଅନ୍ୟାନ୍ୟ ଗ୍ରାମର ଛାତ୍ର ଛାତ୍ରୀ ମାନେ ଏହି ରାସ୍ତା ମଧ୍ୟ ଦେଇ କଲେଜ ଓ ବିଦ୍ୟାଳୟକୁ ଯିବା ଆସିବା କରିବାକୁ ଭୟଭିତ କରୁଛନ୍ତି। କୟାଁଗୋଲା ଅଞ୍ଚଳକୁ ପ୍ରତିଦିନ ମଙ୍ଗଳପୁର ପୁଲିସ ପାଟ୍ରୋଲିଂ କରିବାରେ ଅବହେଳା କରିଆସୁଥିବାରୁ ଦୁର୍ବୃତ୍ତ ମାନଙ୍କର କାର୍ଯ୍ୟକଳାପ ଦ୍ରୁତଗତିରେ ନିର୍ଭୟରେ ବଢ଼ିବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳରୁ ଅଞ୍ଚଳବାସୀ ମାନେ କୟାଁଗୋଲା ଅଞ୍ଚଳର ଚୋରା ମଦ ଓ ଗଂଜେଇ କାରବାର ଉପରେ ଦୃଢ଼ କାର୍ଯ୍ୟନୁଷ୍ଠାନ ନେବାପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ମୁକୁଳା ଟ୍ରାନ୍ସଫର୍ମରରେ ଲାଗି ଗାଈ ମୃତ

**କବାଟବନ୍ଧ,୨୦।୧(ସମିସ):** ଟାଟାପାୱାରର ଖାମଖିଆଲ ମନୋଭାବ ପାଇଁ ଅନେକ ସ୍ଥାନରେ ଇଲେକ୍ଟ୍ରି କରେଣ୍ଟ ଲାଗି ଧନଜୀବନ ହାନି ହେଉଥିବା ବେଳେ ସୋମବାର ଏକ ଗୃହପାଳିତ ପଶୁର ମୃତ ହୋଇଥିବା ଜଣାପଡିଛି। ବିଦ୍ୟୁତ ବିଭାଗ ଦ୍ୱାରା ଲଗା ଯାଇଥିବା ଏକ ଟ୍ରାନ୍ସଫର୍ମରର ଚାରିପଟେ ସୁରକ୍ଷା ବାଡ଼ ନ ଥିବାରୁ ଏହି ଅଘଟଣ ଘଟିଛି। ଏନେଇ ମୃତ ଗୃହପାଳିତ ପଶୁର ମାଲିକ ତଥା ଗୋପାଳକ ବିଦ୍ୟୁତ ବିଭାଗକୁ ଦାୟୀ କରିଛନ୍ତି। ଏମିତି ଅଭିଯୋଗ ଆସିଛି ଧର୍ମଶାଳା ବ୍ଲକ ଅନ୍ତର୍ଗତ



ଜେନାପୁର ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମରୁ। ଗ୍ରାମର ମାନସ ସାହୁ ନାମକ ଜଣେ ବ୍ୟକ୍ତି ଏକ ଗାଈପାଳନ କରିଥିଲେ। ଗ୍ରାମରେ ମାନସଙ୍କ ଘର ପାଖରେ ରାସ୍ତା କଡ଼ରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଲଗାଯାଇଛି। ଉକ୍ତ ଟ୍ରାନ୍ସଫର୍ମରକୁ ସେହି ସ୍ଥାନରେ ଥିବା ଏକ ଘରୋଇ କମ୍ପାନୀର ମୋବାଇଲ ଟାୱାରକୁ ବିଦ୍ୟୁତ ସଂଯୋଗ କରାଯାଇଛି। ମାତ୍ର ମୋବାଇଲ ଟାୱାର କମ୍ପାନୀ କିମ୍ବା ଟାଟା ପାୱାର ଟ୍ରାନ୍ସଫର୍ମର ଚାରିପଟେ ଧନଜୀବନ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଉକ୍ତ ଟ୍ରାନ୍ସଫର୍ମର ଚାରିପଟେ ନାମକୁ ମାତ୍ର ତାର ବାଡ଼ ଲଗାଇଛନ୍ତି। କୌଣସି ଫାଟକ ନଥିବାରୁ ଗାଈଟି ଖାଦ୍ୟ ଅନ୍ୱେଷଣରେ ବୁଲାବୁଲି କରୁଥିବା ସମୟରେ ଟ୍ରାନ୍ସଫର୍ମର ନିକଟକୁ ଚାଲି ଯାଇଥିଲେ। ଫଳରେ କରେଣ୍ଟ ଲାଗି ସେଠାରେ ମୃତ୍ୟୁବରଣ କରିଥିଲେ। ଗାଈର ମାଲିକ ଏ ନେଇ ବିଦ୍ୟୁତ ବିଭାଗ ଅଧିକାରୀ ଏବଂ ମୋବାଇଲ ଟାୱାର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସନ୍ତୋଷ ଜନକ ଉତ୍ତର ପାଇ ନ ଥିଲେ। ଯାହାକୁ ନେଇ ମୃତ ଗାଈର ମାଲିକ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଅନ୍ୟାନ୍ୟ ଗୃହ ପାଳିତ ପଶୁ କିମ୍ବା ଜନସାଧାରଣଙ୍କ ସୁରକ୍ଷାକୁ ନେଇ ଆଶଙ୍କା ପ୍ରକଟ କରିଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ଲଗାଇଲେ ଧନଜୀବନ ସୁରକ୍ଷିତ ରହିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## କବିତା ପାଠ ଉତ୍ସବ ଓ ସାରସ୍ୱତ ସମାରୋହ



**ସିଂହପୁର,୨୦।୧(ସମିସ):** ସିଂହପୁର ନିକଟ ଦେସାହି ଗ୍ରାମର ସମାଜସେବୀ ସନ୍ତୋଷ କୁମାର ବେହୁରିଆଙ୍କ ଜନ୍ମ ଦିବସରେ ବୃକ୍ଷରୋପଣ, କବିତା ପାଠ ଉତ୍ସବ, ସମ୍ବର୍ଦ୍ଧନା ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଛି। ଦଧିବାମନଜୀଉ ବିଦ୍ୟାପୀଠରେ ବୃକ୍ଷରୋପଣ କରଯାଇଥିଲା। କବି ପ୍ରଭାତ କୁମାର ମଲ୍ଲିକଙ୍କ ସଂଯୋଜନାରେ ବରିଷ୍ଠ କବି ରମାକାନ୍ତ ନାୟକ, ଅମ୍ବିକା ପ୍ରସାଦ ସାମଲ, ଭାରତ ଭୂଷଣ ମଲ୍ଲିକ, ଖଗେଶ୍ୱର ସାହୁଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କବି କବିତା ଆବୃତ୍ତି କରିଥିଲେ। ମଧ୍ୟାହ୍ନରେ ଶିକ୍ଷାବିତ୍ ଗଦାଧର ପଢ଼ିହାରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରଫେସର ଦାମୋଦର ବେହେରା, ମୁଖ୍ୟବକ୍ତା ଖରସ୍ରୋତା ପୁସ୍ତକ ମେଳାର ସଭାପତି ପଦ୍ମାକର ଗୁରୁ, ସମ୍ମାନିତ ଅତିଥି ଡ. ଗିରିଶ ବିହାରି ମିଶ୍ର, ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା, ସରପଞ୍ଚ ମୋନାଲିସା ଦାସ, ପୂର୍ବତନ ସରପଞ୍ଚ ରବିନ୍ଦ୍ର ଆଚାର୍ଯ୍ୟ, ସିଂହପୁର ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ସୁଶାନ୍ତ କୁମାର ନାୟକ, ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା, ଗୌରାଙ୍ଗ ସ୍ୱାଇଁ, ସର୍ବୋଦୟ ମଣ୍ଡଳ ଓଡିଶାର ସଂପାଦକ ରମାକାନ୍ତ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ।

## ଜଙ୍ଗଲ ନିଆଁ ସଚେତନତା ଓ ପ୍ରଶିକ୍ଷଣ ଶିବିର

**ଦାନଗଦି,୨୦।୧(ସମିସ):** ଇମ୍ପା ମାଇନ୍ସ ସୁକିନ୍ଦା ଓ ଚନ୍ଦନମ୍ ସିଡିଏ କଟକ ମିଳିତ ସହଯୋଗରେ ଏକ ଜଙ୍ଗଲ ନିଆଁ ସଚେତନତା ଓ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଟମକା ବନାଞ୍ଚଳ ଅଧୀନସ୍ଥ ରାଇଘାଟି ଗ୍ରାମ ସଂଲଗ୍ନ ପଡ଼ିଆରେ ବରିଷ୍ଠ ମଞ୍ଚ



ଉପସ୍ଥାପକ ବାବାଜୀ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରକୁ ଟମକା ବନାଞ୍ଚଳ ଅଧିକାରୀ ଏସସିଏଫ୍ କିଶୋର କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଚନ୍ଦନମ ଅନୁଷ୍ଠାନର ସମ୍ପାଦକ ଅବସରପ୍ରାପ୍ତ ଡିଏଫ୍‌ଓ ଭୀମସେନ ମହାରଣା ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଡିଏଫ୍‌ଓ ଦୀପକ କୁମାର ଖିଲାର, ପ୍ରବୋଧ ଚନ୍ଦ୍ର ନାୟକ, ଇମ୍ପାର ବରିଷ୍ଠ ଅଧିକାରୀ ସତ୍ୟ କୈବଲ୍ୟ ଦାସ, ସମରେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଟମକା ବନପାଳ ମାଣିକ ମୁଣ୍ଡା ଉପସ୍ଥିତ ରହି ଆଦିବାସୀ ଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ କଂସ ବନପାଳ ପରେଶ କୁମାର ସାହୁ, ଡୁବୁରି ବନପାଳ ଇପ୍ସିତ ରାୟ ନାୟକ, ବନରକ୍ଷୀ ଶୁଭେନ୍ଦୁ ସୁନ୍ଦର ପାତ୍ରୀ, ଅମାତୁଲ ସାକୁର, ରୁଇୟା ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବନ ସ୍କ୍ୱାଡ୍ ଆଶୁତୋଷ ରଥ, କମଳ ପାତ୍ର, ଚିନ୍ମୟ ପ୍ରଧାନ, ପିଙ୍କୁଲୁ ସାହୁ, ବିଶ୍ୱନାଥ ବେହେରା, ରଞ୍ଜନ ସାହୁ, ଅକ୍ଷୟ ମହାନ୍ତ ଓ ଅର୍ଜୁନ ଖଟୁଆ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

## ଋଷିପୁରରେ ୪ ଦିନିଆ ବାଦିପାଲା

**ଯାଜପୁର,୨୦।୧(ସମିସ):** ଯାଜପୁର ବ୍ଲକ୍ ଅନ୍ତର୍ଗତ ତଥା ସୁଜନପୁର ନିକଟସ୍ଥ ଋଷିପୁର ଗ୍ରାମରେ ୪ ଦିନିଆ ବାଦିପାଲା ଆସନ୍ତା ୨୩ରୁ ଆରମ୍ଭ ହୋଇ ୨୬ରେ ଶେଷ ହେବ। ଏଥିରେ ରାଜ୍ୟର ଦୁଇ ବିଶିଷ୍ଟ ଗାୟକ କୈଳାଶ ଚନ୍ଦ୍ର ପାଣି ଓ ବିଶ୍ୱନାଥ ସ୍ୱାଇଁ ପାଲା ପରିବେଷଣ କରିବେ। ସରସ୍ୱତୀ ପୂଜାରେ ଗତ ୩ ଦଶନ୍ଧି ଧରି ଋଷିପୁରର ଗୋପବନ୍ଧୁ ଯୁବ ସଂସଦ ଆନୁକୂଲ୍ୟରେ ଏହି ବାଦିପାଲା ଉତ୍ସବ ଆୟୋଜିତ ହୋଇଆସୁଛି। ରାଜ୍ୟର ପ୍ରାୟ ସମସ୍ତ ପ୍ରତିଷ୍ଠିତ, ବରିଷ୍ଠ ଓ କନିଷ୍ଠ ଗାୟକ ଏଠାରେ ପାଲା ପରିବେଷଣ କରିଛନ୍ତି। ପାଲା ଉତ୍ସବକୁ ସାଫଲ୍ୟ କରିବା ଲାଗି ଯୁବ ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି।

## ଛଣ ଗଦା ଜାଳିଦେଲେ ଦୁର୍ବୃତ୍ତ

**ସିଂହପୁର,୨୦।୧(ସମିସ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଛିପୁର୍ ଗ୍ରାମର ଘନଶ୍ୟାମ ବେହେରାଙ୍କ ଘର ସମ୍ମୁଖରେ ଥିବା ଦୁଇଟି ଛଣ ଗଦାକୁ କେହି ଦୁର୍ବୃତ୍ତ ଗତକାଲି ରାତିରେ ଜାଳି ଦେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଛଣ ଗଦା ଜଳୁଥିବା ଗୃହକର୍ତ୍ତା ଦେଖିଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକକୁ ଡାକିଥିଲେ ମଧ୍ୟ ଗଦା ସମ୍ପୂର୍ଣ୍ଣ ଜଳି ଯାଇଥିଲା। ସ୍ଥାନୀୟ କେହି ଦୁର୍ବୃତ୍ତ ଏପରି କାଣ୍ଡ କରିଥିବା ଓ ଦୁଇ ଦିନ ତଳେ ଧମକ ଦେଇଥିବା ଶ୍ରୀ ବେହେରା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଛି।

## ମିର୍ଜାପୁରରେ ଧାନକିଣା ଆରମ୍ଭ

**ଧର୍ମଶାଳା,୨୦।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର କୃଷି ସମବାୟ ସମିତି ପକ୍ଷରୁ ଚାଷୀଙ୍କଠାରୁ ଧାନ କିଣା ଶୁଭାରମ୍ଭ ହୋଇଛି। ସମିତି ମୁଖ୍ୟ କାର୍ଯ୍ୟନିର୍ବାହୀ ସଂପାଦକ ସୁବ୍ରତ ଜେନା ସାମନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ କ୍ୱାଲିଟି କଣ୍ଟ୍ରୋଲ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ସାହାଣୀ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଦୀପାଞ୍ଜଳ କୃଷକ ମଞ୍ଚର ସାଧାରଣ ସଂପାଦକ ଅଭିମନ୍ୟୁ ଧଳ ମୁଖ୍ୟଅତିଥି, ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ସମିତି ସଭାପତି ପ୍ରେମଲତା ଜେନାଙ୍କ ପ୍ରତିନିଧି କିଶୋର ଜେନା, ଉପ ସଭାପତି ବିଷ୍ଣୁଚରଣ ବିଶ୍ୱାଳ, ଶ୍ରୀନାଥ ସାମଲ, ରଶ୍ମି ରଞ୍ଜନ ସାମଲ, ଚିତ୍ତରଞ୍ଜନ ବିଶ୍ୱାଳ, ଯଜ୍ଞେଶ୍ୱର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମବାୟ ସମିତିର ଧାନକିଣା କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ଏହି କମିଟି ମାଧ୍ୟମରେ ପଞ୍ଜୀକରଣ କରିଥିବା ଚାଷୀମାନଙ୍କ ଠାରୁ ଧାନକିଣା ଯାଇଥିଲା। ସହ ସଂପାଦକ ପ୍ରଣବ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଧାନକିଣା କାର୍ଯ୍ୟକ୍ରମ ୧୫ଦିନ ଚାଲିବ ବୋଲି ସଂପାଦକ ଶ୍ରୀ ଜେନା ସାମନ୍ତ ସୂଚନା ଦେଇଥିଲେ।

## ସଂଶୋଧିତ ପେନ୍‌ସନ୍ ମିଳୁନାହିଁ

**ପ୍ରୀତିପୁର,୨୦।୧(ସମିସ):** ବାରମ୍ବାର ଉପକୋଷାଗାର କାର୍ଯ୍ୟାଳୟକୁ ଦୌଡି ଦୌଡି ହତାଶ ହେଉଥିବା ଜଣେ ପେନସନ୍ ଭୋଗୀଙ୍କୁ ଏ ଯାଏଁ ମିଳିଲାନି ସଂଶୋଧିତ ରିଭାଇଜଡ ପେନ୍‌ସନ। ଏଜିଙ୍କ କାର୍ଯ୍ୟାଳୟର ଚିଠି ସତ୍ତ୍ୱେ ପଦକ୍ଷେପ ନିଆଯାଉନି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର କପିଳା ପଞ୍ଚାୟତ ତଥା ଗ୍ରାମର ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ରାଧାଶ୍ୟାମ ସାମଲ ଗତ ୩୧-୮-୧୯୯୮ରିଖ ଦିନ ଚାକିରିରୁ ଅବସର ଗ୍ରଗଣ କରିଥିଲେ। ସେ ବିଞ୍ଝାରପୁର ସବ୍‌ଟ୍ରେଜେରୀବରୁ ପେନସନ ପାଉଥିଲେ। ଶ୍ରୀ ସାମଲଙ୍କ ଅଭିଯୋଗ ଅନୁଯାଇ ତା୧-୧-୨୦୦୬ ଓ ୩୧-୧୨-୨୦୧୫ ଓ ୧-୧-୨୦୧୬ରୁ ୩୧-୮-୨୦୨୫ ରିଖ ପର୍ଯ୍ୟନ୍ତ ପେନସନ ସଂଶୋଧିତ ହୋଇନାହିଁ। ଏ ବାବଦରେ ସେ ଏଜିରେ ଅଭିଯୋଗ କଲା ସତ୍ତେ ବିଞ୍ଝାରପୁର ସବଟ୍ରେଜେରୀରେ ଏହା ପଡ଼ି ରହିଛି। ଯାହାକି ଏଜିଙ୍କ କାର୍ଯ୍ୟାଳୟର ଚିଠି ସତ୍ତ୍ୱେ ପଦକ୍ଷେପ ନିଆଯାଉନି। ଏସମ୍ପର୍କରେ ସେ ବାରମ୍ବାର ସବ୍‌ଟ୍ରେଜେର, ଅଫିସରଙ୍କୁ ଆବେଦନ କରୁଥିଲେ ମଧ୍ୟ ସବୁ ନୀରର୍ଥକ ହେଉଛି ବୋଲି କହିଛନ୍ତି। ୮୬ବର୍ଷର ବର୍ଷର ଜଣେ ବରିଷ୍ଠ ନାଗରିକ ସବଟ୍ରେଜେରୀ ଅଫିସରଙ୍କ ଦ୍ୱାରା ମାନସିକ ଶାରୀରିକ ନିର୍ଯାତନାର ଶିକାର ହେଉଛନ୍ତି ବୋଲି ସେ କହିଥିଲେ। ଏ ସମ୍ପର୍କରେ ସବଟ୍ରେଜେରୀ ଅଫିସରଙ୍କ ସହିତ ଯୋଗାଯୋଗ କରିବାରୁ ସେ ଏହା ଅସ୍ୱୀକାର କରିଛନ୍ତି। ଅପରପକ୍ଷେ ରାଧାଶ୍ୟାମ ସାମଲ ଅଧିକ ପେନ୍‌ସନ ପାଉଛନ୍ତି। ରିକଭରୀ ପାଇଁ ପ୍ରୋସେସ୍ ଆରମ୍ଭ ହୋଇଛି ବୋଲି ସୂଚନା ଦେଉଛନ୍ତି।

## ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ



**ମଙ୍ଗଳପୁର,୨୦।୧(ସମିସ):** ଓଡିଶା ସରକାରଙ୍କ ଶିଳ୍ପ ନିର୍ଦ୍ଦେଶଳାୟଙ୍କ ପ୍ରାୟୋଜିତ ଯାଜପୁର ଜିଲ୍ଲା ଶିଳ୍ପ କେନ୍ଦ୍ର ଦ୍ୱାରା ଆୟୋଜିତ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ମଙ୍ଗଳବାର ଦଶରଥପୁର ବ୍ଲକ ମଙ୍ଗଳପୁର ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜେନେରାଲ ମ୍ୟାନେଜର ଚିଦାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକ ବିଡିଓ ଆକାଶ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲ୍ଲା ସହ ପରିଚାଳକ ନିରଞ୍ଜନ ନାୟକ, ଦଶରଥପୁର ବ୍ଲକ ଅତିରିକ୍ତ ଶିଳ୍ପ ଅଧିକାରୀ ସଞ୍ଜୟ କୁମାର ନାୟକ, ଦଶରଥପୁର ବ୍ଲକ ଅତିରିକ୍ତ ଉଦ୍ୟାନ କୃଷି ଅଧିକାରିଣୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ଦାସ, ରାଧାନାଥ ନାୟକ, ବିଜୟ କୁମାର ବେହେରା, ରମଣ ଚରଣ ରାଉତ, ଅକ୍ରୁର ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଉଦ୍ୟକ୍ତାମାନଙ୍କୁ କିଭଳି ଭାବେ ସରକାରୀ ସହାୟତା ମିଳିପାରିବ ବା ସେମାନେ କିପରି ଭାବେ ସରକାରୀ ସହାୟତା ପାଇପାରିବେ ସେ ସମ୍ପର୍କରେ ଅଧିକାରୀ ମାନେ ଆଲୋଚନା କରିଥିଲେ। ଦଶରଥପୁର ବ୍ଲକରୁ ୧୦୦ରୁ ଊର୍ଦ୍ଧ୍ୱ ଉଦ୍ୟମତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଗ୍ରାମର ବିଶିଷ୍ଟ ଉଦ୍ୟୋଗପତି ଦେବଦତ୍ତ ନାୟକଙ୍କୁ ଏହି କାର୍ଯ୍ୟକ୍ରମରେ ଅଧିକାରୀମାନେ ସମ୍ବୋର୍ଦ୍ଧିତ କରିଥିଲେ।

## ସିଂହପୁରରେ ହିନ୍ଦୁ ସମ୍ମିଳନୀ ୨୫ରେ

**ସିଂହପୁର,୨୦।୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ କାକୁଡି ପଡ଼ିଆ ଠାରେ ଆସନ୍ତା ୨୫ତାରିଖ ଦିନ ହିନ୍ଦୁ ସମ୍ମିଳନୀ ସମାରୋହରେ ଅନୁଷ୍ଠିତ ହେବ। ବିଞ୍ଝାରପୁର ମୁଣ୍ଡଳ ସମଗ୍ର ହିନ୍ଦୁ ସମାଜ ତରଫରୁ ଏହି ସମ୍ମିଳନୀ ଆୟୋଜନ କରାଯାଇଛି। ସକାଳେ କଳସ ଯାତ୍ରା, ଯଜ୍ଞ, ବୌଦ୍ଧିକ କାର୍ଯ୍ୟକ୍ରମ ବ୍ୟବସ୍ଥା ରହିଛି। ଏହି ସମାବେଶରେ ହଜାର, ହଜାର ବ୍ୟକ୍ତି ଯୋଗ ଦେବେ ଆୟୋଜକ ମାନେ ସୂଚନା ଦେଇଛନ୍ତି। ସମ୍ମିଳନୀକୁ ଶାନ୍ତି ଶୃଙ୍ଖଳାର ସହିତ ସଂପନ୍ନ କରିବାକୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥଲା।

### ଜାତୀୟ ସବ୍‌ଜୁନିୟର ରଗ୍‌ବି

## ଯାଜପୁର ଜିଲ୍ଲାରୁ ଅଙ୍କିତ୍ ମନୋନୀତ

**ଯାଜପୁର,୨୦।୧(ସମିସ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ଆରମ୍ଭ ହେଉଥିବା ୧୦ମ ଜାତୀୟ ସବ୍‌ଜୁନିଅର୍ ବାଳକ ରଗ୍‌ବି ଫୁଟବଲ ଚାମ୍ପିଅନସିପ ପାଇଁ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର ଶୁଶୁଆ ବାପିଟାଙ୍କି ଗାଁର ଅଶୋକ କୁମାର ଦାସଙ୍କ ପୁଅ ଅଙ୍କିତ କୁମାର ଦାସ ଓଡ଼ିଶା ରଗ୍‌ବି ଦଳ ପାଇଁ ଚୟନ ହୋଇଛନ୍ତି। ସେ ମଲ୍ଲିକାପୁର ଆଦର୍ଶ



ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଅଟନ୍ତି। ତାଙ୍କର ଏହି ସଫଳତାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ୍ ଟୁଡୁ, ଜିଲ୍ଲା ଶିକ୍ଷା କ୍ରୀଡ଼ା ଅଧିକାରୀ ସବିତା ନାୟକ, ଜିଲ୍ଲା ରଗ୍‌ବୀ ଫୁଟବଲ ଆସୋସିଏସନ୍‌ର ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଭରତ ସାହୁ ଓ ପ୍ରଧାନ ଶିକ୍ଷକ ମହମ୍ମଦ ମୂର୍ତ୍ତାଜା ଖାନ୍, କ୍ରୀଡ଼ା ଶିକ୍ଷକ ଅମିୟ କୁମାର ଶୁଭେଚ୍ଛା ଜଣାଇଛନ୍ତି।

## ଠିକାଦାର ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ଧର୍ମଶାଳା,୨୦।୧(ସମିସ):** ଧର୍ମଶାଳା ଠିକାଦାର ଅସୋସିଏସନ ପକ୍ଷରୁ ଅଲ ଓଡିଶା କଂଟ୍ରାକଟର ଆସୋସିଏସନର କର୍ମକର୍ତ୍ତାଙ୍କୁ ଜାରକା ଠାରେ ସମ୍ବର୍ଦ୍ଧନା ଜଣାଯାଇଛି। ଅଲ ଓଡିଶା କଂଟ୍ରାକ୍ଟର ସଂଘର କର୍ମକର୍ତ୍ତାମାନେ ଅଜି ଜିଲ୍ଲାର ବିଭିନ୍ନ ଠିକାଦାର ସଙ୍ଘକୁ ଭେଟି ସିଡ୍ୟୁଲ ରେଟରେ ଟେଣ୍ଡର ପକାଇବା ଅନୁରୋଧ କରିବାକୁ ଆସିଥିବା ବେଳେ ଜାରକା ଠାରେ ଧର୍ମଶାଳା କଂଟ୍ରାକ୍ଟର ଅସୋସିଏସନକୁ ଭେଟି ଏସମ୍ପର୍କରେ ଅବଗତ କରିବା ସମୟରେ ଧର୍ମଶାଳା ସଂଘ ପକ୍ଷରୁ କର୍ମକର୍ତ୍ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଲ ଓଡିଶା ଠିକାଦାର ସଙ୍ଘ ପକ୍ଷରୁ ସଭାପତି ଅନିଲ କୁମାର ମହାପାତ୍ର, ସମ୍ପାଦକ ଦିଲୀପ କୁମାର ଜେନା, ଉପସଭାପତି ହେମନ୍ତ ବଲୱନ୍ତ ଚକ୍ରବର୍ତ୍ତୀ, ସଦସ୍ୟ ତାରିଣୀ ପ୍ରସାଦ ଦାସ, ଉମାକାନ୍ତ ସାମନ୍ତରାୟ, କମଲାକାନ୍ତ ଜେନା, ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ପାଲଟପୁରରେ କର୍କଟ ଓ କିଡ୍‌ନୀ ରୋଗ ଆତଙ୍କ

# ପଞ୍ଚାୟତବାସୀଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ନିର୍ଦ୍ଦେଶ

ଦଶରଥପୁର,୨୦।୧(ସମିସ)

ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତରେ ଗତ ୧୦ ବର୍ଷ ମଧ୍ୟରେ କର୍କଟ ଏବଂ କିଡ୍‌ନୀ ରୋଗରେ ୧୨୦ରୁ ଅଧିକ ଲୋକଙ୍କ ପ୍ରାଣ ଯାଇସାରିଥିବା ବେଳେ ବର୍ତ୍ତମାନ ୮ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲା ଏବଂ ରାଜ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ ହୋଇଛି। ପାନୀୟ ଜଳ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଭିରାମ ଦାସ, ଯାଜପୁର ଏସ୍‌ଇ ରୌପ୍ୟରଞ୍ଜନ ବେହେରା, ଏସଡିଓ ଅନିଲ କୁମାର ସାମଲ, ଜେଇ ସ୍ୱର୍ଣ୍ଣଲତା ରାଉତ, ଅତିରିକ୍ତ ଲାବ୍ରୋଟାରି ଅଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ପାଲଟପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚ ଲିପିକା ମଲିକ ଏବଂ ଅଭିଯୋଗକାରୀ ଚନ୍ଦ୍ରଶେଖର ସାହୁଙ୍କ ସହ ଆଲୋଚନା କରିଛନ୍ତି। ପରେ ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପ ଏବଂ କିଛି ବ୍ୟକ୍ତିଗତ ନଳକୂପ ବୁଲି ପାଣିର ସମସ୍ୟା ଦେଖିଥିଲେ ଅଧିକାରୀମାନେ। ଗତ ୩ ବର୍ଷ ହେବ ପଞ୍ଚାୟତବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ମେଗା ଠିକା ସଂସ୍ଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମଧ୍ୟ ପାଳନ କରୁନଥିବା ଅଭିଯୋଗ କରିଥିଲେ ପଞ୍ଚାୟତବାସୀ। ଏଣୁ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ଏସ୍‌ଇ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଚେତାବନୀ ମଧ୍ୟ ଦେଇଛନ୍ତି। ୨୦୧୯ ମସିହାରୁ ପଞ୍ଚାୟତର ସାଠିବାଟି ଏବଂ ନୀଳକଣ୍ଠପୁର ଠାରେ ଖୋଳାଯାଇଥିବା ବୋରୱେଲକୁ ମେଗା ପ୍ରକଳ୍ପ ମାଧ୍ୟମରେ ଆସନ୍ତା ୭ରୁ ୧୫ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ମେଗା ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ କାର୍ଯ୍ୟକାରୀ ନକଲେ ମେଗା ପ୍ରକଳ୍ପ ଠିକଦାର ବିରୋଧରେ ମାମଲା ରୁଜୁ ହେବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଭିରାମ ଦାସ। ଏହାଛଡା ନିର୍ମିତ ଓଭରହେଡ୍ ପାଣି ଟାଙ୍କିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ଗଭୀର ନଳକୂପ ଖନନ ପାଇଁ ପ୍ରସ୍ତାବ ମଗାଯାଇଛି। ଆବଶ୍ୟକସ୍ଥଳେ ପାଣି ଟ୍ୟାଙ୍କ, ସଚେତନତା, ବ୍ୟାନର ଆଦି ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବ୍ୟକ୍ତିଗତ ନଳକୂପ ଗଭୀର ୪୦ ଫୁଟରୁ ୧୦୦ ଫୁଟ ମଧ୍ୟରେ ଖନନ ହୋଇଥିବାରୁ ଅଧିକାଂଶ ନଳକୂପ ପାଣି ପିଇବା ଅନୁପଯୋଗୀ। ଏହି ପାଣି ପରୀକ୍ଷା ହୋଇ ଆସିବା ପରେ ନ ପିଇବାକୁ ଅନୁରୋଧ କରାଯାଇଛି। ଅନ୍ୟ ପକ୍ଷରେ ଗତ ରବିବାର ଠାରୁ ପଞ୍ଚାୟତରେ ସମସ୍ତ ସରକାରୀ ଏବଂ ବ୍ୟକ୍ତିଗତ ନଳକୂପରୁ ବୋତଲ ମାଧ୍ୟମରେ ୩ଟି ଗ୍ରୁପ କରାଯାଇ ନମୁନା ସଂଗ୍ରହ କରାଯାଇଛି। ଏଯାବତ ପଞ୍ଚାୟତର ସାଠିବାଟି, ବିନ୍ଧାନନ୍ଦିପୁର, ପାଲଟପୁର, ନୀଳକଣ୍ଠପୁର, ମୁରାରୀପୁର ରାଜସ୍ୱ ଗ୍ରାମର ମୋଟ ୭୬୭ ସ୍ଥାନରୁ ନମୁନା ସଂଗ୍ରହ କରାଯାଇଛି। ଅନ୍ୟ ସମସ୍ତ ଘରେ ମଧ୍ୟ ନମୁନା ସଂଗ୍ରହ କରାଯିବ। ପାଣିରେ ସମସ୍ତ ପ୍ରକାର ମାନ ପରୀକ୍ଷା କରାଯିବା ପରେ ପାଣି ପାଇଁ କ'ଣ ସମସ୍ୟା ସୃଷ୍ଟି ହେଉଛି ଜଣାପଡ଼ିବ ବୋଲି ସୂଚନା ଦେଇଛନ୍ତି। ପାନୀୟ ଜଳ ମାନ ପରୀକ୍ଷା ପାଇଁ ଲାବ୍ରୋଟାରି ଷ୍ଟାଫ ୩ଟି ଗ୍ରୁପରେ ପ୍ରଶାନ୍ତ କୁମାର ବିଶ୍ୱାଳ, ରାଜକିଶୋର ସାମଲ, ସତ୍ୟବ୍ରତ ମହାପାତ୍ର, ଦୀପକ କୁମାର ସାହୁ, ଦିଲ୍ଲୀପ କୁମାର ବିଶ୍ୱାଳ, ସମସେର ଅଲ୍ଲୀ ଖାନ, ବିଶ୍ୱରଂଜନ ପଣ୍ଡା, ତପନ କୁମାର ଭୂୟାଁ, ବିଜୟ ବେହେରା, ମନୋଜ ବେହେରା ପ୍ରମୁଖ ନମୁନା ସଂଗ୍ରହ କରି ରାଜ୍ୟ ପାନୀୟ ଜଳ ଯୋଗାଣ ବିଭାଗର ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିଲେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହ ଆଲୋଚନା କରି ଆଗାମୀ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।



## ସରକାରଙ୍କ ଘୋଷଣା ପାଣିର ଗାର; ଧାନ ବିକ୍ରିରୁ ବଞ୍ଚିତ ଚାଷୀ

# ମିଲରଙ୍କ ଜିଦ୍ ଆଗରେ ଜିଲ୍ଲା ପ୍ରଶାସନ ନାଚାର

**ବାରିକପୁର, ୨୦।୧(ସମିସ)**

ଖରିଫ ଧାନ କ୍ରୟ ପାଇଁ ଗତ ୨ ତାରିଖରେ ଭଦ୍ରକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିବାବେଳେ ଏଥିରେ ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ମିଲର, ମଣ୍ଡି କର୍ମଚାରୀ ଓ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେଇଥିଲେ। ବିନା କଟ୍‌ନୀଛଟ୍‌ନୀରେ ଧାନ କିଣା ହେବ ବୋଲି ସୂଚନା ଦିଆଯାଇଥିଲା। ଯଥାଶୀଘ୍ର ମିଲରମାନେ ମଣ୍ଡିରେ ଝୋଟ ଅଖା ଦେବା ପାଇଁ ନିର୍ଦ୍ଦେଶ ମଧ୍ୟ ହୋଇଥିଲା। ୫ତାରିଖ ଦିନ ମଣ୍ଡି ଶୁଭାରମ୍ଭ ହୋଇ ଚାଷୀମାନଙ୍କଠାରୁ ଧାନ କ୍ରୟ ହେବ ବୋଲି ବୈଠକରେ ସହମତି ପ୍ରକାଶ ପାଇଥିଲା। ତଦନୁଯାୟୀ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କ ନିକଟକୁ ମୋବାଇଲ୍ ଜରିଆରେ ଶସ୍ୟ ବିକ୍ରି ପାଇଁ ଟୋକନ୍ ମଧ୍ୟ ଆସିଥିଲା। ପରିତାପର ବିଷୟ ଅଦ୍ୟାବଧି ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏଯାଏଁ ମୁଠାଏ ଧାନ କ୍ରୟ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ୧୬ଟି ମଣ୍ଡି ମଧ୍ୟରୁ କିଛି ସ୍ଥାନରେ କଣ୍ଟା ପୂଜା ହୋଇଥିଲେ ମଧ୍ୟ ଧାନ କିଣା ହେଉନାହିଁ। ଏବେବି କୌଣସି ଚାଷୀଙ୍କ ନିକଟରେ ଅଖା ପହଞ୍ଚି ନ ଥିବାବେଳେ କ୍ଷେତ୍ର ଅଧିକାରୀ ଓ ଶସ୍ୟ ଯାଞ୍ଚ କର୍ମଚାରୀମାନେ ମଧ୍ୟ ମଣ୍ଡିରେ ଯୋଗଦେଇ ନ ଥିବା ଜଣାଯାଇଛି। କେତେକ ମଣ୍ଡିରେ ଧାନ ପାଲଘୋଡ଼ା ହୋଇ ରହିଥିବା ଦେଖିବାକୁ ମିଳିଛି। ଯେଉଁ ଚାଷୀମାନେ ଟୋକନ ପାଇଥିଲେ ଶସ୍ୟ ବିକ୍ରି ଅବଧି ମଧ୍ୟ ଶେଷ ହେବାକୁ ବସିଛି। ପଡ଼ୋଶୀ ଜିଲ୍ଲାରେ ସୁରୁଖୁରୁରେ ଧାନ କ୍ରୟ ହେଉଥିବାବେଳେ ଭଦ୍ରକ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖାଯାଉଛି। ଏନେଇ ପ୍ରଶାସନର କହିବା କଥା ହେଲା ଏଫ୍ଏକ୍ୟୁ ମାନ ଯେଉଁଠି ଅଛି ସେହି ମଣ୍ଡିରୁ ଚାଷୀଙ୍କ ଧାନ କ୍ରୟ ହେଉଛି। ଯେଉଁଠି ଶସ୍ୟ ମାନ ଠିକ୍ ଆସୁନାହିଁ ସେଠାରୁ ମିଲର ଧାନ ନେଉନାହାନ୍ତି। ଏପଟେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାରଙ୍କ ନିର୍ଦ୍ଦେଶନାମା ପାଣିର ଗାର ସଦୃଶ ହୋଇଥିବାବେଳେ କଟ୍‌ନୀଛଟ୍‌ନୀକୁ ନେଇ ମିଲରଙ୍କ ଜିଦ୍ ଆଗରେ ପ୍ରଶାସନ ନାଚାର ହୋଇଛି। ଏପରିସ୍ଥଳେ କେବେ ଧାନ କ୍ରୟ ଆରମ୍ଭ ହେବ ତାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି।



### ସେମାନଙ୍କ ମତରେ...



ସରକାରଙ୍କ ଜାଣତରେ କଟ୍‌ନୀଛଟ୍‌ନୀ କରି ମଧ୍ୟ ଏଯାଏଁ ଧାନ ଉଠାଉ ନାହାନ୍ତି। ଟୋକନ ପାଇ ମଣ୍ଡିରେ ଧାନ ଦେଇଥିଲେ ସୁଦ୍ଧା ମିଲ୍ କର୍ତ୍ତୃପକ୍ଷ ଶସ୍ୟ ଯାଞ୍ଚ କରୁନାହାନ୍ତି କି ନେଉନାହାନ୍ତି। ଆମ ଚାଷୀମାନେ ସମ୍ପୂର୍ଣ୍ଣ ହତାଶ ହୋଇଗଲେଣି। ଏନେଇ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ।

**ପ୍ରଦୀପ ସାମଲ, କୃଷକ ସଂଘ ସଭାପତି, ଭଣ୍ଡାରିପୋଖରୀ**



ଚଳିତ ବର୍ଷ ସରକାର ଧାନ କିଣବେ ବୋଲି ଏଯାଏଁ ଜଣାପଡୁନାହିଁ। ଖରା କାକରରେ ଧାନ ପଡ଼ିଥିବାବେଳେ ଟୋକନ ପାଇ ସୁଦ୍ଧା ଆମେ ଦିନ ଦିନ ଧରି ଧାନକୁ ଜଗି ରହିଛୁ। ଟୋକନ ଅବଧି ଶେଷ ହେଲେ ସେଥିପାଇଁ ଦାୟୀ କିଏ ହେବ ବୋଲି ପ୍ରଶ୍ନ କରିଛନ୍ତି।

**ବିଶ୍ୱନାଥ ନାୟକ, ଚାଷୀ**



ଏବେ ସୁଦ୍ଧା ଚାଷୀମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ସରକାର ଯେଉଁଭଳି ନିୟମ କାନୁନ୍ ତିଆରି କରୁଛନ୍ତି ଆଗାମୀ ଦିନରେ ଚାଷୀକୂଳ ସମ୍ପୂର୍ଣ୍ଣ ବୁଡ଼ିଯିବ ଏଥିରେ ସନ୍ଦେହ ନାହିଁ।

**ଜୟନ୍ତ ସାହୁ, ସମିତି ସଭାପତି,**

## ମିଲର ଓ ସରକାରଙ୍କ ମଧ୍ୟରେ ଛକାପଞ୍ଝା; ବଳି ପଡୁଛନ୍ତି ଚାଷୀ

# ମଣ୍ଡିରୁ ଫେରିଯାଉଛି ଚାଷୀଙ୍କ ଧାନ




**ଅସୁରାଳି, ୨୦।୧(ସମିସ):** ଗତ ୫ ତାରିଖରୁ ସରକାରୀସ୍ତରରେ ଧାନ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ହେଁ ଏଯାଏଁ ଚାଷୀଙ୍କଠାରୁ ମୁଠାଏ ଧାନ କିଣା ହୋଇପାରି ନାହିଁ। ବହୁ ଦିନ ଅପେକ୍ଷା ପରେ ଧୂଷୁରୀ ସେବା ସମବାୟ ସମିତି ଅଧୀନରେ ଥିବା ଚାଷୀମାନେ ଧାନ ବିକ୍ରି କରିବା ପାଇଁ ମଙ୍ଗଳବାର ମଣ୍ଡିକୁ ନେଇଥିଲେ। ହେଲେ ଚାଷୀମାନେ ଧାନ ବିକ୍ରି କରି ନ ପାରି ନିରାଶ ହୋଇ ଘରକୁ ଫେରିଛନ୍ତି। ଟୋକନ ପାଇଥିବା ଚାଷୀ ରାଜେନ୍ଦ୍ର ପଲେଇ, ସୌଭାଗ୍ୟ ପଣ୍ଡା, ରୋହିତ ନାୟକ, ଶଶୀକାନ୍ତ ମିଶ୍ର, ଅଭୟ ମାଝୀ, କାଳନ୍ଦୀ ସେଠୀ, ରମାକାନ୍ତ ମହାପାତ୍ର, କାହ୍ନୁଚରଣ ସ୍ୱାଇଁ, ଲୋକନାଥ ପଣ୍ଡା, ସତ୍ୟବ୍ରତ ବାରିକ, ଶାନ୍ତନୁ ସାହୁ, ହରିହର ବେହେରା ପ୍ରମୁଖଙ୍କୁ ମଣ୍ଡି ପକ୍ଷରୁ ଖବର ଦିଆଯାଇଥିଲା। ଉକ୍ତ ଚାଷୀମାନେ ତାଙ୍କର ଅମଳ ହୋଇଥିବା ଧାନକୁ ମଣ୍ଡିକୁ ବିକ୍ରି କରିବା ପାଇଁ ନେଇଥିଲେ। ସେଠାରେ ଆର୍‌ଏମ୍‌ସି ଅଧିକାରୀ ଧାନ ପରୀକ୍ଷଣ କରିଥିଲେ। ପରୀକ୍ଷଣ ପରେ ଉକ୍ତ ଧାନ ଏଫ୍ଏକ୍ୟୁ ମାନର ନୁହେଁ କହିବା ସହ ଚାଷୀମାନଙ୍କୁ ତାଙ୍କର ଧାନ ଫେରାଇ ନେବାକୁ କହିଥିଲେ। ଧାନର ମାନ ନିର୍ଦ୍ଧାରଣ ସମୟରେ ଏରିଆ ଅଫିସର ସୁବ୍ରତ କୁମାର ତ୍ରିପାଠୀ, ଧୂଷୁରୀ ସେବା ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଧୂଷୁରୀ ସେବା ସମିତି ସଭାପତି ସନ୍ଦୀପ ଶଙ୍କର ସ୍ୱାଇଁ, ପିଡିଓ ଶୁଭଦର୍ଶନ ନାୟକ, ଦେଉଳଡିହ ରାଜସ୍ୱ ନିରୀକ୍ଷକ ସୁଶାନ୍ତ ମୁଦୁଲି, ଭିଏଡବ୍ଲ୍ୟୁ ପ୍ରଦୀପ ସିଂ, ମଣ୍ଡି ପରିଚାଳକ, ମିଲର, କମିଟି ସଦସ୍ୟଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

ପ୍ରଶ୍ନ ଉଠୁଛି, ଚାଷୀମାନେ ନିଜର ବହୁ ପରିଶ୍ରମ କରି ଖରା, ବର୍ଷା, ଶୀତ ସହି ବିଲରେ ଧାନ ଅମଳ କରିଥିଲେ। ମାତ୍ର ସରକାରଙ୍କ ଏଫ୍ଏକ୍ୟୁ ମାନ ସହିତ ସମାନ ନ ଥିବାରୁ ମଣ୍ଡିରୁ ଧାନ ଫେରେଇ ଦିଆଯାଇଥିଲା। ଏଥିପାଇଁ ଚାଷୀ ବାଧ ହୋଇ ବେସରକାରୀ ତଥା କ୍ୱିଣ୍ଟାଲ ପିଛା ୧୬୦୦ ଟଙ୍କାରେ କୋଲକାତା, ଆନ୍ଧ୍ରପ୍ରଦେଶକୁ ଧାନ ଚାଲି ଯାଉଛି। କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବାର ସ୍ୱପ୍ନ ସ୍ୱପ୍ନରେ ରହିଯାଉଛି। ଧାନ ମଣ୍ଡିକୁ ନ ଯିବାରୁ ବାଧ ହୋଇ ଚାଷୀମାନେ ବାହାର ଦଲାଲ୍‌ଙ୍କୁ କମ୍ ମୂଲ୍ୟରେ ଧାନ ବିକ୍ରି କରୁଛନ୍ତି। ସରକାର ତ ଟୋକନ ଆଉ ଟାର୍ଗେଟ ଦେଇଦେଲେ ମାତ୍ର ଚାଷୀଙ୍କ ଧାନ ଫେରାଇ ଦିଆଯାଉଛି। ମିଲର୍ସ ଆଉ ସରକାରଙ୍କ ମଧ୍ୟରେ ଥିବା ଛକାପଞ୍ଝା ଯୋଗୁଁ ବଳି ପଡୁଛନ୍ତି ଚାଷୀ।

## ମା' ରଟନ୍ତୀ କାଳୀଙ୍କ ୮ମ ବାର୍ଷିକ ଉତ୍ସବ



**ଭଦ୍ରକ, ୨୦।୧(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ଅଧୀନସ୍ଥ ବାଲିଗାଁଠାରେ ମା' ରଟନ୍ତୀ କାଳୀଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମନ୍ଦିର ପରିସରରେ ଯଜ୍ଞ, ଭଜନ କୀର୍ତ୍ତନରେ ସାରା ଅଞ୍ଚଳ ମୁଖରିତ ହୋଇଥିଲା। ମା'ଙ୍କ ପୂଜା ବହୁ ପ୍ରାଚୀନ ହୋଇଥିଲେ ହେଁ ୨୦୧୭ ମସିହାଠାରୁ ଏକ ଭବ୍ୟ ମନ୍ଦିରରେ ୮ ବର୍ଷ ହେଲା ପୂଜା ପାଇ ଆସୁଛନ୍ତି। ମା'ଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁମାନେ ଅଭିଷ୍ଟ ପୂରଣ କରିଥା'ନ୍ତି। ମା'ରଟନ୍ତୀ କାଳୀ କମିଟି ପକ୍ଷରୁ ଏହି ବାର୍ଷିକ ଉତ୍ସବକୁ ମହାସମାରୋହରେ ପାଳନ କରାଯାଇଛି। ଫଳରେ ସମଗ୍ର ଅଞ୍ଚଳରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି।

## ଶୀତକାଳୀନ ସେବା ଶିବିର ଉଦ୍‌ଯାପିତ



**ଅସୁରାଳି, ୨୦।୧(ସମିସ):** ଧାମନଗର ବ୍ଲକ ରଇପୁରସ୍ଥିତ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟଠାରେ ପାଳସାହି ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୀତକାଳୀନ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ଦାଶ ମୁଖ୍ୟ ଅତିଥି, ଦର୍ଶନ ବିଭାଗ ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ମୁଖ୍ୟବକ୍ତା, ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଙ୍ଗାଧର ବେହେରା, ଅଧ୍ୟାପକ ସୋମନାଥ ମଲିକ, ଶିକ୍ଷକ ଅଶୋକ ବେହେରା ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପଦ୍ମିନୀ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଇପ୍ସିତା ବେହେରା ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲାବେଳେ କ୍ରୀଡ଼ା ଶିକ୍ଷକ ଅନିଲ ରାଉତ ଅତିଥି ପରିଚୟ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ୭ ଦିନ ଧରି ଅନୁଷ୍ଠିତ ଏହି ଶୀତକାଳୀନ ଶିବିରରେ ସ୍ୱେଚ୍ଛାସେବୀମାନେ ରାସ୍ତାଘାଟ ସଫେଇ, ମନ୍ଦିର, ବିଦ୍ୟାଳୟ ପରିସର ସଫେଇ, ନାରୀ ଶିକ୍ଷା, ଭ୍ରୁଣ ନିରୂପଣ ଏକ ଦଣ୍ଡନୀୟ ଅପରାଧ, ନିଶାଦ୍ରବ୍ୟ ସେବନ ବର୍ଜନ, ବାଇକ୍ ଚଲେଇବାବେଳେ ହେଲ୍‌ମେଟ ପିନ୍ଧିବା ବାଧ୍ୟତାମୂଳକ ଆଦି ସଚେତନତା ଓ ରାଲି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରକାଶଥାଉକି ଉକ୍ତ ଶୀତକାଳୀନ ଶିବିର ଚାଲିଥିବାବେଳେ ରଇପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି କେତେକ ନଡ଼ା ଛପର ଘରେ ନିଆଁ ଲାଗିଯାଇଥିଲା। ବ୍ୟାପକ କ୍ଷୟକ୍ଷତି ହେଉଥିବା ସମୟରେ ଗ୍ରାମବାସୀଙ୍କ ସହ ମିଶି ଶିବିରର ସ୍ୱେଚ୍ଛାସେବୀମାନେ ନିଆଁ ଲିଭେଇବାରେ ସାହାଯ୍ୟ କରିବା ସହ ନଡ଼ା, ବାଉଁଶ, ଆସବାବପତ୍ର ଓ ପାଉଁଶ ଆଦି ସଫାକରି ଗ୍ରାମବାସୀଙ୍କ ପ୍ରଶଂସାଭାଜନ ହୋଇଥିଲେ।

## ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ବନ୍ତ/ଆଗରପଡ଼ା, ୨୦।୧(ସମିସ):** ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ସରମରାସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷକ ଯଶୋବନ୍ତ ସିଂହ ଓ ସହକାରୀ ଶିକ୍ଷକ ସୋମନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନସୂୟା ଭୋଇ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ଅତିଥି ପରିଚାଳନା କମିଟି ସଭାପତି ବିଶ୍ୱନାଥ ଜେନା, ମୋ ସ୍କୁଲ ଅଭିଯାନ କମିଟି ସଭାପତି ଶଶିକାନ୍ତ ଜେନା ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। କ୍ରୀଡ଼ା କାର୍ଯ୍ୟକ୍ରମ ୨ଦିନ ଧରି ଚାଲିବ। ଛାତ୍ରଛାତ୍ରୀ ସଟ୍‌ପୁଟ୍, କବାଡ଼ି, ମ୍ୟୁଜିକ୍ ଚେୟାର, ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଗଣିତ ଦୌଡ଼, ଅଖା ଦୌଡ଼ ସମେତ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଜଳିରାଣୀ ଶଙ୍ଖୁଆ, ସରସ୍ୱତୀ ନାଥ, ରାମକୃଷ୍ଣ ଆଇଚ, ତାପସ ଜେନା, ଲସ କିସ୍କୁ, ଦିବ୍ୟାଜ୍ୟୋତି ଜେନା, ନିରଞ୍ଜନ ରାଉତ, ଧୀରେନ୍ଦ୍ର ରାଉଳ, ମଳୟ ଦାସ, ଖଗେଶ୍ୱର ଜେନା କ୍ରୀଡ଼ା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଏଫ୍ଏକ୍ୟୁ ମାନର ନୁହେଁ କହି ଫେରାଇଦେଲେ ଧାନ




**ଧାମନଗର, ୨୦।୧(ସମିସ):** ସୋମବାର ଧାନ ବିକ୍ରି ହେବା ନେଇ ଧାମନଗର ବ୍ଲକର ବିଭିନ୍ନ ସରକାରୀ ଧାନ ମଣ୍ଡି ପକ୍ଷରୁ ଚାଷୀଙ୍କୁ ଖବର ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳର ୬ଟି ସମବାୟ ସମିତି ତରଫରୁ ଖୋଲାଯାଇଥିବା ଧାନ ମଣ୍ଡିକୁ କିଛି ଚାଷୀ ଧାନ ନେଇ ଯାଇଥିଲେ। ସୋମବାର ଆର୍‌ଏମ୍‌ସି ଅଧିକାରୀ ସମବାୟ ସମିତିରେ ଧାନର ମାନ ପରୀକ୍ଷା କରି ଏହା ଏଫ୍ଏକ୍ୟୁ ମାନର ନୁହେଁ ବୋଲି ଅଧିକାରୀ ସମ୍ବିତ କୁମାର ରାଏ ଚାଷୀଙ୍କୁ କହିବା ପରେ ଅସନ୍ତୋଷ ଦେଖାଦେଇଥିଲା। ଧାନର ମାନ ନିର୍ଦ୍ଧାରଣ ସମୟରେ ଅତିରିକ୍ତ ତହସିଲ୍‌ଦାର ପଲ୍ଲୀଭାରତ ମହାଳିକ, ନୋଡାଲ ଅଫିସର ଅନୀଲ କୁମାର ସେଠୀ, ମିଲର କର୍ମଚାରୀ, ମଣ୍ଡି ପରିଚାଳକ ଚାଷୀ କମିଟି, ସମିତି ପରିଚାଳନା କମିଟି ସଭ୍ୟଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ। ଏହି ଘଟଣା ପରେ ଚାଷୀ ଧାନ ଘରକୁ ନ ନେଇ ଧାନ ବସ୍ତା ସବୁ ମଣ୍ଡି ଆଗରେ ଥାକ ମାରି ରଖୁଛନ୍ତି। ସେହିପରି ଧାମନଗର ସମବାୟ ସମିତିରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିବା ସୂଚନା ମିଳିଛି। ସେମାନଙ୍କ ଧାନର ମାନ ପରୀକ୍ଷା କରି ଏହା ଏଫ୍ଏକ୍ୟୁ ମାନର ଧାନ ନୁହେଁ ବୋଲି କହିବା ପରେ କିଛି ସମୟ ପାଇଁ ଅଧିକାରୀଙ୍କ ସହ ଯୁକ୍ତିତର୍କ, କଥା କଟାକଟି ଓ ହୋ-ହଲ୍ଲା ଦେଖାଦେଇଥିବାବେଳେ ଚାଷୀମାନେ ଧାନ ବିକି ନ ପାରି ଫେରିଯାଇଛନ୍ତି ବୋଲି ସମବାୟ ସମିତି ସମ୍ପାଦକ ବସନ୍ତରାଜ ସାହୁ ସୂଚନା ଦେଇଛନ୍ତି। ଏପଟେ ଟୋକନ ଲାପ୍ସ ଭୟ ଓ ଚିନ୍ତାରେ ଚାଷୀ ଏ ଦୁଃଖ ଶୁଣିବ କିଏ ବୋଲି ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## 'ଭଦ୍ରାୟଣୀ' ମହୋତ୍ସବର ତୃତୀୟ ସନ୍ଧ୍ୟା




**ଭଦ୍ରକ, ୨୦।୧(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ 'ଭଦ୍ରାୟଣୀ' ମହୋତ୍ସବର ତୃତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଞ୍ଚରେ ପରିବେଷଣ ହେଉଥିବା ପ୍ରତ୍ୟେକଟି ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଆକର୍ଷିତ କରୁଛି। ତୃତୀୟ ଦିନର କାର୍ଯ୍ୟକ୍ରମରେ ବିକେଏସ୍‌ଏସ୍ ଭଣ୍ଡାରିପୋଖରୀ (ବାଗ୍‌ଦେବୀ ପାଲା ପରିଷଦ)ଙ୍କ ପାଲା ପ୍ରଦର୍ଶନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ହିମାଦ୍ରୀତନୟ ପଣ୍ଡା, ସ୍ୱପ୍ନଜିତ୍ ପାଢ଼ୀଙ୍କ କଳା ପ୍ରଦର୍ଶନ ଦର୍ଶକମାନଙ୍କ ମନକୁ ଛୁଇଁଥିଲା। ଅପରାଜିତା ଡ୍ୟାନ୍ସ ଷ୍ଟୁଡିଓ, ଅଭିପ୍ସା ଡ୍ୟାନ୍ସ ଗ୍ରୁପ୍ ଓ ଦର୍ଶନ ଏକାଡେମୀର ନୃତ୍ୟ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଛି। ଡ୍ୟାନ୍ସିଂ ସିଦ୍ଧାର୍ଥ, ଝୁମର ଓ ତାପସ ଶଙ୍ଖୁଆଙ୍କ ପ୍ରଦର୍ଶନ ଦର୍ଶକମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ଏହା ସହ ଓଡ଼ିଆ ସିନେମା ଅଭିନେତା ସୋହନ ସିଂହଙ୍କ ଉପସ୍ଥିତି ମହୋତ୍ସବକୁ ଅଧିକ ଆକର୍ଷଣ କରିଥିଲା। ଗାୟିକା ସୋହିନୀ ମିଶ୍ର ଓ ସଙ୍ଗୀତ ସରଗମ୍(ସୁମତି ପାଣ୍ଡା)ଙ୍କ ସୁମଧୁର ସଙ୍ଗୀତ ପ୍ରଦର୍ଶନ ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା। ଶେଷରେ ସୋହିନୀ ମିଶ୍ର ଓ ସଙ୍ଗୀତ ସରଗମଙ୍କ ସଂଯୁକ୍ତ ପ୍ରଦର୍ଶନ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଭଦ୍ରାୟଣୀ ମହୋତ୍ସବର ତୃତୀୟ ଦିନର କାର୍ଯ୍ୟକ୍ରମକୁ ଦର୍ଶକମାନଙ୍କଠାରୁ ବ୍ୟାପକ ସ୍ୱୀକୃତି ମିଳିଥିଲା।

## ଆଖି ଡ୍ରପ୍ ବଦଳରେ କାନ ଡ୍ରପ୍ ଲେଖିଲେ ଡାକ୍ତର

# ଡ୍ରପ୍ ପକାଇ ଯନ୍ତ୍ରଣାରେ ଛଟପଟ ଶ୍ରବଣ

**ଅସୁରଳି, ୨୦।୧(ସମିସ):** ଡାକ୍ତରଙ୍କୁ ଭଗବାନ ମାନୁଥିବା ଶ୍ରବଣ ଆଜି ସେହି ଡାକ୍ତରଙ୍କ ପାଇଁ ନିଜର ଆଖି ହରାଇବାକୁ ବସିଛନ୍ତି। ଡାକ୍ତରଙ୍କ ଭୁଲ୍ ପାଇଁ ସେ ଆଜି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ନଦୀଗାଁ ପଞ୍ଚାୟତ ତିନିଘରିଆ ଗାଁର ଶ୍ରବଣ ମହାଳିକଙ୍କ କ୍ଷେତ୍ରରେ। ତାଙ୍କ ଚିକିତ୍ସାରେ ଅବହେଳା ଦର୍ଶାଇ ଜଣେ ଡାକ୍ତରଙ୍କ ବିରୋଧରେ ଧୂଷୁରୀ ଥାନାରେ ସେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଶ୍ରବଣ ନିଜର ଆଖି ଚିକିତ୍ସା ପାଇଁ ଧୂଷୁରୀ ଏରିଆ ହସ୍ପିଟାଲକୁ ଯାଇଥିଲେ। ସେଠାରେ ଜନୈକ ଡାକ୍ତର ତାଙ୍କ ଆଖି ପରୀକ୍ଷା କରି ଆଇ ଡ୍ରପ୍ କିଣି ପକାଇବାକୁ ପ୍ରେସ୍‌କ୍ରିପ୍‌ସନ ଲେଖିଥିଲେ। ସେ ବଜାରରେ ଥିବା ଏକ ଔଷଧ ଦୋକାନକୁ ଯାଇ ଉକ୍ତ ପ୍ରେସ୍‌କ୍ରିପ୍‌ସନ ଦେଖାଇ ଆଇ ଡ୍ରପ୍ କିଣିଥିଲେ। କିଣିବା ପରେ ସେହି ଡାକ୍ତରଙ୍କୁ ଦେଖାଇ ଆଖିରେ ପକାଇଥିଲେ। ମାତ୍ର ତାହା ଅଧିକ ଯନ୍ତ୍ରଣା ଦେବାରୁ ସେ ପୁନଶ୍ଚ ମଙ୍ଗଳବାର ଏହି ହସ୍ପିଟାଲକୁ ଆସି ଚିକିତ୍ସା କରିଥିବା ଡାକ୍ତରଙ୍କୁ ଦେଖା କରିବା ସହିତ ଆଖିର ଯନ୍ତ୍ରଣା ଅଧିକ ହେବା କଥା କହିଥିଲେ। ସମ୍ପୃକ୍ତ ଡାକ୍ତର ଭୁଲ୍‌ରେ କାନ ଡ୍ରପ୍ ଦେଇଥିବା ସ୍ୱୀକାର କରିଥିଲେ। ଆଖି ଡ୍ରପ୍ ସ୍ଥାନରେ କାନ ଡ୍ରପ୍ ପକାଇବାରୁ ଶ୍ରବଣଙ୍କ ଆଖି ଅଧିକ ଖରାପ ହୋଇଥିଲା। ଫଳରେ ଶ୍ରବଣ ତାଙ୍କ ଆଖି ଚିକିତ୍ସା ପାଇଁ ସେହି ଡାକ୍ତର ସମସ୍ତ ଅର୍ଥ ବହନ କରିବାକୁ ଦାବି କରିଛନ୍ତି। ଶ୍ରବଣଙ୍କ ଏତଲା କପିକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧାରୀଙ୍କୁ ପଠାଇଥିବା ଧୂଷୁରୀ ଥାନାଧିକାରୀ କହିଛନ୍ତି। ସେହିପରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧାରୀଙ୍କୁ ଯୋଗାଯୋଗ କରିଥିଲେ ବି ସେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଏପଟେ ଡାକ୍ତରଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଛନ୍ତି, ଭୁଲ୍ ଔଷଧ ଲେଖିଛି କିନ୍ତୁ ଆଖିରେ କାନ ଡ୍ରପ୍ ପକାଇଲେ କୌଣସି ଅସୁବିଧା ନାହିଁ।




## ଓଲଟିଲା ଦେଶୀ ମଦ ଭର୍ତ୍ତି କାର୍

**ବନ୍ତ/ଆଗରପଡ଼ା, ୨୦।୧(ସମିସ):** ମଙ୍ଗଳବାର ଏକ ଦୁର୍ଘଟଣାଗ୍ରସ୍ତ କାର୍ ଭିତରୁ ପୁଲିସ ବିପୁଳ ପରିମାଣର ଦେଶୀ ମଦ ଜବତ କରିବା ସହ ଗାଡ଼ିଟିକୁ ଜବତ କରିଥିବାର ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁଯାୟୀ, ଆଗରପଡ଼ା-ଭଦ୍ରକ ପୂର୍ତ୍ତ ବିଭାଗ ରାସ୍ତା ଓ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଙ୍ଗାଳି ସାହି ନିକଟରେ ଏକ କାର୍ ଆଗରପଡ଼ା ପାର୍ଶ୍ୱରୁ ଭଦ୍ରକ ଆଡ଼କୁ ଦ୍ରୁତ ଗତିରେ ଯାଉଥିଲା। ବଙ୍ଗାଳି ସାହି ନିକଟରେ ଗାଡ଼ିଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଥିଲା। ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଗାଡ଼ି ଯାଞ୍ଚ ସମୟରେ ସେଥିରୁ ବିପୁଳ ପରିମାଣରେ ଦେଶୀ ମଦ ଜବତ ହୋଇଥିବା ଜଣାପଡ଼ିଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ମୋଟ୍ ୬ଟି ବସ୍ତାରେ ଥିବା ପ୍ରାୟ ୩୫୦ ଲିଟର ଦେଶୀ ମଦ ଜବତ କରିଥିବାର ଜଣାପଡ଼ିଛି। ଏନେଇ ପୁଲିସ ପକ୍ଷରୁ ୫୪/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଗାଡ଼ିର ଡ୍ରାଇଭର ଏବଂ ତାଙ୍କ ସହଯୋଗୀ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ଏହା ବାହାରକୁ ଚାଲାଣ ହେଉଥିବା ଅନୁମାନ କରାଯାଉଥିବାଳେ ପୁଲିସ ବର୍ତ୍ତମାନ ସେମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

## ଭଦ୍ରକରେ ମୋହରିର ଦିବସ ପାଳିତ

# ଓକିଲ ଓ ମୋହରିର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ

**ଭଦ୍ରକ, ୨୦।୧(ସମିସ)**




ମଙ୍ଗଳବାର ଭଦ୍ରକ ଜିଲ୍ଲା ମୋହରିର ସଦନଠାରେ ମୋହରିର ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ମୋହରିର ତଥା ଦଲିଲ୍ ଲେଖକ ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଅଧିବକ୍ତା ତଥା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ବସନ୍ତ ଦାସ, ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ଓକିଲ ସଂଘ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ବରିଷ୍ଠ ଅଧିବକ୍ତା ଗଦାଧର ବଳ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମୋହରିରମାନେ ଓକିଲମାନଙ୍କ ପେସାଗତ ଜୀବନର ପ୍ରମୁଖ ତଥା ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତ ଦେଇଥିଲେ। ମୋହରିରମାନେ ଓକିଲମାନଙ୍କୁ କେବଳ ପେସାଗତ ଜୀବନରେ ସହାୟତା କରନ୍ତି, ସେତିକି ନୁହଁ ବରଂ ମହକିଲମାନଙ୍କୁ ପ୍ରାଥମିକ ଚିକିତ୍ସା କାରିଥା'ନ୍ତି। ଓଡ଼ିଶା ତମାମ ଆଜିର ଦିବସକୁ ମୋହରିର ଦିବସ ଭାବରେ ପାଳନ କରାଯାଉଥିବାରୁ ସଭା ପ୍ରାରମ୍ଭରେ ମୋହରିର ସଂଘର ସମ୍ପାଦକ ରାମଚନ୍ଦ୍ର ନାୟକ ଏହାର ଆଭିମୁଖ୍ୟ ସମ୍ପର୍କରେ ବିଷାଦ ବିବରଣୀ ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ମୋହରିର ସର୍ବେଶ୍ୱର ଜେନା, ଅଜୟ ମହାପାତ୍ର, ନିଶାକର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ମୋହରିର ଲାଲା ଲଳିତ ମୋହନ ରାୟ ଓ ଶରତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଂଶୁମାନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଦାସ, ଜଜ୍ଞେଶ୍ୱର ମହାପାତ୍ର, ତରୁଣ ପାତ୍ର, ଗୋବିନ୍ଦ ରାଉତ, ଅଶୋକ ସାହୁ, ଦିଲ୍ଲୀପ ନାୟକ, ସୁକାନ୍ତ ଦାସ, ସୂଦନ ଚରଣ ଦାସ, ପ୍ରମୋଦ ଦାସ, ଜଗବନ୍ଧୁ ମହାନ୍ତି, ଯଯାତି ଦାସ, ପରେଶ ସାହୁ, ନରେନ୍ଦ୍ର ଦାସ, ରବିନାରାୟଣ ନାୟକ, ଗୌରାଙ୍ଗ ଚନ୍ଦ୍ର ଦାସ, ଭୀମସେନ ଆରଖ ପ୍ରମୁଖ ସହଯୋଗ କରିଥିଲେ।

## ପଞ୍ଚାୟତ ଅଧିକାରୀଙ୍କୁ ଅସମ୍ମାନ

**ଦୋଳସାହି, ୨୦।୧(ସମିସ):** ତିହିଡ଼ି ବ୍ଲକ ଅଧୀନ କୁବେରା ପଞ୍ଚାୟତରେ ଜଣେ ବ୍ୟକ୍ତିଙ୍କ ଭତ୍ତା ଟଙ୍କା ହଡ଼ପ ହୋଇଥିବା ନେଇ ଏକ ଅଭିଯୋଗ ମଙ୍ଗଳବାର ତିହିଡ଼ି ଥାନାରେ ହୋଇଥିବାବେଳେ ଏହାର ସମାଧାନ ଥାନାରେ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, କୁବେରା ପଞ୍ଚାୟତର ହରିହର ଜେନାଙ୍କ ମାଆ ଚମ୍ପା ଜେନା(୮୨)ଙ୍କ ବିୟୋଗ ଗତ ୧୪ ତାରିଖରେ ହୋଇଥିବାବେଳେ ତାଙ୍କର ଚଳିତ ମାସର ଭତ୍ତା ଟଙ୍କା ଉଠାଣ ପଞ୍ଚାୟତର ଅଧିକାରୀ ଦୀନବନ୍ଧୁ ମହାନ୍ତି କରିଥିବା କହି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ଅଧିକାରୀ ଶ୍ରୀ ମହାନ୍ତି ତିହିଡ଼ି ବ୍ଲକ ବିଡିଓ ନିରଞ୍ଜନ ବାରିକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। ବିଡିଓ ନିରଞ୍ଜନ ବାରିକ ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ ସୂଚନା ଦେଇଥିଲେ। ଅଭିଯୋଗ ପରେ ଅଭିଯୋଗକାରୀ ଦୀନବନ୍ଧୁ ମହାନ୍ତିଙ୍କୁ ଥାନାରେ ଭୁଲ୍ ସ୍ୱୀକାର କରିବା ପରେ ଥାନାରେ ଅଭିଯୋଗର ସମାଧାନ ହୋଇଥିବା କୁବେରା ପଞ୍ଚାୟତ ଅଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ମୋତେ କୌଣସି ଧର୍ମ ଗ୍ରହଣ କରିବାକୁ ପଡ଼ିଥା'ନ୍ତା, ତେବେ ମୁଁ ସୂର୍ଯ୍ୟ ଉପାସନାକୁ ପ୍ରାଥମିକତା ଦେଇଥା'ନ୍ତି । କାରଣ ସୂର୍ଯ୍ୟ ହିଁ ସମସ୍ତଙ୍କଠାରେ ଜୀବନ ସଞ୍ଚାର କରିଛି ।

-ନେପୋଲିୟନ ବୋନାପାର୍ଟ

## ନୋବେଲ୍ ସୁଆଙ୍ଗ

ବିଶ୍ୱରେ ଶାନ୍ତି, ସଂହତି, ମୈତ୍ରୀ, ଭ୍ରାତୃତ୍ୱ ଓ ସହାବସ୍ଥାନ ପ୍ରତିଷ୍ଠାରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରତିବର୍ଷ ନରୱେ କମିଟି ଦ୍ୱାରା ପ୍ରଦାନ କରାଯାଉଥିବା ବିଶ୍ୱର ସର୍ବୋଚ୍ଚ ସମ୍ମାନ 'ନୋବେଲ୍ ଶାନ୍ତି ପୁରସ୍କାର'କୁ ନେଇ ଚଳିତ ଥର ସୃଷ୍ଟି ହୋଇଥିବା ସୁଆଙ୍ଗ ଅଦ୍ୟାବଧି ବିଶ୍ୱ ରଙ୍ଗମଞ୍ଚରେ ପ୍ରଦର୍ଶିତ ହୋଇଚାଲିଛି ଏବଂ ସେଥିରେ ନୂଆ ନୂଆ ଚରିତ୍ରମାନ ଯୋଡ଼ି ହୋଇ ସୁଆଙ୍ଗର ଅବଧିକୁ ଦୀର୍ଘ କରିଚାଲିଛନ୍ତି । ନିରବଚ୍ଛିନ୍ନ ସାଧନାକୁ ସ୍ୱୀକୃତି ଭାବରେ ପ୍ରଦାନ କରାଯାଉଥିବା ଏହି ସମ୍ମାନଜନକ ପୁରସ୍କାରକୁ କୌଣସିମତେ ହାସଲ କରିବା ପାଇଁ ଉଦ୍‌ବିଗ୍ନ ଓ ଅତିଶୟ ଉଚ୍ଚାଟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ପାଳିର ଆଠମାସ ଭିତରେ ଅନେକ ସୁଆଙ୍ଗ ରଚନା କରିଥିଲେ, ତାହା ସେ ଏ ପର୍ଯ୍ୟନ୍ତ ନିଜେ କହିବୁଲୁଛନ୍ତି ।



ସ୍ୱରଚିତ ସୁଆଙ୍ଗରେ ନାୟକ ଭୂମିକାରେ ନିଜକୁ ନିଜେ ଉପସ୍ଥାପନ କରି ପ୍ରଶଂସା ସାଉଁଟିବାର ସେ ଯେଉଁ ଅପପ୍ରୟାସ କଲେ ସେଥିରେ ତାଙ୍କୁ 'ତାଳି'(ସ୍ୱୀକୃତି) ବଦଳରେ 'ଗାଳି'(ପ୍ରତ୍ୟାଖ୍ୟାନ) ମିଳିବା ବା ସେ ଲୋକହସା ହେବା ସାର ହେଲା । ତାଙ୍କର ନୋବେଲ୍ କ୍ଷୁଧା ଏତେ ଭୀଷଣ ହୋଇସାରିଥିଲା ଯେ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ରର ରାଷ୍ଟ୍ରପତିର ପଦମର୍ଯ୍ୟାଦାକୁ ସେ ଭୁଲି ଯାଇ ଶେଷରେ ନୋବେଲ୍ ପୁରସ୍କାର ଭିକ୍ଷା ମାଗିଚାଲିଲେ । ତାଙ୍କ ଭିକ୍ଷାଯାଚନାର ଶୈଳୀ ଓ ଭିକ୍ଷାଥାଳର ସ୍ୱରୂପ ଥିଲା ଚାପ, ଧମକ ଓ ଯୁଦ୍ଧ । ବିଶ୍ୱ ଇତିହାସରେ ବୋଧହୁଏ ଟ୍ରମ୍ପ ଏଭଳି ଜଣେ ବ୍ୟକ୍ତିତ୍ୱ ହୋଇ ରହିଗଲେ, ଯିଏ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଅଶାନ୍ତି(ଯୁଦ୍ଧ ଓ ଅସ୍ଥିରତା)କୁ ଅସ୍ତ୍ର କରିବାର ନିହାତି ଅବାଞ୍ଛିତ ଉଦ୍ୟମ କଲେ । ସେ ନିଜ ଜାଣଅଜାଣତରେ ନିଜକୁ ସେଭଳି ଜଣେ ଅତୃପ୍ତ ଆତ୍ମା ଓ ନକାରାତ୍ମକ ଶକ୍ତିର ବାହକରେ ପରିଣତ କରିଦେଲେ, ଯେଉଁମାନଙ୍କ ପ୍ରକୋପରୁ ରକ୍ଷା ପାଇବା ପାଇଁ ଆମ ଧର୍ମଧାରଣାରେ ଘୃତ, ଅନ୍ନ, ସୁରା, ବଳିଦାନ ଆଦି ପ୍ରଥା ପ୍ରଚଳିତ ଅଛି । ନିକଟରେ ସେ ସଇତାନର ସ୍ୱୀକାରୋକ୍ତି ସୁଲଭ୍ ଖୋଦ୍ ଅତି ନିର୍ଲଜ ଓ ନିର୍ବୋଧ ପଣିଆରେ ଅଥଚ ଉଦ୍ଦାମତାର ସହ ସଗର୍ବେ କହିଛନ୍ତି ଯେ ନୋବେଲ୍ ନାହିଁ ତ ଶାନ୍ତି ନାହିଁ । ଅର୍ଥାତ୍ ମୋତେ ନୋବେଲ୍ ଶାନ୍ତି ପୁରସ୍କାର ଦେଇ ସନ୍ତୁଷ୍ଟ କଲ ନାହିଁ- ଏବେ ମୋ ପ୍ରକୋପରୁ ତ୍ରାହି ନାହିଁ । କିନ୍ତୁ ସୁଆଙ୍ଗର ଚରିତ୍ର ଓ ବାସ୍ତବ ଜୀବନ ଭିତରେ ଥିବା ତଫାତ୍‌କୁ ନୋବେଲ୍ ପୁରସ୍କାର ଚୟନ କମିଟି ସଠିକ୍ ପରଖି ସମସ୍ତ ଚାପରୁ ଊର୍ଦ୍ଧ୍ୱରେ ରହି ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମଚାଡୋଙ୍କୁ ନୋବେଲ୍ ପୁରସ୍କାର ପାଇଁ ମନୋନୀତ କରିଦେଲେ ।

ଏହାପରେ ନୋବେଲ୍ ଶାନ୍ତି ପୁରସ୍କାରକୁ କେନ୍ଦ୍ରରେ ରଖି ଆଉ ଏକ ସୁଆଙ୍ଗ ରଚନା କରିଛନ୍ତି ମଚାଡୋ । ସେ ପାଇଥିବା ନୋବେଲ୍ ଶାନ୍ତି ପୁରସ୍କାରଟିକୁ ଟ୍ରମ୍ପଙ୍କୁ ଦାନ କରିଛନ୍ତି ଏବଂ ଆହୁରି ନିର୍ଲଜପଣିଆର ପ୍ରମାଣ ଦେଇ ଟ୍ରମ୍ପ ମଧ୍ୟ ତାହା ଗ୍ରହଣ କରିଛନ୍ତି । କୌଣସି ଭୋଜିକୁ ନିମନ୍ତ୍ରିତ ହୋଇ ନଥିବା ବୁଭୁକ୍ଷୁଟିଏ ନିମନ୍ତ୍ରିତ ଅତିଥିର ଥାଳିରୁ ଖାଇ ଆତିଥେୟର ଆତ୍ମତୃପ୍ତି ଭଳି କଥା ଏହା ହୋଇଛି । ପୁରସ୍କାର ହସ୍ତାନ୍ତରର ଏଭଳି ଉପକ୍ରମରେ ନୋବେଲ୍ ତାଲିକା ଆପେ ସଂଶୋଧିତ ହୋଇଯିବ ନାହିଁ - ଏହା ଯେ ମଚାଡୋ, ଟ୍ରମ୍ପ କିମ୍ବା ତାଙ୍କ ଉପଦେଷ୍ଟାମାନେ ଜାଣି ନଥିବେ ତା' ନୁହେଁ । କିନ୍ତୁ 'ବୁଭୁକ୍ଷୁ କିଂ ନ କରୋତି କାର୍ଯ୍ୟମ୍(ଭୋକିଲାର ବିଚାରବୋଧ ଓ ବିବେକବୋଧ ନ ଥାଏ) ନୀତିରେ ଟ୍ରମ୍ପ ମଚାଡୋଙ୍କ ହାତରୁ ନୋବୋଲ୍ ପୁରସ୍କାର ଗ୍ରହଣ କରି ସଗର୍ବେ ଫଟୋ ଉଠାଇ ପ୍ରଶଂସା ସାଉଁଟିବାର ନିର୍ବୋଧ ଉଦ୍ୟମ କରିଛନ୍ତି ।

ଏହି ସମ୍ପୂର୍ଣ୍ଣ ସୁଆଙ୍ଗରେ ମାଚୋଡା କିନ୍ତୁ ନାୟିକା ଓ ଟ୍ରମ୍ପ ଖଳନାୟକ ହୋଇରହିଗଲେ । ଯଦି ବାସ୍ତବରେ ଏଭଳି ଉପକ୍ରମରେ ନୋବେଲ୍ ତାଲିକା ସଂଶୋଧନ ହୋଇଯାଉଥା'ନ୍ତା ତେବେ ମଚାଡୋ ସତରେ ପୁରସ୍କାରଟିକୁ ଟ୍ରମ୍ପଙ୍କ ହାତକୁ ଟେକି ଦେଇଥା'ନ୍ତେ କି ନାହିଁ ସନ୍ଦେହ । କିନ୍ତୁ ନୋବେଲ୍ ପୁରସ୍କାର ଭଳି ମହାର୍ଘ ସ୍ୱୀକୃତି ଓ ସମ୍ମାନକୁ ହସ୍ତାନ୍ତର ଜନିତ ବଳିଦାନ ଓ ସମର୍ପଣ ଭାବନା ଯୋଗୁଁ ସେ ଆହୁରି ମହୀୟସୀ ଓ ବିଶ୍ୱବନ୍ଦନୀୟା ହୋଇଯାଇଥା'ନ୍ତେ । କାରଣ ନୋବେଲ୍-ଭୋକିଲା ଟ୍ରମ୍ପଙ୍କ ଆକ୍ରୋଶରୁ ତ ସେ ଏହି ବଳିଦାନ ଦ୍ୱାରା ନିଜ ଦେଶ ଭେନେଜୁଏଲା ସମେତ ଗ୍ରୀନ୍‌ଲାଣ୍ଡ, ଇରାନ୍ ଆଦି ଦେଶ ବିରୋଧରେ ସମ୍ଭାବ୍ୟ ଯୁଦ୍ଧକୁ ଟାଳି ବିଶ୍ୱକୁ ବିନାଶରୁ ରକ୍ଷା କରିପାରିଥା'ନ୍ତେ । ଏହି ଶ୍ରେୟ ନୋବେଲ୍ ଶାନ୍ତି ପୁରସ୍କାରଠାରୁ ମଧ୍ୟ ଅଧିକ ହୋଇଯାଇଥା'ନ୍ତା । କିନ୍ତୁ ସୁଆଙ୍ଗର ସଂଳାପ ଓ ଅଭିନୟ ବାସ୍ତବ ଜୀବନରେ ସମ୍ଭବ ନୁହେଁ, ଏହା ଦର୍ଶକ ଆସନରେ ବସିଥିବା ଅବଶିଷ୍ଟ ବିଶ୍ୱ ଉପଲବ୍ଧି କରୁଛନ୍ତି ଏବଂ ସୁଆଙ୍ଗକୁ ଉପଭୋଗ କରୁଛନ୍ତି ।

ନୋବୋଲ୍ ସୁଆଙ୍ଗର ଏହି ସାମଗ୍ରିକ ଓ ସମ୍ଭାବ୍ୟ ଉପକ୍ରମ ଯେ ଏକ କଳଙ୍କିତ ଅଧ୍ୟାୟ ଲେଖିଦେଇ ଗଲା ତାହା ମଚାଡୋ ହେଜିବା ଦରକାର । ମଚାଡୋଙ୍କ ହାତରୁ ପୁରସ୍କାର ନେଇ ଟ୍ରମ୍ପ ନିଜ ପଦମର୍ଯ୍ୟାଦାକୁ ଯେତିକି କ୍ଷୁଣ୍ଣ କରିଛନ୍ତି, ମଚାଡୋ ମଧ୍ୟ ନୋବେଲ୍ ପୁରସ୍କାରର ସେତିକି ଅପମାନ କରିଛନ୍ତି । ନୋବେଲ୍ ଶାନ୍ତି ପୁରସ୍କାର ଏକ ରେସ୍‌କୋର୍ସ ନୁହେଁ, ଯେଉଁଠାରେ ଘୋଡ଼ାଟିଏ ଦୌଡୁଥିବ, ଅଥଚ ଜୁଆଡ଼ିଟିଏ ହିଁ ବାଜି ମାରି ନେଉଥିବ । ଏହି ଅବାଞ୍ଛିତ ଉପକ୍ରମ ନୋବୋଲ୍‌ର ମାନ ଓ ମର୍ଯ୍ୟାଦା କ୍ଷୁଣ୍ଣ କରିଥିବାରୁ ମଚାଡୋଙ୍କଠାରୁ ମଧ୍ୟ ପୁରସ୍କାର ପ୍ରତ୍ୟାହାର କରାଗଲେ ବା ତାଲିକାରୁ ତାଙ୍କ ନାମ ବାଦ୍ ଦିଆଗଲେ ଭୁଲ୍ ହେବ ନାହିଁ ।

# ସାଟେଲାଇଟ୍ ସହିତ ଗାନ୍ଧୀ !

**ଡକ୍ଟର ଅବଶ ପରିଡ଼ା**

ଲୋକପ୍ରିୟ ସମାଜଶାସ୍ତ୍ରୀ ଆଲଭିନ୍ ଟଫଲରଙ୍କୁ ଅକ୍ସେବହୁତ ସଭିଏଁ ଜାଣନ୍ତି । 'ଫ୍ୟୁଚର ସକ୍' ଭଳି ତାଙ୍କର ଅନ୍ୟ ଏକ ପ୍ରମୁଖ ପୁସ୍ତକ ହେଉଛି 'ଦି ଥାର୍ଡ ୱେଭ୍' । ଏହା ସାମାଜିକ ପରିବର୍ତ୍ତନର ଏକ ଶକ୍ତିଶାଳୀ ପୁନଃବ୍ୟାଖ୍ୟାନ । ଆଧୁନିକୀକରଣର ପାରମ୍ପରିକ ଶିଳ୍ପ-କେନ୍ଦ୍ରିକ ତତ୍ତ୍ୱକୁ ଏହି ପୁସ୍ତକ ମାଧ୍ୟମରେ ଆହ୍ୱାନ କରିଛନ୍ତି ଟଫଲର । ପାରମ୍ପରିକ ବିଶ୍ୱାସ କୁହେ ଯେ ପ୍ରଯୁକ୍ତିବିଦ୍ୟାର ଦ୍ରୁତପ୍ରଗତି ଯୋଗୁଁ କେନ୍ଦ୍ରୀକରଣ, ସହରୀକରଣ ଓ ସାମାଜିକ ସମନ୍ୱୟୀକରଣ ଭଳି ଘଟଣା ହେବା ସ୍ୱାଭାବିକ । କିନ୍ତୁ ଟଫଲରଙ୍କ 'ଦି ଥାର୍ଡ ୱେଭ୍' ପୁସ୍ତକର ସାରମର୍ମ ଏସବୁ ଧାରଣା ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଠାରେ ଟଫଲର ଯୁକ୍ତି ଦେଇଛନ୍ତି ଯେ ସୂଚନା, ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଓ ବିକେନ୍ଦ୍ରୀକରଣ ବ୍ୟବସ୍ଥା ଦ୍ୱାରା ପରିଚାଳିତ ସଭ୍ୟତାର ତୃତୀୟ ତରଙ୍ଗରେ ମାନବଜାତି ପ୍ରବେଶ କରୁଛି । ଏଠି ପରିବର୍ତ୍ତନ ବ୍ୟକ୍ତିର ଭାବନାଠାରୁ ବହୁତ ଆଗରେ ।

ସେହି ପୁସ୍ତକର ଏହିଭଳି ପ୍ରଗତିଶୀଳ ଧାରଣାଗୁଡ଼ିକ ମଧ୍ୟରେ 'ସାଟେଲାଇଟ୍ସ ସହିତ ଗାନ୍ଧୀ'(ଗାନ୍ଧୀ ୱିଥ୍ ସାଟେଲାଇଟ୍) ନାମକ ଏକ ଅଧ୍ୟାୟ ଅଛି । ଏଠାରେ ଟଫଲର ସାଙ୍କେତିକ ଭାବରେ ମହାତ୍ମା ଗାନ୍ଧୀଙ୍କ ବିକେନ୍ଦ୍ରୀକରଣ, ଗ୍ରାମ ଓ ସମ୍ପ୍ରଦାୟ-ଆଧାରିତ ଏକ ନୈତିକ ସାମାଜିକ ଜୀବନର ଦୃଷ୍ଟିକୋଣ ସହ ସାଟେଲାଇଟ୍ ଓ ଡିଜିଟାଲ୍ ନେଟୱାର୍କ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାର ମିଶ୍ରଣ କରିଛନ୍ତି । ଏହାସହିତ ଏକ ପରିବର୍ତ୍ତିତ ମାନବମୂଲ୍ୟ ଥିବା ସମାଜ କଥା ମଧ୍ୟ ଚିନ୍ତା କରିଛନ୍ତି । ଏଠାରେ ପ୍ରଶ୍ନ ପଚରା ଯାଇପାରେ ଯେ ସାମାଜିକ ପରିବର୍ତ୍ତନର ଏହି ଭବିଷ୍ୟବାଣୀରେ ଟଫଲର କାହିଁକି ଗାନ୍ଧୀଙ୍କ ଉଦାହରଣ ଦେଲେ? ପଶ୍ଚିମ ବିଶ୍ୱରେ ବିଦ୍ୱାନ, ଲେଖକ ଓ ରାଜନେତାଙ୍କର କ'ଣ ଅଭାବ ଥିଲା? ଗାନ୍ଧୀ କାହିଁକି ନୂତନ ସାମାଜିକ ପରିବର୍ତ୍ତନର ଦିଗଦର୍ଶକ ହେଲେ?

ପାଞ୍ଚ ଦଶନ୍ଧି ତଳେ ଟଫଲରଙ୍କ ଦୃଷ୍ଟିକୋଣ ସୁଦୂରପ୍ରସାରୀ ଥିଲା । ତାଙ୍କ ମତରେ ଭବିଷ୍ୟତର ସମାଜ ହେଉଛି ସୁଦୂର କାର୍ଯ୍ୟ, ଡିଜିଟାଲ ଶାସନ, ଟେଲିମେଡିସିନ୍ ଓ ନେଟୱାର୍କ ସକ୍ରିୟତା ଦ୍ୱାରା ଚିହ୍ନିତ, ଯାହା ଏବେ ଏକ ଧ୍ରୁବ ସତ୍ୟ । ସ୍ଥାନୀୟ ସଂସ୍କୃତି ସହିତ ବିଶ୍ୱ ସଂଯୋଗର ସହାବସ୍ଥାନ ଏକ ମାନବୀୟ ଆଧୁନିକତାକୁ ପ୍ରତିଫଳିତ କରିବ ବୋଲି ଟଫଲର ଆଶାବାଦୀ ଥିଲେ । ଆଲଭିନ୍ ଟଫଲରଙ୍କ ପାଇଁ ଆଧୁନିକୀକରଣ ଓ ପ୍ରଗତିର ତତ୍ତ୍ୱଗୁଡ଼ିକୁ ପ୍ରଶ୍ନ କରିବା ପାଇଁ ମହାତ୍ମା ଗାନ୍ଧୀ ଥିଲେ ଏକମାତ୍ର ସମାଜତାତ୍ତ୍ୱିକ ଉପାଦାନ । ଏହି ପରିପ୍ରେକ୍ଷୀରେ ଅନେକ ସମାଜଶାସ୍ତ୍ରୀ ମତ ଦିଅନ୍ତି ଯେ ସମ୍ଭବତଃ ଭବିଷ୍ୟତକୁ ଗାନ୍ଧୀଙ୍କ ଦୃଷ୍ଟିରେ ପୁନଃକଳ୍ପନା କରିଛନ୍ତି ଟଫଲର । ଗାନ୍ଧୀଙ୍କ ପରି ଟଫଲର ମଧ୍ୟ କାରଖାନାର ବହୁଳ ଉତ୍ପାଦନ ଓ ଅମଲାତନ୍ତ୍ର ନିୟନ୍ତ୍ରଣ ଦ୍ୱାରା ହେଉଥିବା ଶ୍ରମିକର କାର୍ଯ୍ୟ ବିଚ୍ଛିନ୍ନତାକୁ ନିରନ୍ତର ସମାଲୋଚନା କରିଛନ୍ତି । ଏଠି କହି ରଖିବାକୁ ଚାହେଁ ଯେ ମହାତ୍ମା ଗାନ୍ଧୀ ପ୍ରଗତିକୁ କଦାପି ବିରୋଧ କରି ନ ଥିଲେ । କିନ୍ତୁ ସେ ଏପରି ଏକ ସଭ୍ୟତାର ବିରୋଧ କରିଥିଲେ, ଯାହା ଦକ୍ଷତା ଓ ପରିମାଣ ବଦଳରେ ମାନବ ମର୍ଯ୍ୟାଦା, ସାମୂହିକ ଜୀବନ ଓ ନୈତିକ ଦାୟିତ୍ୱକୁ ବଳିଦାନ ଦିଏ ।

୧୯୦୯ ମସିହା 'ହିନ୍ଦ ସ୍ୱରାଜ'ରେ ଗାନ୍ଧୀ ଲେଖିଛନ୍ତି 'ଯନ୍ତ୍ରପାତି ଭାରତକୁ ଗରିବ କରିଦେଇଛି, ମାଞ୍ଚେଷ୍ଟର ଆମ ପ୍ରତି କରିଥିବା କ୍ଷତିକୁ ମାପିବା ଆମ ପାଇଁ କଷ୍ଟକର ।' ଗାନ୍ଧୀଙ୍କ ଏହି ମତ ଥିଲା ଶିଳ୍ପ ପୁଞ୍ଜିବାଦ ଉପରେ କଟାକ୍ଷ । ଗାନ୍ଧୀ କହିବାକୁ ଚାହୁଁଥିଲେ ଯେ ଯାନ୍ତ୍ରିକଶିଳ୍ପ ଉତ୍ପାଦନ ଦ୍ୱାରା ଗ୍ରାମ୍ୟଶିଳ୍ପ ନଷ୍ଟ ହୁଏ । ସମ୍ପତ୍ତିର ମାଲିକାନାକୁ କେନ୍ଦ୍ରୀଭୂତ କରିବା ସହିତ ସାମାଜିକ ସମ୍ପର୍କ ମଧ୍ୟ ହାନି ହୁଏ । ଆଠ ଦଶକ ପରେ ଏହି ଗାନ୍ଧୀବାଣୀ ଟଫଲରଙ୍କ 'ସମାଜର ଅମାନବୀୟ ମୂଳ' ଭାବରେ ବର୍ଣ୍ଣନା ହୋଇଛି ।

ଟଫଲରଙ୍କ 'ଫ୍ୟୁଚର ସକ୍' ପୁସ୍ତକରେ ଉଲ୍ଲେଖ ଅଛି ଯେ ଅନ୍ଧବିକାଶର ଅଦୃଶ୍ୟ ପରିମାଣ ଏବଂ ଶିଳ୍ପ ମାନକୀକରଣ ଯୋଗୁଁ ବ୍ୟକ୍ତିର ମାନସିକ ବିଭ୍ରାନ୍ତି ଓ ସାମାଜିକ ବିଭ୍ରାଟ ଆଶଙ୍କା ବଢ଼ିଯିବ । ଏପରିକି ଆଧୁନିକ ଯୁଗରେ ଦକ୍ଷତା ଆଗରେ ମାନବ ମର୍ଯ୍ୟାଦାର ମୂଲ୍ୟ କିଛି ରହିବ ନାହିଁ । ୧୯୨୭ ମସିହା ମାଡ୍ରାସରେ ଚରଖା ସଂଘରେ ଏକ ଭାଷଣରେ ଗାନ୍ଧୀ ଏହି ସମାନ କଥା ସ୍ପଷ୍ଟ କରିଥିଲେ ଯେ 'ମୁଁ ଯନ୍ତ୍ରପାତିକୁ ବିରୋଧ କରେ ନାହିଁ, କିନ୍ତୁ ଯେତେବେଳେ ଏହା ଆମ ଉପରେ ପ୍ରଭୁତ୍ୱ ଦେଖାଏ ସେତେବେଳେ ମୁଁ ଏହାର ସମ୍ପୂର୍ଣ୍ଣ ବିରୋଧ କରେ ।' ସେହିପରି ୧୩ ନଭେମ୍ବର ୧୯୨୪ରେ 'ୟଙ୍ଗ ଇଣ୍ଡିଆ'ରେ ଗାନ୍ଧୀ ଚେତାବନୀ ଦେଇଥିଲେ 'ଯନ୍ତ୍ରପାତି ପ୍ରତି ଦୁର୍ବଳତା ଭାରତର ଆର୍ଥିକ ଦୁର୍ଦ୍ଦଶାର ମୁଖ୍ୟ କାରଣ ହେବ । ଯନ୍ତ୍ରପାତି ହେଉଛି ଏକ ସୈତାନ, ଯାହା ବନ୍ଦୀ ରଖେ ଏବଂ କ୍ରୀତଦାସ କରିଦିଏ ।' ଏହି ସମାନ ଯୁକ୍ତି ଦେଇ ଟଫଲରଙ୍କ କୁହନ୍ତି ବିସ୍ଥାପିତ ଶ୍ରମ ଓ ଗ୍ରାମ ସ୍ୱାବଲମ୍ବନକୁ ନଷ୍ଟ କରିଦେବାର ଶକ୍ତି ଆଧୁନିକ ଶିଳ୍ପ ଓ ପ୍ରଯୁକ୍ତିବିଦ୍ୟା ପାଖରେ ଅଛି । ସଦ୍ୟ ପ୍ରକାଶିତ କିଛି ସର୍ଭେରେ ଉଲ୍ଲେଖ ଅଛି ଯେ ଆଧୁନିକ ଅମଲାତାନ୍ତ୍ରିକ-ଶିଳ୍ପ ବ୍ୟବସ୍ଥା ଦ୍ୱାରା ଶ୍ରମିକ ଓ ପେସାଦାରମାନେ ନିଜ କାର୍ଯ୍ୟ, ସମ୍ପ୍ରଦାୟ ଓ ନିଷ୍ପତ୍ତି ଗ୍ରହଣରୁ ବିଚ୍ଛିନ୍ନ ହେଉଛନ୍ତି, ଯାହା ଅନ୍ୟ ଏକ ଗମ୍ଭୀର ସାମାଜିକ ସମସ୍ୟାକୁ ଜନ୍ମ ଦେଉଛି ।

ନୈତିକ ଅର୍ଥନୀତିକୁ ପ୍ରାଥମିକତା ଦେଇଥିବା ଗାନ୍ଧୀ ସର୍ବଦା ବ୍ୟକ୍ତି ଉପରେ ଅମଲାତନ୍ତ୍ରର ଆଧିପତ୍ୟ ବିରୁଦ୍ଧରେ ଥିଲେ । ସେ ଆଶା କରିଥିଲେ ଯେ ସାମୁଦାୟିକ ଜୀବନକୁ ରକ୍ଷା କରିବା ପାଇଁ ବିକେନ୍ଦ୍ରୀକରଣ ଏବଂ ଏକ ମାନବିକ ବ୍ୟବସ୍ଥାର ଅତ୍ୟନ୍ତ ଆବଶ୍ୟକତା ଅଛି । ଏକ ଶତାବ୍ଦୀ ପୂର୍ବରୁ ଶିଳ୍ପ ସଭ୍ୟତାର ସାମାଜିକ ବ୍ୟାଧିକୁ ପୂର୍ବାନୁମାନ କରିସାରିଥିଲେ ଗାନ୍ଧୀ । ପରେ ଟଫଲର୍ ଏହାକୁ ନିଜ 'ଦ୍ୱିତୀୟ ତରଙ୍ଗ ବିଫଳତା'ର ତତ୍ତ୍ୱ ଭାବେ ପ୍ରକାଶ କରିଥିଲେ । ଏହି ପ୍ରସଙ୍ଗରେ ଗାନ୍ଧୀ ସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଶିଳ୍ପ ଆଧୁନିକତା ହେଉଛି ନୀତି ବିନା ଶକ୍ତି । କିନ୍ତୁ ଟଫଲର୍‌ଙ୍କ 'ଗାନ୍ଧୀ ପ୍ରଯୁକ୍ତିବିଦ୍ୟା' ହେଉଛି ମାନବିକ ନୀତିନିୟମ ଓ ସାମାଜିକ ମୂଲ୍ୟବୋଧ ଦ୍ୱାରା ପ୍ରଯୁକ୍ତିବିଦ୍ୟାର ବ୍ୟବହାର । ଏଆଇ ଯୁଗରେ ଏହି ଆଚରଣର ଆବଶ୍ୟକତା ଅଧିକ ଅଛି ।

ଏବେ ଫେରିବା ଅନ୍ୟ ଏକ ପ୍ରଶ୍ନକୁ । ଗାନ୍ଧୀଙ୍କୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ପରିବର୍ତ୍ତନର ଉଦାହରଣ ଭାବେ ଟଫଲର କାହିଁକି ନେଲେ? ଏହି ପ୍ରଶ୍ନର ଉତ୍ତରରେ ଶ୍ରୀଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଯେ ଏହା ପଛରେ ତିନୋଟି ସମ୍ଭାବ୍ୟ କାରଣ ଥାଇପାରେ । ପ୍ରଥମ, ଗାନ୍ଧୀ ହେଉଛନ୍ତି ଜଣେ ଅଣ-ପାଶ୍ଚାତ୍ୟ, କିନ୍ତୁ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ରାଜନେତା ଓ ସମାଜ ସଂସ୍କାରକ । ଦ୍ୱିତୀୟ, ପରିବର୍ତ୍ତନ ଓ ନୈତିକ ଭିତ୍ତିଭୂମିକୁ ଗୁରୁତ୍ୱ ଦେଉଥିବା ଜଣେ ଆଶାବାଦୀ ବ୍ୟକ୍ତି । ତୃତୀୟରେ ମାର୍କ୍ସ ଓ ୱେବରଙ୍କ ଭଳି ଅଧିକାଂଶ ପାଶ୍ଚାତ୍ୟ ଭବିଷ୍ୟତବାଦୀମାନଙ୍କଠାରୁ ଗାନ୍ଧୀ ଭିନ୍ନ; କାରଣ ସେ ବାକ୍ୟ ବଦଳରେ କର୍ମ ଓ ପ୍ରୟୋଗକୁ ଗୁରୁତ୍ୱ ଦେଉଥିଲେ । ଗାନ୍ଧୀ ପାଶ୍ଚାତ୍ୟ ପ୍ରାଧାନ୍ୟ ନୁହେଁ, ସେ ସାଂସ୍କୃତିକ ବହୁଳତାର ପ୍ରତିନିଧି । ଗାନ୍ଧୀଙ୍କ ଗ୍ରାମସ୍ୱରାଜ, ଗ୍ରାମ୍ୟବିକାଶ ଓ ସ୍ଥାନୀୟ ସ୍ୱାବଲମ୍ବନ ହେଉଛି ଭାରତୀୟ ବିକେନ୍ଦ୍ରୀକରଣ ତତ୍ତ୍ୱ । ଟଫଲରଙ୍କ ମୂଳ ଧାରଣାରେ ମଧ୍ୟ କାର୍ଯ୍ୟ, ଉତ୍ପାଦନ, ଶକ୍ତି ଓ ନିଷ୍ପତ୍ତି ଗ୍ରହଣର ବିକେନ୍ଦ୍ରୀକରଣ କଥା ଉଲ୍ଲେଖ ଅଛି । ଗାନ୍ଧୀ ଗବେଷକଙ୍କ ମତରେ ଗାନ୍ଧୀଙ୍କ ବ୍ୟତୀତ ଅନ୍ୟ କୌଣସି ଆଧୁନିକ ଚିନ୍ତାନାୟକ ବିକେନ୍ଦ୍ରୀକରଣକୁ ଏତେ ଅଧିକ ସ୍ପଷ୍ଟ ଭାବରେ ପ୍ରକାଶ କରିନାହାନ୍ତି ।

ଆଲଭିନ୍ ଟଫଲର ମେସିନକୁ ପ୍ରତ୍ୟାଖ୍ୟାନ କରିନଥିଲେ କିମ୍ବା ଦାରିଦ୍ର୍ୟକୁ ପ୍ରଶଂସା ମଧ୍ୟ କରିନଥିଲେ । ମହାତ୍ମା ଗାନ୍ଧୀଙ୍କ ପରି ସେ ବିଶ୍ୱାସ କରୁଥିଲେ ଯେ ପ୍ରଯୁକ୍ତିବିଦ୍ୟା ମଣିଷକୁ ନିୟନ୍ତ୍ରଣ କରିବା ପାଇଁ ନୁହେଁ, ବରଂ ସାହାଯ୍ୟ କରିବା ଉଚିତ୍ । ଆଜିର ଭାରତରେ ଏହି ଧାରଣା ସ୍ପଷ୍ଟ ଦୃଶ୍ୟମାନ । ଡାକ୍ତରଙ୍କ ସହିତ ପରାମର୍ଶ କରିବା ପାଇଁ ଗ୍ରାମୀଣ ଭାରତ ଟେଲିମେଡିସିନ୍ ବ୍ୟବହାର କରୁଛି । ଶିକ୍ଷା ପାଇଁ ବିଦ୍ୟାର୍ଥୀମାନେ 'ଦୀକ୍ଷା' ଓ 'ସ୍ୱୟମ୍' ଭଳି ଅନଲାଇନ୍ ପ୍ଲାଟଫର୍ମ ଉପରେ ନିର୍ଭରଶୀଳ । ସେହିପରି ଛୋଟ ଦୋକାନୀ ଓ ଚାଷୀମାନେ ନଗଦ ଟଙ୍କା ବଦଳରେ ୟୁପିଆଇର ବହୁଳ ବ୍ୟବହାର କରୁଛନ୍ତି । ଛୋଟ ସହରରୁ ଦୂରବର୍ତ୍ତୀ କାମ ବା ୱାର୍କ ଫ୍ରମ୍ ହୋମ୍ ଏବେ ଏକ ଲୋକପ୍ରିୟ କାର୍ଯ୍ୟସଂସ୍କୃତି । ଏହିସବୁ ଅଭ୍ୟାସରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ସ୍ଥାନୀୟ ଜୀବନକୁ ନଷ୍ଟ ନକରି ଅନେକ ସାହାଯ୍ୟ କରୁଛି । ଏହା ହିଁ ହେଉଛି ଟଫଲରଙ୍କ 'ସାଟେଲାଇଟ୍ ସହିତ ଗାନ୍ଧୀ'ର ଅର୍ଥ ଓ ଉଦାହରଣ ।

ସମାଜବିଜ୍ଞାନ ଦୃଷ୍ଟିରୁ 'ସାଟେଲାଇଟ୍ ସହିତ ଗାନ୍ଧୀ' ମଡେଲଟି ବହୁତ ଗୁରୁତ୍ୱପୂର୍ଣ୍ଣ । ଏହି ମଡେଲ ହେଉଛି ଉପନିବେଶ ପରବର୍ତ୍ତୀ ବିକାଶ ପଥ, ଯାହା ଗ୍ରାମ ଓ ଛୋଟ ସହରକୁ ସୁଦୃଢ଼ କରି ସହରାଞ୍ଚଳ ଅସମାନତା ହ୍ରାସ କରିବାରେ ସାହାଯ୍ୟ କରିବା ସହିତ ସାମାଜିକ ଓ ପରିବେଶଗତ ଦାୟିତ୍ୱକୁ ମଧ୍ୟ ଅଭିବୃଦ୍ଧି କରେ । କାରଣ ବିକାଶ କେବଳ ବଡ଼ ସହର, ବିଶାଳ କାରଖାନା ଏବଂ ବିଳାସପୂର୍ଣ୍ଣ ବ୍ୟବହାରରେ ସୀମିତ ନୁହେଁ । ଅକ୍ଟୋବର ୫, ୧୯୪୫ ରେ ଜବାହରଲାଲ ନେହେରୁଙ୍କୁ ଗାନ୍ଧିଜୀ ଲେଖିଥିବା ଏକ ଚିଠିରେ ଉଲ୍ଲେଖ କରିଥିଲେ ଯେ 'ମୁଁ ବିଶ୍ୱାସ କରେ ଯଦି ଭାରତକୁ ପ୍ରକୃତ ସ୍ୱାଧୀନତା ହାସଲ କରିବାକୁ ହୁଏ ତେବେ ଲୋକମାନଙ୍କୁ ସହରରେ ନୁହେଁ, ଗାଁରେ ରହିବାକୁ ପଡ଼ିବ । ଶୀଘ୍ର କିମ୍ବା ବିଳମ୍ବରେ ହେଉ ଭାରତ ମାଧ୍ୟମରେ ସମଗ୍ର ବିଶ୍ୱକୁ ଏହି ସତ୍ୟ ସ୍ୱୀକାର କରିବାକୁ ପଡ଼ିବ ।' ଏହାର ଅର୍ଥ ହେଉଛି ଯେ ଉନ୍ନତ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଦୁଇଟି ସମସ୍ୟା ସମାଧାନ ହେବ । ପ୍ରଥମ ଦ୍ରୁତ ସହରୀକରଣକୁ ମନ୍ଥର କରାଯାଇପାରିବ ଏବଂ ଦ୍ୱିତୀୟ, ବିଚ୍ଛିନ୍ନତା ନୁହେଁ ବରଂ ଏକ ବିକେନ୍ଦ୍ରୀକୃତ ସମାଜ ମଧ୍ୟ ଗଢ଼ି ଉଠିବ । ଏହା ହିଁ ତ ଆଜିର ଆହ୍ୱାନ, ନୁହେଁ କି?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଭାରତ-ଜର୍ମାନୀ ସମ୍ପର୍କ: ଆଜିର ଆବଶ୍ୟକତା

**ଡ ସୁଶାନ୍ତ କୁମାର ପରିଡ଼ା**

ବିଶ୍ୱ ରାଜନୀତି ଏବେ ଏକ ଗଭୀର ପରିବର୍ତ୍ତନ ମଧ୍ୟରେ ଗତି କରୁଛି । ରୁଷ-ୟୁକ୍ରେନ ଯୁଦ୍ଧ, ମଧ୍ୟ-ପ୍ରାଚ୍ୟର ଅସ୍ଥିରତା, ଚୀନ ଓ ରୁଷ ସହ ପଶ୍ଚିମ ଦେଶଗୁଡ଼ିକ (ଆମେରିକା, ୟୁରୋପ) ମଧ୍ୟରେ ଟଣଓଟରା ଏବଂ ବିଶ୍ୱ ଅର୍ଥନୀତିର ଅନିଶ୍ଚିତତା ମଧ୍ୟରେ ଭାରତ ଓ ଜର୍ମାନୀ ଭଳି ଦେଶମାନଙ୍କର ଅନ୍ତର୍ଜାତୀୟ ସହଯୋଗ ଅନେକ ଗୁରୁତ୍ୱ ବହନ କରୁଛି । ଏହି ପରିପ୍ରେକ୍ଷୀରେ ଜର୍ମାନ ଚାନ୍ସେଲର ଫ୍ରେଡ୍ରିଜ୍ ମର୍ଜ୍ଜଙ୍କ ଭାରତ ଭ୍ରମଣ କେବଳ ଏକ ଔପଚାରିକ ରାଜନୈତିକ ଯାତ୍ରା ନୁହେଁ, ବରଂ ଏହା ଏକ ରଣନୈତିକ ସନ୍ଦେଶ ।

ଭାରତ-ଜର୍ମାନୀ ସମ୍ପର୍କ ଆଜିର ଆବିଷ୍କାର ନୁହେଁ । ଉନବିଂଶ ଶତାବ୍ଦୀରୁ ଆରମ୍ଭ କରି ଭାରତୀୟ ବୁଦ୍ଧିଜୀବୀ ଜଗତ ଉପରେ ଜର୍ମାନ ଦାର୍ଶନିକତା, ଭାଷାବିଜ୍ଞାନ ଓ ବିଜ୍ଞାନର ଗଭୀର ପ୍ରଭାବ ଥିଲା । ସ୍ୱାଧୀନତା ପରେ ମଧ୍ୟ ଭାରତ ଓ ପଶ୍ଚିମ ଜର୍ମାନୀ ମଧ୍ୟରେ ଶିକ୍ଷା, ବୈଜ୍ଞାନିକ ଗବେଷଣା ଓ ଶିଳ୍ପ କ୍ଷେତ୍ରରେ ସହଯୋଗ ଧୀରେଧୀରେ ବଢ଼ିଥିଲା । ଶୀତଳ ଯୁଦ୍ଧ ସମୟରେ ଦୁଇ ଦେଶର ରଣନୈତିକ ଅବସ୍ଥାନ ଭିନ୍ନ ଥିଲେ ମଧ୍ୟ ପାରସ୍ପରିକ ସମ୍ମାନ ଓ ବ୍ୟବହାରିକ ସହଯୋଗର ଧାରା କେବେ ବିଚ୍ଛିନ୍ନ ହୋଇ ନ ଥିଲା । ଭାରତ ଓ ଜର୍ମାନୀ ଦୀର୍ଘଦିନ ଧରି ଗଣତାନ୍ତ୍ରିକ ମୂଲ୍ୟବୋଧ, ନିୟମାଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥା ଓ ବହୁପକ୍ଷୀୟତାର ପକ୍ଷପାତୀ । ଜର୍ମାନୀ ୟୁରୋପର ସବୁଠାରୁ ଶକ୍ତିଶାଳୀ ଅର୍ଥନୀତି ଭାବେ ଏବେ ତାହାର ଭାରତ-ଇଣ୍ଡୋ-ପ୍ୟାସିଫିକ ନୀତିକୁ ଅଧିକ ସକ୍ରିୟ କରୁଛି । ଏହି ଗସ୍ତ ମାଧ୍ୟମରେ ଜର୍ମାନୀ ସ୍ପଷ୍ଟ କରିଛି ଯେ ଆଗାମୀ ଦିନରେ ଭାରତ ତାହାର ଏସିଆନ ରଣନୀତିର ଏକ କେନ୍ଦ୍ରବିନ୍ଦୁ ।

ଭାରତ ଆଜି କେବଳ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ନୁହେଁ; ଏହା ଏକ ରଣନୈତିକ ଅନିବାର୍ଯ୍ୟତା । ଇଣ୍ଡୋ-ପାସିଫିକ ଅଞ୍ଚଳରେ ଚୀନର ବୃଦ୍ଧିଶୀଳ ପ୍ରଭାବ, ସମୁଦ୍ର ସୁରକ୍ଷା, ଏବଂ ନିୟମାଧାରିତ ବ୍ୟବସ୍ଥାକୁ ନେଇ ଭାରତର ଭୂମିକାକୁ ଜର୍ମାନୀ ଗୁରୁତ୍ୱ ଦେଇଆସିଛି । ଜର୍ମାନ ଚାନ୍ସେଲରଙ୍କ ଭାରତ ଭ୍ରମଣ ଏହି ଭୂମିକାକୁ ଆନ୍ତର୍ଜାତିକ ସ୍ୱୀକୃତି ଦେଉଛି । ଭାରତ ତାହାର ବିଦେଶନୀତିରେ 'ରଣନୈତିକ ସ୍ୱାଧୀନତା'କୁ ଆଜି ମଧ୍ୟ କେନ୍ଦ୍ରବିନ୍ଦୁରେ ରଖିଛି । ଜର୍ମାନୀ ସହ ସମ୍ପର୍କ ଏହି ଦୃଷ୍ଟିକୋଣକୁ ଦୁର୍ବଳ କରୁନାହିଁ; ବରଂ ଏହା ଭାରତକୁ ଅଧିକ ବିକଳ୍ପ, ଅଧିକ ସମନ୍ୱୟୀ ଓ ଅଧିକ ବୈଶ୍ୱିକ ମାନ୍ୟତା ଦେଉଛି । ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ଏହି ଗସ୍ତ ଖୁବ ଗୁରୁତ୍ୱପୂର୍ଣ୍ଣ । ଜର୍ମାନୀର ଶିଳ୍ପ, ପ୍ରଯୁକ୍ତି, ସବୁଜ ଶକ୍ତି ଓ ବିନିର୍ମାଣ କ୍ଷେତ୍ରର ଅଭିଜ୍ଞତା ଭାରତର 'ମେକ୍ ଇନ୍ ଇଣ୍ଡିଆ' ଓ 'ଗ୍ରୀନ୍ ଟ୍ରାନ୍ସିସନ' ଲକ୍ଷ୍ୟ ସହ ମେଳ ଖାଉଛି । ଦୁଇ ଦେଶ ମଧ୍ୟରେ ନବୀକରଣ ଶକ୍ତି, ହାଇଡ୍ରୋଜେନ୍ ଏନର୍ଜି, ଇଲେକ୍ଟ୍ରିକ୍ ମୋବିଲିଟି ଓ ଡିଜିଟାଲ୍ ପ୍ରଯୁକ୍ତିରେ ସହଯୋଗ ଭବିଷ୍ୟତରେ ଭାରତୀୟ ଅର୍ଥନୀତି ପାଇଁ ନୂତନ ସୁଯୋଗ ସୃଷ୍ଟି କରିପାରେ ।

ରଣନୈତିକ ଦିଗରୁ ଦେଖିଲେ, ଜର୍ମାନୀ ଭାରତକୁ କେବଳ ଏକ ବଜାର ଭାବେ ନୁହେଁ, ବରଂ ଏକ ଭରସାଯୋଗ୍ୟ ରଣନୈତିକ ସହଭାଗୀ ଭାବେ ଦେଖୁଛି । ୟୁରୋପ ଏବେ ରୁଷ ଉପରେ ଅଧିକ ନିର୍ଭରଶୀଳତା କମାଇବାକୁ ଚାହୁଁଛି ଏବଂ ସପ୍ଲାଇ ଚେନ୍ ବିବିଧୀକରଣ ତାହାର ମୁଖ୍ୟ ଲକ୍ଷ୍ୟ । ଏହି ପରିସ୍ଥିତିରେ ଭାରତ ଜର୍ମାନୀ ପାଇଁ ଏକ ଭରସାଯୋଗ୍ୟ ବିକଳ୍ପ ଭାବେ ଉଭୟ ଆର୍ଥିକ ଓ ରଣନୈତିକ ଦୃଷ୍ଟିରୁ ଉଦୟ ହେଉଛି । ଏହି ଗସ୍ତର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲୋକ-ଲୋକ ସମ୍ପର୍କ । ଶିକ୍ଷା, ଗବେଷଣା, ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ କ୍ଷେତ୍ରରେ ଭାରତୀୟ ଯୁବକଯୁବତୀମାନଙ୍କ ପାଇଁ ଜର୍ମାନୀ ଏକ ଆକର୍ଷଣୀୟ ସ୍ଥଳ ହେଉଛି । ଏହା କେବଳ ଅର୍ଥନୈତିକ ସହଯୋଗକୁ ସଦୃଢ଼ କରେ ନାହିଁ, ବରଂ ଦୁଇ ସମାଜ ମଧ୍ୟରେ ଦୀର୍ଘମିଆଦୀ ଭରସା ଓ ସମ୍ପର୍କ ଗଢ଼ି ତୋଳେ । ଜର୍ମାନ ଚାନ୍ସେଲରଙ୍କ ଭାରତ ଯାତ୍ରା କେବଳ ଦୁଇ ଦେଶର ସମ୍ପର୍କ ନୁହେଁ, ବରଂ ୟୁରୋପ ଓ ଇଣ୍ଡୋପାସିଫିକ ମଧ୍ୟରେ ଗଢ଼ିଉଠୁଥିବା ନୂତନ ଶକ୍ତି ସେତୁର ପ୍ରତୀକ ।

ଜର୍ମାନ ଚାନ୍ସେଲରଙ୍କ ଭାରତ ଗସ୍ତ ଏକ ସ୍ପଷ୍ଟ ସନ୍ଦେଶ ଦେଉଛି ଯେ ଭାରତ ଏବେ ବିଶ୍ୱ ରାଜନୀତିରେ କେବଳ ଏକ ଆଞ୍ଚଳିକ ଶକ୍ତି ନୁହେଁ, ବରଂ ଏକ ଅନିବାର୍ଯ୍ୟ ବିଶ୍ୱ ସହଭାଗୀ । ବିଶ୍ୱ ରାଜନୀତିର ଭବିଷ୍ୟତ କେବଳ ପଶ୍ଚିମ କିମ୍ବା ପୂର୍ବ ଦ୍ୱାରା ନିର୍ଦ୍ଦେଶିତ ହେବ ନାହିଁ; ଏହା ଭାରତ ପରି ଉଦୀୟମାନ ଶକ୍ତି ଏବଂ ଜର୍ମାନୀ ପରି ପ୍ରତିଷ୍ଠିତ ଲୋକତନ୍ତ୍ର ମଧ୍ୟରେ ସହଯୋଗ ଦ୍ୱାରା ଗଢ଼ାଯିବ । ଏହି ଯାତ୍ରା ସେହି ଭବିଷ୍ୟତର ଏକ ସ୍ପଷ୍ଟ ଆଗ୍ରହ ଓ ସମ୍ଭାବନାକୁ ଉଜାଗର କରେ । ଭାରତ-ଜର୍ମାନୀ ସମ୍ପର୍କ ଯଦି ଏହି ଗତିରେ ଆଗକୁ ବଢ଼େ, ତେବେ ଏହା କେବଳ ଦୁଇ ଦେଶ ପାଇଁ ନୁହେଁ, ବରଂ ବିଶ୍ୱ ସ୍ଥିରତା ଓ ବହୁପକ୍ଷୀୟ ବ୍ୟବସ୍ଥା ପାଇଁ ମଧ୍ୟ ଉପକାରୀ ହେବ ।

(ଅଧ୍ୟାପକ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା), ମୋ: ୯୪୩୭୨୧୦୪୫୮

# ମହାପ୍ରଭୁଙ୍କ ମଥାମଣି

**ସ୍ୱପ୍ନେଶ୍ୱର**

### ଲୋକକଥାରେ ଲୋକଦେବତା

ଅତୀତରେ କଳିଙ୍ଗ ସାଧବମାନେ ସାତସମୁଦ୍ର ପାରି ବାଣିଜ୍ୟ କରି ପ୍ରଚୁର ଧନସମ୍ପତ୍ତି ଆମ ଦେଶକୁ ନେଇ ଆସୁଥିଲେ । ସେହିପରି ଜଣେ ସାଧବଙ୍କ କଥା ଇଏ । ଦିନେ ସାଧବଙ୍କ ବୋଇତ ରାତି ବିଶ୍ରାମ ପାଇଁ ଏକ ନିର୍ଜନ ଦ୍ୱୀପ ପାଖରେ ଅଟକିଲା । ଦ୍ୱୀପର କେତେକ ଯାଗାରେ କୌଣସି ତେଜସ୍କ୍ରିୟ ପଦାର୍ଥ ଉଜ୍ଜ୍ୱଳ ଆଲୋକ ବିକିରଣ କରୁଥିବା ସାଧବ ଦେଖିବାକୁ ପାଇଲେ । ନିର୍ଜନ ଦ୍ୱୀପର ଆଲୋକ ତାଙ୍କୁ ଆଶ୍ଚର୍ଯ୍ୟଚକିତ କଲା । ଏତେ ବର୍ଷର ଅନୁଭୂତିରେ ସେ କେବେ ଏପରି ଦୃଶ୍ୟ ଦେଖି ନ ଥିଲେ । ହଠାତ୍ ତାଙ୍କର ମନେ ପଡ଼ିଲା ଯେ ତାଙ୍କ ପୂର୍ବପୁରୁଷମାନେ ଏକ 'ମଣିଦ୍ୱୀପ' କଥା କହୁଥିଲେ, ଯେଉଁ ନିର୍ଜନ ଦ୍ୱୀପରେ ଅନେକ ମଣିନାଗ ସାପ ବାସ କରୁଥିଲେ । ରାତିରେ ସାପମାନଙ୍କର ମଣି ଉଜ୍ଜ୍ୱଳ ଆଲୋକ ବିକିରଣ କରୁଥିଲେ । ଏକଥା ମଧ୍ୟ ଶୁଣା ଯାଉଥିଲା ଯେ କେହି ସାହସୀ ସାଧବ ଗୋଟେଦିଟା ମଣି ଆଣିବାରେ ସଫଳ ହୋଇଥିଲେ ଏବଂ ଆଉ କେତେକ ସର୍ପଦଂଶନରେ ମୃତ୍ୟୁମୁଖରେ ପଡ଼ିଥିଲେ ।

ରାତିସାରା ସାଧବ ମଣି କଥା ଚିନ୍ତା କରି କରି ଶୋଇପାରିଲେ ନାହିଁ । ସେ ଭାବୁ ଥିଲେ ଯେକୌଣସି ପ୍ରକାରେ ଗୋଟେ ମଣି ହାସଲ କରି ନେଲେ, ଏତେ କଷ୍ଟ କରି ନୌବାଣିଜ୍ୟ କରିବା ଦରକାର ପଡ଼ନ୍ତା ନାହିଁ । ଭୋରରୁ ସାଧବ କାହାକୁ କିଛି ନ କହି ଦ୍ୱୀପ ଭିତରକୁ ଚାଲିଲେ । ବହୁତ ଖୋଜାଖୋଜି ପରେ ଗୋଟିଏ ମଣି ପାଖରେ ପହଞ୍ଚିଲେ । ତା'ପାଖରେ ବିରାଟ ସାପର ଘୋଷରା ଦାଗ ପଡ଼ିଥିଲା । ସାପ ମଣିଟିକୁ ଛାଡ଼ି ଖାଦ୍ୟ ଖୋଜି ଯାଇଥିଲା । ସାଧବ କାଳବିଳମ୍ବ ନ କରି ଗୋଟେ ପତ୍ର ଠୋଲାରେ ମଣିଟିକୁ ରଖି ଯଥାଶୀଘ୍ର ବୋଇତ ଆଡ଼କୁ ଚାଲିଲେ । ଅଳ୍ପ ବାଟ ଯାଇ ଥିଲେ କି ନାହିଁ ଏକ ବିରାଟ ନାଗ ସାପ ସୁ ସୁ ଗର୍ଜନ କରି ତାଙ୍କୁ ଗୋଡ଼େଇଲା । ସାଧବ କୌଣସିମତେ ପ୍ରାଣବିକଳରେ ଦୌଡ଼ି ବୋଇତ ଉପରକୁ ଚାଲିଆସିଲେ ।

ଭୟରେ ଥରୁଥିବା ସାଧବ ଟିକିଏ ଥକ୍କା ମାରି ଦେଖିଲେ ଯେ ସାପଟା ପାଣିରେ ପହଁରି ବୋଇତର ଅନୁଧାବନ କରୁଥିଲା । ସେ ସମସ୍ତ ବଳ ଖଟେଇ ବୋଇତ ବାହିବାକୁ ଆଦେଶ ଦେଲେ । ନାବିକମାନେ ସାପ ଭୟରେ ଝାଳନାଳ ହୋଇ ବୋଇତ ବାହୁଥିଲେ ମଧ୍ୟ ସାଧବ ଦେଖୁଥିଲେ ଯେ ସାପ ଓ ବୋଇତ ଭିତରେ ଥିବା ବ୍ୟବଧାନ କମିବାରେ ଲାଗିଛି । ଅର୍ଥାତ୍ ବୋଇତର ବେଗ ସାପର ବେଗଠାରୁ କମ ଥିଲା । ନାବିକମାନେ ହାଲିଆ ହେଉଥିବା ବେଳେ ସାପ ଅଧିକ ପରାକ୍ରମରେ ମାଡ଼ି ଆସୁଥିଲା । ସବୁ ସମୟରେ ସବୁ ସାଧବ ମହାପ୍ରଭୁ ଜଗନ୍ନାଥଙ୍କ ଶରଣରେ ରହି ବୋଇତରେ ଯାଆସ କରୁଥିଲେ । କ୍ଷୀର ସମୁଦ୍ରଶାୟୀ ଜଗନ୍ନାଥ ହିଁ ସେମାନଙ୍କୁ ମହାସମୁଦ୍ରରେ ବିପତ୍ତିରୁ ଉଦ୍ଧାର କରୁଥିଲେ ବୋଲି ସେମାନଙ୍କର ଦୃଢ଼ବିଶ୍ୱାସ ଥିଲା । ତେଣୁ ସାଧବ ସାଷ୍ଟାଙ୍ଗ ପ୍ରଣିପାତ କରି ମହାପ୍ରଭୁଙ୍କୁ ନିଉଛାଳି ହେଲେ- ମହାପ୍ରଭୁ! ମୁଁ ପାଇଥିବା ମଣିକୁ ବିକି ଧନ ଅର୍ଜନ କରିବାର ଅଭିଳାଷ ପୋଷଣ କରି ମୁଁ ଅପରାଧ କରିଛି ମହାବାହୁ! ଏ ମଣି ଆପଣଙ୍କ ଶ୍ରୀଅଙ୍ଗ ମଣ୍ଡନ କରିବାର ଯୋଗ୍ୟତା ରଖେ । ଏ ମଣିକୁ ମୁଁ ଆପଣଙ୍କ ଶ୍ରୀପୟରରେ ଅର୍ପଣ କରିବି । ମୋର ଅପରାଧ କ୍ଷମା କରନ୍ତୁ, କ୍ଷମା ସାଗର, କରୁଣା ବରୁଣାଳୟ ।'

ବୋଇତ ଉପରେ ଜଣେ ନାବିକ ଅନବରତ ସାପ ଉପରେ ଦୃଷ୍ଟି ରଖିଥିଲା । ସେ ଦେଖିବାକୁ ପାଇଲା ଯେ ହଠାତ୍ ଏକ ବିରାଟକାୟ କୁମ୍ଭୀର ସମୁଦ୍ରରୁ ବାହାରି ସାପଟାକୁ ଗିଳି ଦେଲା । ସାପର ରକ୍ତରେ ସମୁଦ୍ରର ପାଣି ଲାଲ୍ ହୋଇଗଲା । ତା' ପରେ ସବୁ ସ୍ଥିର । ସେ ଆନନ୍ଦରେ ଚିତ୍କାର କରି ଏ କଥା ଘୋଷଣା କଲା । ସାଧବ ଏହା ମହାପ୍ରଭୁଙ୍କ ଚମତ୍କାରିତା ବୋଲି ବିଶ୍ୱାସ କରି ମହାପ୍ରଭୁଙ୍କୁ ପ୍ରଣିପାତ କଲେ । ତାଙ୍କଠାରୁ ସବୁ ଶୁଣି ନାବିକମାନେ 'ଜୟ ଜଗନ୍ନାଥ' ଧ୍ୱନିରେ ନିର୍ଜନ ସମୁଦ୍ରକୁ ପ୍ରକମ୍ପିତ କଲେ । ସାଧବ ନିର୍ବିଘ୍ନରେ ଘରେ ପହଞ୍ଚିଲେ । ପରିବାରର ଲୋକମାନେ ସବୁ କଥା ଶୁଣି ସ୍ଥାନୀୟ ଦେବାଳୟରେ ପୂଜାର୍ଚ୍ଚନା କଲେ ଏବଂ ଅନେକ ଦାନ ଦକ୍ଷିଣା ଦେଲେ । ତା' ପରେ ଅନେକ ଶଗଡ଼ରେ ପ୍ରଚୁର ଧନସମ୍ପତ୍ତି ଲଦି ପରିବାର ସହ ଶ୍ରୀକ୍ଷେତ୍ର ଯାତ୍ରା କଲେ । ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରି ଧନ ସମ୍ପତ୍ତି ସହ ମଣିଟିକୁ ମହାପ୍ରଭୁଙ୍କ ଚରଣରେ ସମର୍ପଣ କଲେ । ମଣିଟିକୁ ଦେଖି ସେବକ ଓ ପଣ୍ଡିତମାନେ ସ୍ଥିର କଲେ ଯେ ସେପରି ଦୁର୍ଲଭ ଓ ତେଜୋଦୀପ୍ତ ମଣି ମହାପ୍ରଭୁଙ୍କ ମସ୍ତକ ମଣ୍ଡନ କଲେ ସେ ଅଧିକ ସୁନ୍ଦର ଦିଶିବେ । ସେହି ଦିନଠାରୁ ସେ ମଣି ମହାପ୍ରଭୁଙ୍କ ଶୋଭା ବର୍ଦ୍ଧନ କରି ଆସୁଛି ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଧାନକିଣା ଦୂରବସ୍ଥା ସରକାରୀ ପ୍ରାୟୋଜିତ: କଂଗ୍ରେସ

ଭୁବନେଶ୍ୱର,୨୦ ।୧(ସମିସ): ରାଜ୍ୟରେ ଏଥର ଚାଷୀ ନିଜର ଆବଶ୍ୟକତା ପାଇଁ ଧାନ ରଖିବା ପରେ ପ୍ରାୟ ୧୦୦ଲକ୍ଷ ମେଟ୍ରିକ୍ ଟନରୁ ଉର୍ଦ୍ଧ୍ୱ ଧାନ ବିକ୍ରି ନିମନ୍ତେ ବଳକା ରହିବ । ମାତ୍ର ଏହି ଧାନ ନ କିଣିବା ପାଇଁ ସରକାର ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶାସନକୁ ଆସିବା ପାଇଁ ବିଜେପି ଦଳ ତାଙ୍କ ନିର୍ବାଚନ ପ୍ରତିଶ୍ରୁତିରେ ୨୩ଶହ ଟଙ୍କା ଏମଏସପି ସହିତ ୮ଶହ ଟଙ୍କା ଇନ୍‌ପୁଟ ସହାୟତା ବିନା କଟନୀ ଛଟନୀରେ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କାରେ ସବୁ କିଣିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଚଳିତ ଥର ପ୍ରଥମ କରି ଫଳ ଓଲଟା ହେଲା ବୋଲି ଆଜି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଧାନ ବିକ୍ରି ପାଇଁ ୧୯ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜିକରଣ କରିଥିଲେ। ସରକାର ବିଭିନ୍ନ ତୃଟି ଦର୍ଶାଇ ସେମାନଙ୍କ ମଧ୍ୟରୁ ୨ ଲକ୍ଷରୁ ଅଧିକ ଚାଷୀଙ୍କୁ କାଟିଦେଲେ। ମାତ୍ର ଜାନୁଆରୀ ଶେଷ ହେବାକୁ ବସିଲାଣି, ଏପର୍ଯ୍ୟନ୍ତ ୫ଲକ୍ଷ ୫୨ ହଜାର ୩୮୦ ଜଣ ଚାଷୀଙ୍କଠାରୁ ୨୪ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି। ଉପକୂଳବର୍ତ୍ତୀ ଜିଲ୍ଲାରେ କାଁ ଭାଁ ମଣ୍ଡି ଖୋଲା ଯାଇଥିବା ବେଳେ ପୁରୀ, ଭଦ୍ରକ, ଜଗତସିଂହପୁର ଜିଲ୍ଲାରେ ମଣ୍ଡି ଖୋଲାଯାଇ ପାରିନାହିଁ। ଗତବର୍ଷ ଯେଉଁମାନଙ୍କୁ ୧୦୦ କ୍ୱିଣ୍ଟାଲ ଟୋକନ

- **ବାଧ୍ୟ ହୋଇ ୧୬୦୦ ଟଙ୍କାରେ ଧାନ ବିକୁଛନ୍ତି ଚାଷୀ**
- **ପୂର୍ବ ବର୍ଷ ତୁଳନାରେ ଟୋକେନରେ କମିଛି ଧାନ ପରିମାଣ**
- **ସବୁ ଧାନ ନ ଉଠାଇଲେ ରାଜ୍ୟବ୍ୟାପୀ ଦୁର୍ବାର ଆନ୍ଦୋଳନ**

ଦିଆଯାଇଥିଲା ଚଳିତଥର ତାହାକୁ କମାଇ ୫୦ କ୍ୱିଣ୍ଟାଲ ବିକ୍ରି ପାଇଁ ଟୋକନ ଦିଆଯାଇଛି। ଚାଷୀ ପରିବହନ ଓ ଅଖା ଖର୍ଚ୍ଚ ମଧ୍ୟ ପାଉନାହିଁ। ସରକାର ଓ ମିଲର ସହିତ ବିବାଦ ଭେଳିକି ସାଜିଛି। ସବୁ ଜିଲ୍ଲାରେ ଜାନୁଆରୀ ୧୦ ତାରିଖ ସୁଦ୍ଧା ଧାନକିଣା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଫମ୍ପା ପାଲଟିଛି। ଯୋଗାଣ ବିଭାଗ, କୃଷି ବିଭାଗ ଓ ସମବାୟ ବିଭାଗ ମନ୍ତ୍ରୀଙ୍କ ବୟାନବାଜୀ ଚାଷୀଙ୍କ ପାଇଁ କଟା ଘା'ରେ ଚୁନ ସଦୃଶ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

ନିର୍ଦ୍ଧାରିତ ଏମଏସପି ୨୩୬୯ ଟଙ୍କା ୮ଶହ ଟଙ୍କା ଇନପୁଟ୍ ସହାୟତା ମୋଟ ୩୧୬୯ ପରିବର୍ତ୍ତେ ଅନେକ ଜିଲ୍ଲାରେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ଦଲାଲ ୧୬୦୦ରୁ ୧୭୦୦ ଟଙ୍କାରେ ଧାନ କିଣୁଛି। ସରକାର ଧାନ କିଣିବା ପରିବର୍ତ୍ତେ ମିଲର ଧାନ କିଣୁଛି। ଧାନ କିଣା ପ୍ରକ୍ରିୟାରେ ସରକାରଙ୍କର ଆଦୌ ତତ୍ପରତା ଓ ସ୍ୱଚ୍ଛତା ନାହିଁ। ସରକାର କେବଳ ପ୍ରଚାର ଓ ଭାଷଣ ସର୍ବସ୍ୱ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। କାଳ ବିଳମ୍ବ ନ କରି ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟଧାର୍ଯ୍ୟ ମୁତାବକ ୭୩ଲକ୍ଷ ମେଟ୍ରିକ୍ ଟନ୍ ଧାନ ଓ ଅନ୍ୟ ବଳକା ଧାନକୁ ୮ଶହ ଟଙ୍କା ଇନପୁଟ୍ ସହାୟତା ସହ ୩୧୬୯ ଟଙ୍କାରେ କିଣାଯିବାକୁ ସରକାରଙ୍କ ନିକଟରେ କଂଗ୍ରେସ ଦାବି କରିଛି। ଯଦି ବ୍ୟବସ୍ଥିତ ଢଙ୍ଗରେ ସରାକର ତୁରନ୍ତ ଚାଷୀଙ୍କଠାରୁ ସବୁ ବଳକା ଧାନ କିଣା ନ କିଣନ୍ତି ସାରା ରାଜ୍ୟରେ ଚାଷୀ ଆନ୍ଦୋଳନକୁ କଂଗ୍ରେସ ପକ୍ଷରୁ ଦୁର୍ବାର କରାଯିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

■ ହାଇକୋର୍ଟଙ୍କ ଆଦେଶ ଅନୁପାଳନ ନ କରିବା ପ୍ରସଙ୍ଗ

## ଉଚ୍ଚଶିକ୍ଷା ସଚିବଙ୍କ ବିରୋଧରେ ଗିରଫ ପରୱାନା

କଟକ,୨୦ ।୧(ସମିସ): ଅଦାଲତଙ୍କ ଆଦେଶ ଅନୁପାଳନ ନକରିବା ରାଜ୍ୟ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଉଚ୍ଚଶିକ୍ଷା ସଚିବ ଶ୍ରୀ ଅଗ୍ରୱାଲଙ୍କ ବିରୋଧରେ ଜାମିନଯୋଗ୍ୟ ଗିରଫ ପରୱାନା(ଆରେଷ୍ଟ ୱାରେଣ୍ଟ) ଜାରି କରିଛନ୍ତି ହାଇକୋର୍ଟ। ତପନ କୁମାର ପଟ୍ଟନାୟକ ଓ କ୍ଷୀରୋଦ ପ୍ରସାଦ ସାହୁଙ୍କ ତରଫରୁ ଦାୟର ଦୁଇ ପୃଥକ୍ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସଚିବଙ୍କୁ ଆସନ୍ତା ଜାନୁଆରି ୨୨ରେ ହାଜର କରାଇବା ପାଇଁ ଏହି ଗିରଫ ପରୱାନା ଜାରି କରାଯାଇଛି। ଏଥିପୂର୍ବରୁ ଯଦି ପୂର୍ବ ଆଦେଶ ପାଳନ କରାଯାଏ, ତାଙ୍କ ବିରୋଧରେ ଏହି ନିର୍ଦ୍ଦେଶ ଆଧାରରେ କୌଣସି କଠୋର୍ ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

■ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ

## ଭୁବନେଶ୍ୱରରେ ରାଜ୍ୟପାଳ, କଟକରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧(ସମିସ): ସାଧାରଣତନ୍ତ୍ର ଦିବସ ୨୦୨୬ରେ ବିଭିନ୍ନ ଜିଲ୍ଲାରେ ଅତିଥି ଭାବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣ ଯୋଗ ଦେବେ। କିଏ କେଉଁଠି ପତାକା ଉତ୍ତୋଳନ କରିବେ ସେନେଇ ଗୃହ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ତାଲିକା ଜାରି ହୋଇଛି। ତାଲିକା ଅନୁଯାୟୀ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପରେଡରେ ଅଭିବାଦନ ଗ୍ରହଣ କରିବେ। କଟକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ଅଭିବାଦନ ଗ୍ରହଣ କରିବେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କୋରାପୁଟ ଜିଲ୍ଲାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଖୋର୍ଦ୍ଧା ଜିଲ୍ଲାରେ ଅଭିବାଦନ ଗ୍ରହଣ କରିବେ। ପୁରୀରେ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ରେ ରବି ନାରାୟଣ ନାଏକ, ରାୟଗଡାରେ ନିତ୍ୟାନନ୍ଦ ଗଣ୍ଡ, କେନ୍ଦୁଝରରେ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳରେ ପୃଥ୍ୱୀରାଜ ହରିଚନ୍ଦନ, କନ୍ଧମାଳରେ ଡ. ମୁକେଶ ମହାଲିଙ୍ଗ, ମାଲକାନଗିରିରେ ବିଭୂତି ଭୂଷଣ ଜେନା, ଭଦ୍ରକରେ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପତାକା ଉତ୍ତୋଳନ କରିବେ। ସେହିପରି କଳାହାଣ୍ଡିରେ ଗଣେଶ ରାମ ସିଂ ଖୁଣ୍ଟିଆ, ନୟାଗଡରେ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁରରେ ପ୍ରଦୀପ ବଳ ସାମନ୍ତ, ବାଲେଶ୍ୱରରେ ଗୋକୁଳାନନ୍ଦ ମଲ୍ଲିକ ଓ ବୌଦ୍ଧରେ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ କରିବେ। କେନ୍ଦ୍ରାପଡ଼ାରେ କେନ୍ଦ୍ରାଞ୍ଚଳ ଆରଡିସି, ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆରଡିସି, ରାଉରକେଲାରେ ଉତ୍ତରାଞ୍ଚଳ ଆରଡିସି ପତାକା ଉତ୍ତୋଳନ କରିବାକୁ ଥିବାବେଳେ ଅନୁଗୋଳ, ବଲାଙ୍ଗୀର, ଦେବଗଡ, ଗଞ୍ଜାମ, ଗଜପତି, ଝାରସୁଗୁଡା, ଯାଜପୁର, ଜଗତସିଂହପୁର, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ସୋନପୁର ଓ ସୁନ୍ଦରଗଡରେ ପତାତା ଉତ୍ତୋଳନ କରିବେ ବୋଲି କାର୍ଯକ୍ରମ ସ୍ଥିର ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାର୍ଚ୍ଚରୁ ଦୁବାଇ...

ବର୍ତ୍ତମାନ ମାତ୍ର ୩ଟି ସ୍ଥାନକୁ ଯଥା ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ସିଧା ବିମାନ ଚଳାଚଳ କରୁଛି। ଏଥି ମଧ୍ୟରୁ ଦୁଇଟି ବିମାନ ସେବା ବନ୍ଦ ହେବା ପରେ ଆଉ ମାତ୍ର ଗୋଟିଏ ଅନ୍ତର୍ଜାତୀୟ ସେବା ବଳବତ୍ତର ରହିବ। ଏହାଦ୍ୱାରା ଭୁବନେଶ୍ୱର ବିମାନ ବନ୍ଦରରେ ଅନ୍ତର୍ଜାତୀୟ ବିମାନବନ୍ଦର ବୋଲି କେବଳ ନାମ ଫଳକରେ ସୀମିତ ରହିବ। ଅନ୍ୟପକ୍ଷରେ ମଧ୍ୟପ୍ରାଚ୍ୟରେ ରହୁଥିବା ଓଡ଼ିଆମାନେ ଦୁବାଇ, ଆବୁଧାବିକୁ ସିଧାସଳଖ ବିମାନ ଚଳାଚର ବନ୍ଦ ହେବା ପ୍ରସଙ୍ଗକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ୟୁଏଇ ଓଡ଼ିଶା ସମାଜ ପକ୍ଷରୁ ଏ ସଂକ୍ରାନ୍ତରେ ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି । ଓଡ଼ିଆ ସମାଜ ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି ଯେ ଦୁବାଇକୁ ବିମାନ ସେବା ବନ୍ଦ ହେବା ଦ୍ୱାରା ସଂଯୁକ୍ତ ଆରବ ଏମିରେଟ୍ସରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନେ ଗୁରୁତର ସମସ୍ୟା ଭୋଗିବେ। ଏହା ସହିତ ରାଜ୍ୟର ପର୍ଯ୍ୟଟନ ଏବଂ ବ୍ୟବସାୟିକ ସମ୍ପର୍କ ମଧ୍ୟ ପ୍ରଭାବିତ ହେବ। ୨୦୨୫ ମସିହା ସେପ୍ଟେମ୍ବର ମାସରେ ଏଭଳି ଏକ ପରିସ୍ଥିତି ଉପୁଜିଥିଲା, ତେବେ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଏହି ବିମାନ ସେବାକୁ ଜାରି ରଖାଯାଇଥିଲା। ଅନ୍ୟପଟେ ଆବୁଧାବି ଏବଂ ଭୁବନେଶ୍ୱର ମଧ୍ୟରେ ସପ୍ତାହରେ ତିନି ଥର ଚଳାଚଳ କରୁଥିବା ଅନ୍ୟ ଏକ ସିଧାସଳଖ ବିମାନ ସେବା ବନ୍ଦ ହୋଇସାରିଛି, ଯାହା ଦ୍ୱାରା ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ସିଧାସଳଖ ବିମାନ ସଂଯୋଗ ହ୍ରାସ ପାଇଛି। ଆବୁଧାବି ଏବଂ ଆଖପାଖ ଅଞ୍ଚଳରେ ଅନେକ ଲୋକଙ୍କୁ ଏଥିପାଇଁ ଅନେକ ସମସ୍ୟା ଭୋଗିବାକୁ ପଡୁଛି। ୟୁଏଇରେ ରହୁଥିବା ୪୦ ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆଙ୍କ ପାଇଁ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା। ଏହି ବିମାନ ସେବା ଅନ୍ୟ ଗଲ୍ଫ ଦେଶଗୁଡ଼ିକୁ ଭୁବନେଶ୍ୱରକୁ ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରୁଥିବା ବେଳେ ଏହି ବିମାନ ଟିକଟ ପାଇଁ ଯଥେଷ୍ଟ ଚାହିଦା ରହିଛି। ରାଜ୍ୟର ପର୍ଯ୍ୟଟନ, ବାଣିଜ୍ୟ ଏବଂ ବ୍ୟବସାୟିକ କ୍ଷେତ୍ରକୁ ମଧ୍ୟ ଏହି ବିମାନ ସେବା ପ୍ରୋତ୍ସାହିତ କରି ଆସୁଛି। ତେଣୁ ଏହି ପ୍ରତିକ୍ଷତ ସେବା ବନ୍ଦ ହେବା ଦ୍ୱାରା ପ୍ରବାସୀ ଓଡ଼ିଆଙ୍କ ଉପରେ ଗୁରୁତର ପ୍ରଭାବ ପଡ଼ିବା ଆଶଙ୍କା ଥିବାରୁ ମୁଖ୍ୟ ସଚିବ ହସ୍ତକ୍ଷେପ କରି ଏହାକୁ ପୂର୍ବବତ୍ ଜାରି ରଖିବା ପାଇଁ ଓଡ଼ିଶା ସମାଜ ଅନୁରୋଧ କରିଛି।

### ବିଜେପିରେ ନିତିନ...

ପାଇଁ ବହୁତ ଲାଭଦାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ନିତିନଙ୍କ ଦାୟିତ୍ୱ ଗ୍ରହଣ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ପୂର୍ବତନ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ପ୍ରମୁଖ ନେତା ଉପସ୍ଥିତ ଥିଲେ।

ଅଧ୍ୟକ୍ଷ ହେବା ପରେ ପ୍ରଥମ ସମ୍ବୋଧନରେ ନିତିନ କହିଥିଲେ ଯେ ଜଣେ ସାଧାରଣ କର୍ମୀଙ୍କ ଅସାଧାରଣ ଯାତ୍ରାକୁ ସମ୍ମାନ ମିଳିଛି। ସେ ଦଳର ଇତିହାସ, ଆଦର୍ଶଗତ ସଂଘର୍ଷ ଏବଂ ଭବିଷ୍ୟତର ଚ୍ୟାଲେଞ୍ଜ ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କରି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ଖୁବ ପ୍ରଶଂସା କରିଛନ୍ତି। ସର୍ବପ୍ରଥମେ ରାଷ୍ଟ୍ର ଆସୁଛି ବୋଲି କହିଥିଲେ। ରାଷ୍ଟ୍ରକୁ ମଜଭୁତ କରିବା ଦିଗରେ ଦଳ ନେଇଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷଙ୍କୁ ମନେ ପକାଇ ଦଳୀୟ କର୍ମୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ବିଜେପିର ଯାତ୍ରା ତ୍ୟାଗ, ସଂଘର୍ଷ ଏବଂ ଦୃଢ଼ ସଂକଳ୍ପରେ ପରିପୂର୍ଣ୍ଣ ବୋଲି କହିଥିଲେ। ସାଂଗଠନିକ ଶକ୍ତି ହିଁ ବିଜେପିର ବଡ଼ ସମ୍ପତ୍ତି ବୋଲି ଦର୍ଶାଇ ଥିଲେ।

ସୂଚନାଯୋଗ୍ୟ ଯେ ୪୫ ବର୍ଷୀୟ ନବୀନ ପୂର୍ବତନ ବିଧାୟକ ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ପୁଅ। ସେ ବିହାରର ବାଙ୍କିପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପାଞ୍ଚ ଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ବିଜେପି ତାଙ୍କ ନେତୃତ୍ୱରେ ଖୁବ ସଫଳତା ପାଇବ ବୋଲି ଆଶା କରାଯାଉଛି। ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେରଳ ନିର୍ବାଚନ ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିପାରେ। ସେ ଏହି ରାଜ୍ୟରେ ଦଳକୁ ମଜବୁତ କରିବା ପାଇଁ ପ୍ରୟାସ କରିବେ।

### ରମାଦେବୀଙ୍କୁ ଭୁଲିଥିଲେ...

କରିଛନ୍ତି। ରାଜ୍ୟ ସରକାର ଓଡ଼ିଶାରେ ପ୍ରଥମଥର ପାଇଁ ଅହଲ୍ୟାବାଇ ହୋଲକରଙ୍କ ୩୦୦ ତମ ଜୟନ୍ତୀ ଧୁମଧାମରେ ପାଳିଲେ। ଏଥିପାଇଁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କଲେ; ସ୍ୱାଧୀନତା ଆନ୍ଦୋଳନର ବହ୍ନିକନ୍ୟା ପାର୍ବତୀ ଗିରିଙ୍କୁ ପୁରା ପାଶୋରିଗଲେ। ଅସ୍ମିତା ସରକାରଙ୍କର ପୂଜ୍ୟପୂଜା କଣ ଏମିତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଗତ ଦିନରେ ରାଣୀ ଅହଲ୍ୟାବାଇ ହୋଲକରଙ୍କ ୩୦୦ତମ ଜୟନ୍ତୀ ପାଳନ ସକାଶେ ବିଜେପି ରାଜ୍ୟସ୍ତରୀୟ କର୍ମଶାଳା କରିଥିଲଶ। ସରକାରଙ୍କ ସଂସ୍କୃତି ବିଭାଗ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ ଅତିଥି ରୂପେ ଯୋଗ ଦେଇଥିଲେ। ରାଣୀ ହୋଲକର ଓଡ଼ିଶାର ହୋଇ ନ ଥିଲେ ମଧ୍ୟ ସର୍ବଭାରତୀୟସ୍ତରରେ ତାଙ୍କର ଯୋଗଦାନକୁ ମନେ ପକାଇ ତାଙ୍କର ସ୍ମୃତିଚାରଣକୁ ସେତେବେଳେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ମା ରମାଦେବୀଙ୍କ ବର୍ଷବ୍ୟାପୀ ୧୨୫ତମ ଜନ୍ମବାର୍ଷିକୀ ତଥା ପାର୍ବତୀ ଗିରିଙ୍କ ୧୦୦ତମ ଜୟନ୍ତୀକୁ ରାଜ୍ୟ ସରକାର ଧୁମଧାମରେ ପାଳନ କରିବେ ବୋଲି ସେତେବେଳେ ଆଲୋଚନା ହୋଇଥିଲା। ଏପରିକି ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀକୁ ବର୍ଷବ୍ୟାପୀ ପାଳନ ନେଇ ପୂର୍ବରୁ ସରକାର ଘୋଷଣା ମଧ୍ୟ କରିଥିଲେ। ତେବେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଦୂରରେ ଥାଉ, ସରକାର ୧୨୬ତମ ଜନ୍ମ ବାର୍ଷିକୀକୁ କଳିଙ୍ଗ ଷ୍ଟାଡିୟମର ଟେନିସ କୋର୍ଟରେ ଆୟୋଜନ କରାଗଲା। ଏହି ଘଟଣାକୁ ନେଇ ସେତେବେଳେ ସରକାରଙ୍କୁ ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବି, ସାହିତ୍ୟିକ, ସାଧାରଣ ଲୋକେ କଡ଼ା ସମାଲୋଚନା କରିଥିଲେ। ଏବେ ପାର୍ବତୀ ଗିରିଙ୍କ ଜୟନ୍ତୀ ଶତବାର୍ଷିକୀ ଉତ୍ସବରେ ଅନୁରୂପ ଘଟଣା ଘଟିଛି। ସୋମବାର ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧମ ଏକ୍ସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏକ୍ସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ। ମାତ୍ର ସଂସ୍କୃତି ବିଭାଗ ଏହାକୁ ପୁରା ଭୁଲିଗଲା। ଏଥିପାଇଁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଟେ ଆୟୋଜନ କରାଯାଇ ପାରିଲା ନାହିଁ। କିଛିଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ମନ କି ବାତ୍ କାର୍ଯ୍ୟକ୍ରମରେ ପାର୍ବତୀ ଗିରିଙ୍କ କଥା ଉଲ୍ଲେଖ କରିଥିଲେ। ଏହାସତ୍ତ୍ୱେ ରାଜ୍ୟ ସରକାର ତାଙ୍କୁ ଉଚିତ୍ ସମ୍ମାନ ନ ଦେବା ଅତ୍ୟନ୍ତ ପରିତାପ ତଥା ଦୁର୍ଭାଗ୍ୟର କଥା ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଅଦମ୍ୟ ସାହସ ଓ ଦେଶପ୍ରେମ ଲାଗି ଖୁବ କମ ବୟସରେ ସେ ଘର ଛାଡିଥିଲେ । ମା' ରମାଦେବୀଙ୍କ ପଞ୍ଚକନ୍ୟା ମଧ୍ୟରୁ ଅନ୍ୟତମ ପାର୍ବତୀ ଗିରି ବ୍ରିଟିଶ ବିରୋଧରେ ଲୋକଙ୍କୁ ସଂଗଠିତ କରିଥିଲେ। ବହ୍ନିକନ୍ୟା ନାମରେ ପରିଚିତ ଏପରି ମହିୟସୀ ମହିଳାଙ୍କୁ ସରକାରଙ୍କ ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀ ମହଲ ମତପ୍ରକାଶ କରିଛନ୍ତି। ଓଡ଼ିଆ ଅସ୍ମିତାର ନାରା ଦେଇ ବିଜେପି ରାଜ୍ୟରେ କ୍ଷମତାକୁ ଆସିଥିଲା। ପ୍ରତିଟି କ୍ଷେତ୍ରରେ ଓଡ଼ିଆଙ୍କ ସ୍ୱାଭିମାନକୁ ସର୍ବାଗ୍ରେ ରଖିବ ବୋଲି ବିଜେପି ନେତାଏ ଘୋଷଣା କରିଥିଲେ। ମାତ୍ର ୧୯ ମାସର ଶାସନରେ ରାଜ୍ୟ ବିଜେପି ସରକାରଙ୍କ ଏପରି କାର୍ଯ୍ୟକଳାପ ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି ।

### ନଗ୍ନ ଭିଡ଼ିଓ ଦେଖାଇ...

କାନଫୁଲ, ୧ଟି ସୁନାମୁଦି, ୧ଟି ସୁନା ମଙ୍ଗଳସୂତ୍ର, ୧ଟି ସୁନା ଚେନ୍ ଏବଂ ଗୋଟିଏ ବ୍ରେସଲେଟ୍ ଜବତ କରାଯାଇଛି। ଏହାକୁ ଛାଡ଼ି ୫ଲକ୍ଷ ଟଙ୍କା ଜମାଥିବା ଗୋଟିଏ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଅଚଳ କରି ଦିଆଯାଇଛି। ସାଇବର ଲୁଟେରାଙ୍କ ଜାମିନ୍ ଆବେଦନ ନାମଞ୍ଜୁର ହେବା ପରେ ସମସ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତ ମନୋଜ ତାର ୨ଜଣ ସହଯୋଗୀଙ୍କ ସହ ମିଶି ଗତ ୨୦୨୫ ଜାନୁଆରୀ ମାସରେ ଫେସ୍‌ବୁକ ମାଧ୍ୟମରେ ସମ୍ପୃକ୍ତ ବୃଦ୍ଧଙ୍କ ସହ ଯୋଗାଯୋଗ କରିଥଲା। ବୃଦ୍ଧ ଜଣକ ଫେସବୁକ୍‌ରେ ସରକାରୀ ଚାକିରିଆ ବୋଲି ସୂଚନା ଦେଇଥିଲେ। ଯାହାକି ମନୋଜକୁ ଟଙ୍କା ଠକେଇ ପାଇଁ ଆକୃଷ୍ଟ କରିଥିଲା। ଏହା ପରେ କଟକର ରକ୍ସି ହୋଟେଲ୍, ସାଗର ହୋଟେଲ ଓ ଜଗବନ୍ଧୁ ହୋଟେଲରେ ୩ଥରରୁ ଅଧିକ ସାକ୍ଷାତ କରି ମିଥ୍ୟା ପ୍ରତିଶ୍ରୁତି ଦେଇ ବୃଦ୍ଧଙ୍କ ବିଶ୍ୱାସ ଜିତିଥିଲା। ଗତ ୨୦୨୫ ମେ' ୫ତାରିଖରେ ଅଭିଯୁକ୍ତ ମନୋଜ ତାର ଚିକିତ୍ସା ନାମରେ ମିଛ କହି ଅନ୍‌ଲାଇନ୍‌ରେ ୧ଲକ୍ଷ ୪୮ ହଜାର ଟଙ୍କା ବୃଦ୍ଧଙ୍କ ଠାରୁ ନେଇଥିଲା। ୨ ମାସ ମଧ୍ୟରେ ସେ ଟଙ୍କା ଫେରାଇ ଦେଇଥିବାରୁ ବୃଦ୍ଧଙ୍କ ବିଶ୍ୱାସ ଆହୁରି ଦୃଢ଼ ହୋଇଥିଲା। ପରେ ଅଭିଯୁକ୍ତ ମନୋଜ ତା'ର ଝିଅର ଚିକିତ୍ସା ନାମରେ ପୁଣି ଟଙ୍କା ମାଗିଥିଲା। ଟଙ୍କାର ପରିମାଣ ଅଧିକ ଥିବାରୁ ବୃଦ୍ଧ ଜଣଙ୍କ ଟଙ୍କାଟିଏ ଦେବାକୁ ପ୍ରସ୍ତୁତ ନଥିଲେ। ଏହା ଜାଣିବା ପରେ ଅଭିଯୁକ୍ତ ମନୋଜ ଏକ ସୁପରିକଳ୍ପିତ ଯୋଜନା କରିଥିଲା। ତାର ସହଯୋଗୀ ପ୍ରଫୁଲ୍ଲ, ସଂଗ୍ରାମ, ବାସୁଦେବ ଓ ମନୋରଞ୍ଜନକୁ ଡାକି ବୃଦ୍ଧଙ୍କ ସମ୍ପର୍କରେ ସବୁ କଥା କହିଥିଲା। ଯେହେତୁ ମନୋଜ କୌଶଳକ୍ରମେ ବୃଦ୍ଧଙ୍କର ବ୍ୟାଙ୍କ୍‌ରେ ଥିବା ଜମାରାଶି ବାବଦରେ ଜାଣିଥିଲା, ତାହାକୁ ସେ ସହଯୋଗୀଙ୍କୁ ଜଣାଇଥିଲା। ଏହାପରେ ୫ଜଣ ଅଭିଯୁକ୍ତ ଠକେଇର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ଜଣେ ମହିଳାଙ୍କୁ ବୃଦ୍ଧଙ୍କ ନିକଟତର କରାଇବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ମହିଳା ଜଣକ ବୃଦ୍ଧଙ୍କୁ ହ୍ୱାଟସଆପ୍‌ରେ ଚାଟ୍ ଆରମ୍ଭ କରିଥିଲେ। ସେଥିରେ ସେ ପ୍ରେମ ନିବେଦନ କରିବା ସହିତ ଭିଡ଼ିଓ କଲ୍ କରିବାକୁ ବୃଦ୍ଧଙ୍କୁ ନିବେଦନ କରିଥିଲେ। ଏଥିରେ ପ୍ରଲୋଭିତ ହୋଇ ବୃଦ୍ଧ ସମ୍ପୃକ୍ତ ମହିଳାଙ୍କୁ ଭିଡ଼ିଓ କଲ୍ ଆରମ୍ଭ କରିଥିଲେ। ମହିଳା ଜଣକ ନଗ୍ନ ହୋଇ ଭିଡ଼ିଓ କଲ୍ କରିବା ସମୟରେ ବୃଦ୍ଧଙ୍କୁ ନଗ୍ନ କରିବାକୁ ବାଧ୍ୟ କରିଥିଲେ। ଏସବୁକୁ ମନୋଜ ଏବଂ ତାର ୪ଜଣ ସହଯୋଗୀ ରେକର୍ଡିଂ କରି ରଖିଥିଲେ। ଏହାପରେ ଉକ୍ତ ନଗ୍ନ ଭିଡ଼ିଓ ବୃଦ୍ଧଙ୍କୁ ପଠାଇ ବ୍ଲାକ୍‌ମେଲିଂ ଆରମ୍ଭ କରି ଦେଇଥିଲେ। ଟଙ୍କା ଦିଅ ନହେଲେ ଏହି ଅଶ୍ଳୀଳ ଭିଡ଼ିଓକୁ ଭାଇରାଲ କରିଦେବାକୁ ଧମକ ମଧ୍ୟ ଦେଇଥିଲେ। ବୃଦ୍ଧ ଜଣକ କୌଣସି ଉପାୟ ନପାଇ ପର୍ଯ୍ୟାୟକ୍ରମେ ଆକାଉଣ୍ଟ୍‌ରେ ରହିଥିବା ୮୮ ଲକ୍ଷ ଟଙ୍କା ଠକଙ୍କୁ ଦେଇ ଦେଇଥିଲେ। ଏହାପରେ କୌଣସି ଉପାୟନପାଇ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ତଦନ୍ତ କରି ଆଜି ୫ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି।

## ବଡ଼ ଭାଇକୁ ହତ୍ୟା କଲା ସାନ ଭାଇ

କେନ୍ଦୁଝର,୨୦ ।୧(ସମିସ): କେନ୍ଦୁଝର ସଦର ଥାନା ପଳାସପଙ୍ଗା ଫାଣ୍ଡି ଅଧୀନ ପର୍ଜନପୁର ପଞ୍ଚାୟତ କଶିରା ଗ୍ରାମରେ ବଡ଼ଭାଇଙ୍କୁ ଗୋଇଠା ବିଧା ମାରି ହତ୍ୟା କରିଛି ସାନ ଭାଇ। ମୃତକ ହେଲେ କଶିରା ଗାଁର ବୈଶାଖୁ ମୁଣ୍ଡାଙ୍କ ପୁଅ ସମ୍ବରା ମୁଣ୍ଡା(୨୭)। ଅଭିଯୁକ୍ତ ଭାଇ ଶୁକ୍ରା ମୁଣ୍ଡା(୨୨)ଙ୍କୁ ପଳାସପଙ୍ଗା ଫାଣ୍ଡି ପୁଲିସ ଅଟକ ରଖି ଥାନାକୁ ଆଣିଛି। ଏ ନେଇ ସଦର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଆଜି ସକାଳ ୧୦ଟା ବେଳେ ଉଭୟ ମଦ୍ୟପାନ କରିବା ପରେ ପରସ୍ପର ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଶୁକ୍ରା ସମ୍ବରାଙ୍କ ଛାତିକୁ ଶକ୍ତ ଗୋଇଠା ବିଧା ମାରିବା ଯୋଗୁଁ ସେ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ କେନ୍ଦୁଝର ଧରଣୀଧର ମେଡିକାଲକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାମଲା କ୍ରମେ ଶୁକ୍ରାଙ୍କୁ ଅଦାଲତ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଏସ୍‌ଆଇ ମାନସ ରଞ୍ଜନ ପଣ୍ଡା କହିଛନ୍ତି।


**AFFIDAVIT**

By virtue of an affidavit No.180 sworn before the Executive Magistrate, Champua on dtd-20/01/2026. I, **Golak Bihari Mahanta,** S/o- Niranjan Mahanta, permanent resident of Vill: Chilikaposi, Po: Raruangoda, Ps: Champua, Dist: Keonjhar, Odisha, Pin-758044. I have changed my minor son's name from **Khirasindhu Mahanta** (old name) to **Ksheerasindhu Mahanta** (new name). Henceforth, he shall be known as **Ksheerasindhu Mahanta** for all future purposes.

**Sd/- Golak Bihari Mahanta**

**NOTICE**

By virtue of an affidavit sworn before The Executive Magistrate, Sukruli, Mayurbhanj, dated 20.01.2026 I, Jyotshnarani Barik, Address Village-Sukruli, PO-Sukruli, PS-Raruan, Dist-Mayurbhanj, Pin-757039 declare that I have changed my name from Jyoshna Barik to Jyotshnarani Barik. Henceforth, I shall be known as Jyotshnarani Barik for all purposes.

**Jyotshnarani Barik**

**AFFIDAVIT**

By virtue of an affidavit sworn before the Notary Public, Sonepur on dtd. 20/01/2026, I, Bhaskara Chandra Padhan, Village Lupursingha, P.O. Lupursingha, P.S. Lachhipur, Dist- Subarnapur hereby declare that I have changed my minor son's name from NIRANJAN PADHAN to ARUS PADHAN. Henceforth, he shall be known as **ARUS PADHAN** for all purposes.

**Sd/- Bhaskara Chandra Padhan**

**NOTICE FOR MINOR**

By virtue of an affidavit sworn before the Executive Magistrate, Kodala, dated 08.01.2026, I, N. DEEPA PATRA, W/o N. KALIA PATRA, D/o A. ENDU PATRO, Permanent resident of vill-Makundapur, Po- Komanda, Ps-Khallikote, Dist- Ganjam, Odisha, Pin-761019, currently residing at Makundapur, Po- Komanda, Ps-Khallikote, Dist- Ganjam, Odisha, Pin–761019, declare that I have changed the name of my daughter S. SALINI PATRA, D/o N. DEEPA PATRO & N. SALINI PATRA, D/o N. KALIA PATRA Henceforth, she shall be known as N. SALINI PATRA, D/o N. KALIA PATRA for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide no. 84, dated 17.01.2026, I, MAHESWAR GAUDA, S/o - Cherngu Gauda, Residences of Village - Bangalaguda, PO - Manchagam, PS- Khatiguda, Dist-Nabarangpur, Odisha, Pin - 764070, declare that I have changed the name of my Son from KHAGESPAR GOUDA to KHAGESWAR GAUDA. Henceforth, he shall be known as KHAGESWAR GAUDA for all purposes.

**Sd/- Maheswar Gauda**

**AFFIDAVIT**

Iswarchandra Das, aged about 35 years, S/o-Late Rajendra Kumar Das, Resident of ward No-5 Radhamohan Mandir Sahi, po/ps-Baripada Town, Dist-Mayurbhanj-757001Odisha, declared by this affidavit No-164,Dated-19/01/2026That now onwards I shall be known as Iswar Chandra Das & my actual D. O. B is 18/06/1991 for all future purpose.

**AFFIDAVIT**

By virtue of an affidavit before the Executive Magistrate, Bhubaneswar, dtd. 15.01.2026, I, Sandhyarani Palei, At- Rolasingh, Po- Dabardhuapatana, Dist.-Khordha hereby declare that my name was earlier recorded as "Sandhyarani Sahoo" in some records, whereas my correct and actual name is "Sandhyarani Palei". Both the names Sandhyarani Sahoo and Sandhyarani Palei is one and the same person. Henceforth, I shall be known as **Sandhyarani Palei** for all purposes.

**AFFIDAVIT**

By virtue of an affidavit no. 59, sworn before the Executive Magistrate, Bhubaneswar on dtd. 20.01.2026, I, Suchitra Maharana, At- Sankulei, Po- Dholapasi, Ps/Dist.- Dhenkanal, Pin - 759013 hereby declare that I have changed the name of my minor daughter from Krishna Maharana to Suprava Priyadarshini Maharana. Henceforth, she shall be known as **Suprava Priyadarshini Maharana** for all purposes.

**Sd/- Suchitra Maharana**

**AFFIDAVIT**

By virtue of an affidavit (CF No. 06, dtd- 15/01/2026) sworn before the Notary Public, Padampur. I, **Niyaz Khan,** S/o- Roshan Khan, resident of Vill/PO: Bartunda, Ps- Paikmal, Dist-Bargarh, PIN-768039, Odisha declare that I have changed my name from **Niaja Mahammd** to **Niyaz Khan.** Henceforth, I shall be known as **Niyaz Khan** (new name) for all purposes.

**Niyaz Khan**

**CUTTACK MUNICIPAL CORPORATION**

**"e" PROCUREMENT NOTICE**

**Tender Call Notice No. 833 (PW) Date. 19.01.2026**

**Tender ID: 2025_ORULB_123961**
**Civil Work: 12 Nos.** C-
**Bid Value: Rs.5.68 Lakhs to Rs. 39.37 Lakhs &**
**Tender Id: 2025_ORLUB_124260 (Two Bid)**
**Civil Work: 1 Nos.**
**Bid Value: Rs.58.11 Lakhs**
**Date and Time schedule:**

| Start | End | Opening |
|---|---|---|
| 11.00 AM on dt. 22.01.2026 | 5.00 PM on dt. 05.02.2026 | 11.00 AM on dt. 09.02.2026 |

**Tender Details: can be seen from the procurement portal: www.tendersorissa.gov.in**

OIPR-

**Executive Engineer, City Division-III, CMC**

**DISTRICT PROJECT OFFICE** n-243
**SAMAGRA SIKSHYA, BHADRAK**
At- Upper Bagurai, Post- Madhabnagar, Bhadrak, Pin-756181
No. 137, Dated 19.01.2026

**QUOTATION CALL NOTICE**

Sealed Tenders are invited from interested eligible bidders (individuals/tour operators/ travelling agencies/Firms) having valid OGST registration for providing commercial multi-purpose vehicles (Mahindra Bolero/Scorpio,Disire/Indigo, Tata AC, Pick up Van like such type of vehicles) A/C diesel/petrol for contractual deployment under District Project Office, Samarga Sikshya, Bhadrak on monthly (two vehicles) /Daily rent basis vehicle as on when required (both travels & Good vehicle) which shall confirm the terms and conditions (Annexure-A & B). The last date of receipt of the Bid is date **04/02/2026** upto 5.00 P.M. and will be opened at 11.00 A.M. on the next day i,e on dtd**. 05/02/2026** in the office of the undersigned. The quotation application form containing the general Bid information and detailed terms and conditions for hiring the vehicles can be downloaded from the website www.osepa.odisha.gov.in & www.bhadrak.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

OIPR-

**District Project Coordinator, Samagra Shiksha, Bhadrak**

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**OFFICE OF THE CMO I/C (M&HS) ISPAT GENERAL HOSPITAL**

REF. NO. IGH/KIT/ TENDER/2026-27/006/2026/001 DATED :08/01/2026

**TENDER CASE**

Sealed Tenders are invited from intending Tenderers for supply of dietary items to Ispat General Hospital, RSP, Rourkela from 01.04.2026 to 31.03.2027 in respect of the items mentioned below:-

| Sl No. | Schedule No. | Particulars | Number of items | Earnest money to be deposited | Security deposit |
|---|---|---|---|---|---|
| 1. | I | Grocery (Loose Items) | 8 Nos. | Rs. 15,000/- | 2.5% of order value |
| 2 | II | Vegetables | 25 Nos. | Rs. 15,000/- | -do- |
| 3 | IV | Fish | 1 No. | Rs. 15,000/- | -do- |
| 4 | V | Egg | 1 No. | Rs. 5000/- | -do- |
| 5 | VI | Fruits | 9 Nos. | Rs. 5000/- | -do- |
| 6 | VII | Bakery item | 1 No. | Rs. 5,000/- | -do- |
| 7 | VIII | Chicken | 1 No. | Rs. 5000/- | -do- |
| 8 | IX | Grocery (Packet Items) | 36 Nos. | Rs. 15,000/- | -do- |

Tender form can be obtained from the Office of the Asst. Manager (Kitchen) IGH, from 19th January 2026 (Monday) to 8th February 2026 (Sunday)till 3.00 pm.The tender will be received up to 4:00 PM on 9th February 2026 (Monday) in the Office of the Asst. Manager (Kitchen) IGH, Rourkela- 769005 and opened on 4:30 PM on the same day.

Dy, CMO (kitchen), IGH, RSP

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

**GOVERNMENT OF ODISHA** O-2109
**OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA**
E-mail-eerw_kuchinda@yahoo.com

**OFFICE ORDER**

Due to first time single Tender Sl No. (07) S/R to Road from Kaliadihi to Kandhakulei such as laying of SDBC from Ch.0.00 to 2/000 to 3/027 km in the district of Sambalpur for the year 2025-26. Tender Bid ID / 12/ RWD/ Kuchinda / 2025-26 is here by Cancelled.

**Superintending Ehgineer, Rural Works Division, Kuchinda**

OIPR-

**ତହସିଲଦାର ତଥା ଭୂ-ଅର୍ଜନ କ୍ଷମତାପନ୍ନ ପ୍ରାଧିକାରୀ କାର୍ଯ୍ୟାଳୟ, ଧର୍ମଗଡ଼**
**ଜମି ଅଗ୍ରହଣ, ଜାତୀୟ ରାଜପଥ-୧୩୦ (ଗ) ର ୨୦୧.୬୦୦ କି.ମି ରୁ ୨୦୮.୩୦୦ କି.ମି. (ଧର୍ମଗଡ଼ ବାଇପାସ)** IX-03

**ସର୍ବସାଧାରଣ ବିଜ୍ଞପ୍ତି**

ଜାତୀୟ ରାଜପଥ ଆଇନ ୧୯୫୬ (Act ୪୮ of ୧୯୫୬ ) ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡ଼କ, ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ ୧୩୦ (ଗ) ଓଡ଼ିଶା ରାଜ୍ୟର କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ୨୦୧.୬୦୦ କି.ମି. ଠାରୁ ୨୦୮.୩୦୦ କି.ମି. (ଧର୍ମଗଡ଼ ବାଇପାସ) ନିର୍ମାଣ ସକାଶେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬-ର ଧାରା-୩ (କ) ର ଉପଧାରା ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅସୂଚନା ନଂ. ୫୦୦୪ (ଇ) ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲ ଭୁକ୍ତ ଜମିର ସତ୍ୱବାନ ବ୍ୟକ୍ତି, ଭୂମି ମାଲିକ ସ୍ୱାର୍ଥ ଥିବା ବ୍ୟକ୍ତି ମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଏହି ଅସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ତହସିଲଦାର ତଥ ଭୂ-ଅର୍ଜନ କ୍ଷମତାପନ୍ନ ପ୍ରାକାରୀ କାର୍ଯ୍ୟାଳୟ, ଧର୍ମଗଡ଼ ନଂ. ୧୩୦ (ଗ) ଙ୍କ କାର୍ଯ୍ୟାଳୟ ଧର୍ମଗଡ଼ଙ୍କ ଠିକଣାରେ ଉପରୋକ୍ତ ଆଇନର ଧାରା-୩(ଗ) ର ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ । ଏ ସମ୍ପର୍କରେ ଧାରା-୩(ଗ) ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ ବିବରଣୀ ତହସିଲଦାର ତଥା ଭୂ-ଅର୍ଜନ କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଧର୍ମଗଡ଼ ଜାତୀୟ ରାଜପଥ-130ଗ ଧର୍ମଗଡ଼ଙ୍କ କାର୍ଯ୍ୟଦିବସ ମାନଙ୍କରେ ସର୍ବସାଧାରଣ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

**ସ୍ୱା/- ତହସିଲଦାର ତଥା**
**ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ ଧର୍ମଗଡ଼, କଳାହାଣ୍ଡି**

ଓଡ଼ିଶା ରାଜ୍ୟ ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲାର ଭୂ-ଅର୍ଜନ ଜମିର ସଂକ୍ଷିପ୍ତ ବିବରଣୀ ଘର କିମ୍ବା ଘରବାରୀ ଓ ଅନ୍ୟ କିସମର ବିବରଣୀ । କଳାହଣ୍ଡି ଜିଲ୍ଲା ଅନ୍ତର୍ଗତ ଜାତୀୟ ରାଜପଥ-୧୩୦ ଗ ର ୨୦୧,୬୦୦ କି.ମି. ରୁ ୨୦୮.୩୦୦ କି.ମି. (ଧର୍ମଗଡ଼ ବାଇପାସ ) ମୌଜା- କାଶିବାହାଲ ଓ ସରଧାପୁର ଅନ୍ତର୍ଭୁକ୍ତ ଜାତୀୟ ରାଜପଥ ନଂ. ୧୩୦ ଗ ର ବାଇପାସ ନିର୍ମାଣ ସକାଶେ ।

**ଭୂମି ଅନୁସୂଚୀ**

**ପ୍ରକଳ୍ପର ନାମ- ଜାତୀୟ ରାଜପଥ ନଂ- ୧୩୦ (ଗ) ଧର୍ମଗଡ଼ ବାଇପାସ ନିର୍ମାଣ**

| ରାଜ୍ୟ : ଓଡ଼ିଶା | | | ଜିଲ୍ଲା : କଳାହାଣ୍ଡି | | |
|---|---|---|---|---|---|
| କ୍ର.ନଂ. | ସର୍ବେକ୍ଷଣ କରିବା ପ୍ଲଟ ନଂ | ଜମିର ପ୍ରକାର | କିସମ | ରକବା (ଏକର) | ରକବା (ହେକ୍ଟର) |
| ୧ | ୨ | ୩ | ୪ | ୫ | ୬ |
| ତହସିଲ : ଧର୍ମଗଡ଼ | | | | | |
| ଗ୍ରାମ : କାଶିବାହାଲ | | | | | |
| ୧ | ୧୮୧୮/୩୮୪୫ | ବେସରକାରି | ବେର୍ଣ୍ଣା ଅଣଜଳସେଚିତ | ୦.୦୪ | ୦.୦୧୬୧୮୭୮ |
| ୨ | ୧୮୧୮/୪୬୧୦ | ବେସରକାରି | ବେର୍ଣ୍ଣା ଅଣଜଳସେଚିତ | ୦.୦୭୫ | ୦.୦୩୦୩୫୨୧ |
| ଗ୍ରାମ : ସରଧାପୁର | | | | | |
| ୩ | ୯୨୫ | ବେସରକାରି | ଘରବାରି | ୦.୨୦ | ୦.୦୮୦୯୩୮୯ |
| | | ମୋଟ | | ୦.୩୧୫ | ୦.୧୨୭୪୭୮୮ |

OIPR-

## ଧାମନଗର-ଆନନ୍ଦପୁର ରୁଟ୍‌ରେ ‘ଲକ୍ଷ୍ମୀ’ ଯୋଜନା ବାଟବଣା

# ଲକ୍ଷ ଲକ୍ଷ ଟଙ୍କାର ବସ୍‌ଷ୍ଟପ୍ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଦୋବଲ,୨୦।୧(ସମିସ)



ରାଜ୍ୟ ସରକାର ଗ୍ରାମାଞ୍ଚଳର ପରିବହନ ସେବାକୁ ସୁଦୃଢ଼ କରିବା ପାଇଁ ‘ଲକ୍ଷ୍ମୀ’ (ଏଲ୍ଏସିସିଏମ୍ଆଇ) ବସ୍ ଯୋଜନା ଆରମ୍ଭ କରିଥିଲେ ହେଁ, ଧାମନଗର ବ୍ଲକ୍‌ର କେତେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଏହା କେବଳ ପ୍ରହସନ ପାଲଟିଛି। ବିଶେଷ କରି ଧାମନଗରରୁ ଆନନ୍ଦପୁର ପଞ୍ଚାୟତକୁ ସଂଯୋଗ କରୁଥିବା ରୁଟ୍‌ରେ ବସ୍ ଚଳାଚଳ କରୁ ନ ଥିବାରୁ ହଜାର ହଜାର ଜନସାଧାରଣ ସେବାରୁ ବଞ୍ଚିତ ହେବା ସହ ସରକାରୀ ଅର୍ଥର ବ୍ୟାପକ ଅପବ୍ୟୟ ଘଟୁଛି। ଯୋଜନାର ପ୍ରାରମ୍ଭିକ ସମୟରେ ଆନନ୍ଦପୁର ପଞ୍ଚାୟତକୁ ବସ୍ ଆସିବାକୁ ତାଲିକା ହୋଇଥିଲା। ରୁଟ୍ ନିର୍ଦ୍ଧାରଣ ମଧ୍ୟ ସରିଥିଲା। ଧାମନଗର ବ୍ଲକ୍ ମୁଖ୍ୟାଳୟରୁ ଗୋଟିଏ ବସ୍ ଆନନ୍ଦପୁର ଯାଇଥା’ନ୍ତା। ସେଠାରୁ ସୋହଡ଼ା ପଞ୍ଚାୟତର ଷେଣ୍ଢପୁର ହୋଇ ଖଡ଼ିପଦା ଛକ ଦେଇ ଧାମନଗରରେ ପହଞ୍ଚିଥାନ୍ତା। ଏଥିଲାଗି ଖଡ଼ିପଦା ପଞ୍ଚାୟତ ଅଫିସ ସାମ୍ନା ଓ ଆନନ୍ଦପୁରର ହାତିଡିଅଠାରେ ଏକ ବସ୍‌ଷ୍ଟପ୍ ନିର୍ମାଣ କରାଯାଇଥିଲା। ଏଥିପାଇଁ ପ୍ରତ୍ୟେକ ବସ୍‌ଷ୍ଟପ ଲାଗି ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ମଞ୍ଜୁର ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଏହି ରୁଟ୍‌ରେ ବସ୍ ଚକା ଗଡ଼ିଲା ନାହିଁ। ଫଳରେ ହାତିଡିଅରେ ନିର୍ମିତ ବସ୍‌ଷ୍ଟପ୍‌ଟି କୌଣସି କାମରେ ନ ଲାଗି ଏବେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ସନ୍ଧ୍ୟା ହେଲେ ଏଠାରେ ନିଶାଖୋରଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି।

ହାତିଡିଅ ଅଞ୍ଚଳଟି ଧାମନଗରରୁ ଯାଜପୁରକୁ ସଂଯୋଗ କରୁଥିବା ଏକ ପ୍ରମୁଖ ପ୍ରବେଶ ଦ୍ୱାର। ଏଠାରେ ସପ୍ତାହକୁ ୨ଦିନ ହାଟ ବସିବା ସହ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ବସ୍ ସେବା ଅଭାବରୁ ଆନନ୍ଦପୁର ସମେତ ବାଲିପାଟଣା, ପାହାଡ଼ପୁର, ମାନଲାପୁର ଓ ଉତେଇପୁର ଗାଁର ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବଳ ଆନନ୍ଦପୁର ନୁହେଁ, ପଡ଼ୋଶୀ ଖଡ଼ିପଦା ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଯଥା- ମୁଥାନଗର, ଦକ୍ଷିଣ କୁରୁଆ ଓ ଦକ୍ଷିଣ କାଞ୍ଜିଆପାଳ ଗାଁର ଲୋକେ ମଧ୍ୟ ‘ଲକ୍ଷ୍ମୀ’ ସେବାରୁ ବଞ୍ଚିତ। ଖଡ଼ିପଦା ପଞ୍ଚାୟତ ଅଫିସ୍ ସାମ୍ନାରେ ନିର୍ମିତ ହୋଇଥିବା ବସ୍‌ଷ୍ଟପ୍‌ଟି ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ଦୁର୍ବୃତ୍ତମାନେ ଏହାର ହୋର୍ଡିଂ ଭାଙ୍ଗି ଦେଇଥିବାବେଳେ ଏହା ଏବେ ଗୋରୁଗାଈଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଖଡ଼ିପଦା ହାଇସ୍କୁଲ ଓ ପଞ୍ଚାୟତ ଅଫିସକୁ ଆସୁଥିବା ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ପରିବହନ ସୁବିଧା ନ ଥାଇ ବହୁ ହଇରାଣ ହେଉଛନ୍ତି। ଧାମନଗରର ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ତୁରନ୍ତ ବସ୍ ଚଳାଚଳ କରାଇବା ସହ ନଷ୍ଟ ହେଉଥିବା ସରକାରୀ ଭିତ୍ତିଭୂମିର ସୁରକ୍ଷା ପାଇଁ ଜନସାଧାରଣରେ ଦାବି ହେଉଛି। ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦିଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେପଟେ ଧାମନଗର ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ରକ୍ଷଣାବେକ୍ଷଣ କାମ କେବଳ ତହସିଲ୍‌ର। କେଉଁ ରୁଟ୍‌ରେ କେଉଁ ବସ୍ ଚାଲିବ ତାହା ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପରିବହନ ବିଭାଗ ବୁଝୁଛି।

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ବାରିକପୁର,୨୦।୧(ସମିସ): ଭଣ୍ଡାରିପୋଖରୀ ଥାନା ତେସିଙ୍ଗା ପଞ୍ଚାୟତ ଆମ୍ବଗଡ଼ିଆ ଛକଠାରେ ଗୋଟିଏ ଦ୍ରୁତଗାମୀ କାର୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗତ ସୋମବାର ସନ୍ଧ୍ୟା ୫ଟାବେଳେ ଝୁଟଣା ଗାଁର କମଳାକାନ୍ତ ରାଉତ(୫୦) ଗୋଟିଏ ବାଇକ୍‌ରେ ପୁଅ ଚିନ୍ମୟଙ୍କୁ ବସାଇ ନିକଟସ୍ଥ ମଞ୍ଜୁରୀ ରୋଡ୍ ବଜାରକୁ ଯାଉଥିଲେ। ଏହି ସମୟରେ ବୈତରଣୀ ବନ୍ଧ ରାସ୍ତାରେ ଆଖୁଆପଦା ପଟୁ ଯାଉଥିବା ଦ୍ରୁତଗାମୀ କାର୍‌ଟି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ କମଳାକାନ୍ତ ଓ ତାଙ୍କ ପୁଅ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନଙ୍କ ସହିତ ପରିବାରବର୍ଗ ଉଭୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। କମଳାକାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କ ଛାତିରେ ଗଭୀର ଆଘାତ ଲାଗିଥିବାବେଳେ ମୁହଁ ଓ ନାକ ହାଡ଼ ଭାଙ୍ଗିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଦୁର୍ଘଟଣାସ୍ଥଳରୁ କାର୍‌ଟି ଫେରାର୍ ହୋଇଥିବାବେଳେ ଦୁର୍ଘଟଣା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖବର ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି।

## ଓର୍‌ମାସ ତରଫରୁ ମୋଗଲ ତାମ୍‌ସା ପ୍ରଦର୍ଶିତ




ଧାମନଗର,୨୦।୧(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଲୋକକଳା ଗ୍ରାମ ବନ୍ଧଟିଆର ସାଂସ୍କୃତିକ ଅନୁଷ୍ଠାନ “ସଂସ୍କୃତିକା’ର କଳାକାରମାନଙ୍କ ଦ୍ୱାରା ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଓର୍‌ମାସ ତଥା ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଶିଶିର ସରସ ବହୁମୁଖୀ ମେଳାରେ ଲୋକ ନାଟକ ମୋଗଲ ତାମ୍‌ସା ପ୍ରଦର୍ଶିତ କରି ଭଦ୍ରକ ଜିଲ୍ଲା ଧାମନଗର ମାଟିର ଗୌରବ ବୃଦ୍ଧି କରିପାରିଛି। ଗୁରୁ ସୁବାସ ମଲ୍ଲିକଙ୍କ ନାଟ୍ୟ ଓ ସଙ୍ଗୀତ ନିର୍ଦ୍ଦେଶନାରେ ଚଳିତ ମାସ ୧୮ ତାରିଖ ସନ୍ଧ୍ୟାରେ ଉକ୍ତ ବହୁପୁରାତନ ଲୋକନାଟକଟି ଭରପୂର ଦର୍ଶକଙ୍କୁ ବିମୁଗ୍ଧ କରିବା ସହିତ ପ୍ରାଚୀନ ପରମ୍ପରାଟିକୁ ଉପସ୍ଥିତ ଅତିଥିମାନେ ବହୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ଗୁରୁଶ୍ରୀ ମଲ୍ଲିକଙ୍କୁ ଆୟୋଜକ ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଭିନ୍ନ ଭୂମିକାରେ ସୁନୀଲ ଭୋଇ, ମନୋଜ ଦାସ, ଜୟନ୍ତ ଦାସ, ପ୍ରକାଶ ପଲାଇ, ଅମର ମହାନ୍ତି, ବିଚିତ୍ର ସେଠୀ, ବଳରାମ ଜେନା, କାଳୀଚରଣ ସାହୁ, ଜିତନ ପଣ୍ଡା, ଯୋଗେନ୍ଦ୍ର ଜେନା, ପ୍ରିୟବ୍ରତ ରାଉତ, ମଣ୍ଟୁ ଦାସ, ମମତା ସାହୁ, ଲକ୍ଷ୍ମୀପ୍ରିୟା, ମୋନାଲିସା, ଅର୍ଚ୍ଚନା ଓ ସଙ୍ଗୀତରେ ଗୁରୁ ସୁବାସ ମଲ୍ଲିକ, ହୀରାମଣି ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବାଲ୍ୟବିବାହ ଉଚ୍ଛେଦ ନେଇ ସଚେତନତା




ଭଦ୍ରକ,୨୦।୧(ସମିସ): ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ନିମନ୍ତେ ଚରମ୍ପା ବାଳିକା ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲ୍ୟବିବାହ ଆଇନଗତ ଅପରାଧ ବୋଲି ଉଲ୍ଲେଖ କରିବା ସହିତ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ଗଭୀର ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଅଧିକାର ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ସମସ୍ୟା ଦେଖିଲେ କିମ୍ବା ଅନୁଭବ କଲେ (୧୦୯୮) ନିଃଶୁଳ୍କ ନମ୍ବରରେ ଅଭିଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ମଞ୍ଚ ନିମନ୍ତ୍ରଣ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ କରିଥିବାବେଳେ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭାମାମଣୀ ଦାସ ସଚେତନ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଧାମନଗର ଉତ୍କଳ ସାମ୍ବାଦିକ ସଂଘର ସାଂଗଠନିକ ବୈଠକ

## ୧୫ ନୂତନ ସଦସ୍ୟ ସାମିଲ୍, ୬ ଜଣ ବହିଷ୍କୃତ



ଧାମନଗର,୨୦।୧(ସମିସ): ଧାମନଗର ବ୍ଲକ୍ ଉତ୍କଳ ସାମ୍ବାଦିକ ସଂଘର ନବ ବର୍ଷର ବନ୍ଧୁ ମିଳନ ଓ ସାଂଗଠନିକ ବୈଠକ ଧାମନଗରସ୍ଥିତ ଜଳସେଚନ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଘର ବରିଷ୍ଠ ସଦସ୍ୟ ସେକ୍ ଜାଫର ଅଲ୍ଲୀଙ୍କ ପ୍ରସ୍ତାବ ଓ ସମ୍ପାଦକ ବିବେକାନନ୍ଦ ପଣ୍ଡାଙ୍କ ସମର୍ଥନ କ୍ରମେ ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, ଧାମନଗର ଉତ୍କଳ ସାମ୍ବାଦିକ ସଂଘର ସଭାପତି ସୁଶାନ୍ତ ରାଉତ, ସାମ୍ବାଦିକ ସନ୍ତୋଷ କୁମାର ଦାସ, ଦିପ୍ତୀରଞ୍ଜନ ନାୟକ, ସଞ୍ଜୀବ ନାୟକ, ଜଗନ୍ନାଥ ବେହେରା, ରତିକାନ୍ତ ନାୟକ, ପ୍ରଶାନ୍ତ ଦ୍ୱିବେଦୀ, ଦୀନକୃଷ୍ଣ ମହାପାତ୍ର, କାହ୍ନୁ ଚରଣ ଜେନା, ପ୍ରଦୀପ ବାରିକ ପ୍ରମୁଖ ଉପସ୍ଥିତ ରହି ସଂଘର ସଦସ୍ୟମାନଙ୍କୁ ପ୍ରଥମେ ନବବର୍ଷର ଅଭିନନ୍ଦନ ଜଣାଇବା ସହିତ ସଂଘର ସାଂଗଠନିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଆଗାମୀ ଦିନରେ ସଂଘକୁ କିପରି ସୁଦୃଢ଼ କରାଯାଇପାରିବ ତାହା ଉପରେ ଉପସ୍ଥିତ ସଭ୍ୟମାନଙ୍କଠାରୁ ବହୁ ଉପାଦେୟ ମତାମତ ନେବା ସହିତ ନିଷ୍ପତ୍ତି ନିଆଯାଇଥିଲା। ଯେଉଁ ସଭ୍ୟମାନେ ସଂଘରେ ରହି ସଂଘ ବିରୋଧୀ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଯଥାଶୀଘ୍ର ସଂଘରୁ ବହିଷ୍କୃତ କରାଯିବା ସହିତ ନୂତନ ସଦସ୍ୟଙ୍କୁ ସଂଘରେ ସାମିଲ୍ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି କ୍ରମେ ରାଜ୍ୟ, ଜିଲ୍ଲା ଓ ବ୍ଲକ୍ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଧାମନଗର ଉତ୍କଳ ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ଯଥା- ଅନିଲ ବାରିକ, ସୁଧାକର ଦାଶ, ସରୋଜ ସେଠୀ, ଗୌରାଙ୍ଗ ଦାଶ, କୈଳାଶ ଗୁପ୍ତା, ସନ୍ତୋଷ ମହାପାତ୍ର, ଅଭିମନ୍ୟୁ ମଲ୍ଲିକ, କୁଳମଣି ବେହେରା ସଂଘରେ ରହି ଅନ୍ୟ ଏକ ସଂଗଠନରେ ମିଶିଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ତେଣୁ ଉତ୍କଳ ସାମ୍ବାଦିକ ସଂଘ ଧାମନଗର ବ୍ଲକ୍‌ରୁ ବିଧିବଦ୍ଧ ଭାବେ ଜିଲ୍ଲା ସଭାପତି ବହିଷ୍କୃତ ଘୋଷଣା କରିଛନ୍ତି। ସେହିପରି ଧାମନଗର ବ୍ଲକ୍‌ର ଅସୁରାଳି, ଧୂଷୁରୀ, ଧାମନଗର ଅଞ୍ଚଳରେ ବିଭିନ୍ନ ଖବର କାଗଜରେ କାର୍ଯ୍ୟରତ ସାମ୍ବାଦିକ ବନ୍ଧୁମାନେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ, ଜିଲ୍ଲା ଓ ବ୍ଲକ୍‌ରେ ଦାୟିତ୍ୱରେ ଥିବା ବରିଷ୍ଠ ନେତୃବୃନ୍ଦ ସଂଘର ନୀତି, ଆଦର୍ଶ ଉପରେ ଆସ୍ଥା ପ୍ରକଟ କରି ଆଜିର ସାଂଗଠନିକ ବୈଠକରେ ୧୫ରୁ ଅଧିକ ସାମ୍ବାଦିକ ଯଥା- ପ୍ରଭାକର ବାରିକ, କୁମାରେଶ ବଳଭଦ୍ର ଖିଲାର, ମାନସ ରଞ୍ଜନ ମହାପାତ୍ର, ସନ୍ତୋଷ ସାହୁ, ମାନସ କୁମାର ପରିଡ଼ା, ଶ୍ରୀକାନ୍ତ ସାହୁ, ରଜତ ଲେଙ୍କା, କାଦମ୍ବରୀ ଖଟୁଆ, ସିଦ୍ଧାର୍ଥ ଶଙ୍କର ମିଶ୍ର, ରଞ୍ଜିତ ଜେନା, ରଞ୍ଜନ ମଲ୍ଲିକ, ପ୍ରଶାନ୍ତ ପଣ୍ଡା, ସୀତାକାନ୍ତ ବିଶ୍ୱାଳ, କାଳନ୍ଦୀ ବେହେରା, ଦେବେନ୍ଦ୍ର ବେହେରା, ଆଲୋକ ନାୟକ ପ୍ରମୁଖଙ୍କୁ ନୂତନ ସଭ୍ୟ ଭାବରେ ନିଆଯାଇଛି। ନୂତନ ସଭ୍ୟମାନଙ୍କୁ ରାଜ୍ୟ ଓ ଜିଲ୍ଲା ସଭାପତିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସେମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ମାସ ଧୂଷୁରୀଠାରେ ଏକ ପ୍ରସ୍ତୁତି ବୈଠକ ଡକାଯିବା ସହିତ ଏକ ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକ ପାଇଁ ନିଷ୍ପତ୍ତି ନିଆଯିବାର କାର୍ଯ୍ୟକ୍ରମ ରଖାଯାଇଛି ବୋଲି ସଭାପତି ସୂଚନା ଦେଇଥିଲେ। ବୈଠକରେ ପ୍ରାୟ ୪୦ରୁ ଅଧିକ ସାମ୍ବାଦିକ ଯୋଗଦେଇଥିଲେ। ଶେଷରେ ସାମ୍ବାଦିକ ଦୁର୍ଗାପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକାଶ ପାଇଲା ମେଧାବୃତ୍ତି ପରୀକ୍ଷା ଫଳ



‘ସକାଳ’ ପ୍ରଭାବ

ଦୋଳସାହି,୨୦।୧(ସମିସ): ସାରା ରାଜ୍ୟରେ ସମସ୍ତ ବ୍ଲକ୍‌ର ମେଧାବୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଥିଲାବେଳେ ତିହିଡ଼ି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଏହି ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଉ ନ ଥିବା ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତିହିଡ଼ି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିବା ବେଳେ କାର୍ଯ୍ୟାଳୟ ପକ୍ଷରୁ ଚଳିତ ସପ୍ତାହରେ ପ୍ରକାଶ କରାଯିବ ବୋଲି ସୂଚନା ମିଳିବା ସହ ଆସନ୍ତା ସପ୍ତାହରେ ମେଧାବୃତ୍ତିଙ୍କ ଫଳାଫଳ ଘୋଷଣା କରାଯିବ ବୋଲି ଗତ ଶନିବାର ‘ସକାଳ’ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ମଙ୍ଗଳବାର ତିହିଡ଼ି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଏହି ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ମେଧାବୃତ୍ତି ପରୀକ୍ଷା ଦେଇଥିବା ଗୁଆମାଳ ବିଗ୍ରେଡ୍ ସୈନିକ ସ୍କୁଲ୍‌ର ୫ମ ଶ୍ରେଣୀ ଛାତ୍ର ତଥା ମୋଡ଼ସାହିର ଭରତ ଚନ୍ଦ୍ର ସାହୁଙ୍କ ପୁତ୍ର ଓମ୍ ପ୍ରକାଶ ସାହୁ ମେଧାବୃତ୍ତି ପାଇ ଗୌରବ ବୃଦ୍ଧି କରିଛନ୍ତି।

## ମଧୁସୂଦନ ଜେନାଙ୍କ ୩୪ତମ ସ୍ମୃତି ସମାରୋହ




ଭଦ୍ରକ,୨୦।୧(ସମିସ): ମଙ୍ଗଳବାର ବିଶିଷ୍ଟ ଶିକ୍ଷାବିତ୍ ମଧୁସୂଦନ ଜେନାଙ୍କ ୩୪ତମ ସ୍ମୃତି ସମାରୋହ ପୁରୁଣା ବଜାରସ୍ଥିତ ନାରାୟଣ ଚନ୍ଦ୍ର ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସମାରୋହ ସଭାପତି ସମାଜସେବୀ ଏସ୍ଏମ୍ ଫାରୁକ୍‌ଙ୍କ ସଭାପତିତ୍ୱରେ ସମ୍ପାଦକ ହାଜି ଅବ୍‌ଦୁଲ ମୁକିତ ଖାନ୍‌ଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏହି ସଭାରେ ଅତିଥି ଭାବେ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଆସିଆନା ପ୍ରତିଷ୍ଠାତା ଶେଖ୍ ଅବୁ ସଲାମ, ପୌରାଧ୍ୟକ୍ଷ ଗୁଲମାକ୍କୀ ଦଲୱାଜି ହବିବ୍, ପୁରାତନ ଛାତ୍ର ମୋହନ ମାଜିଥିଆ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ, ଶାନ୍ତନୁ ରାଉତ ଓ ଶିକ୍ଷକ ତଥା କବି ମୁସ୍ତାକ ଗୌହର ଯୋଗଦେଇ ମଧୁସୂଦନ ଜେନାଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ୧୯୫୩ରୁ ୧୯୭୧ ପର୍ଯ୍ୟନ୍ତ ୧୮ ବର୍ଷ ଧରି ସେ ନାରାୟଣ ଚନ୍ଦ୍ର ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ଭଦ୍ରକରେ ଶିକ୍ଷାଜ୍ୟୋତି ପ୍ରଚାରରେ କାର୍ଯ୍ୟ କରିଥିବାରୁ ରତ୍ନାକର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ରେ ନାରାୟଣ ଚନ୍ଦ୍ର ବିଦ୍ୟାଳୟ ଆନୁକୂଲ୍ୟରୁ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିଥିବା ଛାତ୍ର ଶେଖ୍ ଅବ୍‌ଦୁଲ ଖାଲିକ ଓ ଜୈନବ କାଦରୀଙ୍କୁ ମଧ୍ୟ ଫୁଲତୋଡ଼ା ସହ ଅର୍ଥରାଶି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ସ୍କୁଲର ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ଓ ଗୁରୁଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ମୃତି ସମାରୋହକୁ ସମାଜସେବୀ ସୁଧାକର ରାଉତ, ହରିହର ନନ୍ଦୀ, ହାଜି କାସିମ୍ ଖାନ, ଉଦୟ ନାରାୟଣ ମହାନ୍ତି, ମିର୍ଜା ଇଜାଜ୍ ବେଗ୍ ଉପସ୍ଥିତ ରହି ପରିଚାଳନା କରିଥିଲେ। ପରିଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ର ମହାନ୍ତିଙ୍କ ସ୍ମୃତିସଭା



ଭଦ୍ରକ,୨୦।୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ଝାଡ଼ପଟା ଗାଁର ଯତୀନ୍ଦ୍ର ମହାନ୍ତିଙ୍କ ବିୟୋଗରେ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସେ ଭଦ୍ରକ ଜିଲ୍ଲା କଂଗ୍ରେସ ଦଳର ଜଣେ ବରିଷ୍ଠ ରାଜନେତା ତଥା ତିହିଡ଼ି ବ୍ଲକ୍‌ର ୬ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ ବହୁବିଧ ଉନ୍ନୟନମୂଳକ କାର୍ଯ୍ୟ କରି ସବୁଦିନେ ସ୍ମରଣୀୟ ହୋଇରହିବେ। ସେହିଭଳି ଜଣେ ଦରଦୀ, ପରୋପକାରୀ ମଣିଷ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିବା ବକ୍ତାମାନେ ସ୍ମୃତିଚାରଣ କରି କହିଥିଲେ। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି ଶିକ୍ଷକ ମନ୍ମଥ ଦାସ ପୌରୋହିତ୍ୟ କରିଥିବାବେଳେ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ତଥା ତିହିଡ଼ି ବ୍ଲକ୍ କଂଗ୍ରେସ ସଭାପତି ସରୋଜ ଦାସ, ତାଳପଦା ପଞ୍ଚାୟତ ସମିତିସଭ୍ୟ ଚିନ୍ତାମଣି ଦାସ, ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡା, ଭରତ ଚନ୍ଦ୍ର ସାହୁ, ସାହିତ୍ୟିକ ହୃଦାନନ୍ଦ ପାଣିଗ୍ରାହୀ, ସୁଧାଂଶୁ ପାଣିଗ୍ରାହୀ, ସ୍ଥାନୀୟ ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ ଜେନା, ତପନ ପାଢ଼ୀ, ଅଶ୍ୱିନୀ ସଂକେତ ପାଢ଼ୀ, ମନୋଜ ପାଢ଼ୀ, ରଘୁନାଥ ମହାନ୍ତି, ବିଚିତ୍ର ନାୟକ, ବସନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ଫାଉଣ୍ଡେସନର ବାର୍ଷିକ ଉତ୍ସବ

ଭଣ୍ଡାରିପୋଖରୀ,୨୦।୧(ସମିସ): ଭଣ୍ଡାରିପୋଖରୀ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଫାଉଣ୍ଡେସନର ୫ମ ବାର୍ଷିକ ଉତ୍ସବ ମଙ୍ଗଳବାର ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅଜିତ୍ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରଦ୍ୟୁମ୍ନ ଜେନା, ବିଶିଷ୍ଟ ଅତିଥି ଡ. ସ୍ୱାଧୀନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ରପ୍ରସାଦ ଜେନା, ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ଲତା ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ନାଥ, ସୂର୍ଯ୍ୟ ନାରାୟଣ ମହାରଣା ଯୋଗଦେଇଥିଲେ। ଏହି ଉତ୍ସବରେ ସାମ୍ବାଦିକ ଅକ୍ଷୟ ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାତା ତ୍ରିଲୋଚନ ଦାଶ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିବାବେଳେ ସଂଗଠନ ସଦସ୍ୟ ନିତ୍ୟାନନ୍ଦ ଜେନା, ଧନେଶ୍ୱର ଜେନା ସତ୍ୟରଞ୍ଜନ ରାଏ ଶିବାନୀ ଶଙ୍କର ସ୍ୱାଇଁ ଜଗନ୍ନାଥଙ୍କ ଫଟୋ ଓ ଉପଢ଼ୌକନ ଅତିଥିମାନଙ୍କୁ ପ୍ରଦାନ କରିଥିଲେ। ସ୍ୱାଗତ ନୃତ୍ୟ ଶାରଦା ବିଦ୍ୟାମନ୍ଦିରର ଛାତ୍ରୀ ଓ ରହଣିଆ ସ୍କୁଲ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯୁବ ସମାଜସେବୀ, ଉତ୍କଳ ଫାଉଣ୍ଡେସନ ତରଫରୁ ୨୦ ଜିଲ୍ଲାରୁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ଉପଢୌକନ ସହ ମାନପତ୍ର ଉତ୍କଳଶ୍ରୀ ସେବାରେ-୨୦୨୬ ସମ୍ମାନିତ କରାଯାଇଥିଲା। ଶେଷରେ ଉତ୍କଳ ଫାଉଣ୍ଡେସନର ହିମାଂଶୁ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ମହାପାତ୍ର, ସତ୍ୟରଞ୍ଜନ ସାମଲ, ସୌମ୍ୟରଞ୍ଜନ ସାହୁ, ଭାଗବତ ରାଉତ, ଅଭୟ ସାହୁ, ଶିବାନୀ ଶଙ୍କର ସ୍ୱାଇଁ, ଉତ୍କଳ କମ୍ପ୍ୟୁଟରର ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ।



## ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ବାର୍ଷିକ ସମାରୋହ

# ‘ସମାଜରେ ବରିଷ୍ଠମାନଙ୍କ ସ୍ଥାନ ସ୍ୱତନ୍ତ୍ର’

ଭଦ୍ରକ,୨୦।୧(ସମିସ)




ସମାଜରେ ବରିଷ୍ଠଙ୍କ ସ୍ଥାନ ସ୍ୱତନ୍ତ୍ର। ଏହାକୁ ପାଥେୟ କରି ପରିବାର ଓ ସମାଜ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ। ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଇଥିବା ପିଲାମାନେ ମନେ ରଖିବା ଉଚିତ୍ ଯେ, ପିତାମାତାଙ୍କର ସେବା ପ୍ରଥମ କର୍ତ୍ତବ୍ୟ, ଏହାକୁ ଯେ ଭୁଲିଯାଏ ସେ ମଣିଷ ନୁହେଁ ପଶୁ ସମାନ। ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଜିଲ୍ଲାର ସମସ୍ତ ୨୭ଟି ବ୍ଲକ୍‌ସ୍ତରୀୟ ବରିଷ୍ଠ ନାଗରିକ ସଂଘର ସଭାପତି, ସମ୍ପାଦକଙ୍କ ସମେତ ଜିଲ୍ଲା ମହାସଂଘର ଉପଦେଷ୍ଟା, କାର୍ଯ୍ୟକାରିଣୀ ସଦସ୍ୟଙ୍କ ଉପସ୍ଥିତିରେ ପ୍ରାୟ ୪୦୦ ବରିଷ୍ଠ ନାଗରିକନ ଯୋଗଦେଇଥିବା ୬ଷ୍ଠ ବାର୍ଷିକ ସମାରୋହରେ ଯୋଗଦେଇ ଅତିଥିମାନେ ବକ୍ତବ୍ୟରେ କହିଥିଲେ। ବିଭୂତିଭୂଷଣ ସେନାପତି ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାଏ, ସମ୍ମାନିତ ଅତିଥିଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜ, ଡାକ୍ତର ସୁଧୀରଞ୍ଜନ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଶିକ୍ଷାବିତ୍ ହରିହର ରାଉତରାଏ, ଶିକ୍ଷାବିତ୍ ଶୈଳେନ ମହାପାତ୍ର, ଏସ୍‌ବିଆଇ ଭଦ୍ରକ ଶାଖାର ଚିଫ୍ ମ୍ୟାନେଜର ସଞ୍ଜୟ କୁମାର ତ୍ରିପାଠୀ, ମହେଶ୍ୱର ବେହେରା, ଦେବୀକିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

ସଂଘର ସାଧାରଣ ସମ୍ପାଦକ କୈଳାଶ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠରେ ବିଭାଗୀୟ ଅତିରିକ୍ତ ସଚିବଙ୍କ ଦୃଷ୍ଟି ଆକର୍ଷଣ କରି ଭଦ୍ରକ ଜିଲ୍ଲାର ସମସ୍ତ ବରିଷ୍ଠ ସଂଘକୁ ୫୦ହଜାର ସରକାରୀ ଅନୁଦାନ ରାଶି ଦେଲେ, ବ୍ଲକ୍‌ସ୍ତରୀୟ ସଂଘ ସେମାନଙ୍କ ଭିତ୍ତିଭୂମି ସଜାଡ଼ିପାରିବେ। ମହାସଂଘର ସିନିଅର ସିଟିଜେନ ମଲ୍ଟିପୁଲ ହବ୍ ମହାନଦୀ କୋଲ୍ ଲିମିଟେଡ୍ ଆର୍ଥିକ ଅନୁଦାନରେ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନକୁ ପୁଣି ଥରେ ଆଜିର ସଭାରେ ଅନୁରୋଧ କରାଯାଇଥିଲା। ଅତିରିକ୍ତ ସଚିବ ଶ୍ରୀ ରାଉତରାଏ ଖୁବ୍‌ଶୀଘ୍ର ରାଜ୍ୟ ସରକାର ବରିଷ୍ଠଙ୍କ କଲ୍ୟାଣ ନିମନ୍ତେ ନୂଆ ଯୋଜନା ପ୍ରଣୟନ କରିବାକୁ ଯାଉଛନ୍ତି, ବରିଷ୍ଠମାନେ ୧୪୫୬୭ ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ କଲେ ଆମ ବିଭାଗ ତୁରନ୍ତ ପଦକ୍ଷେପ ନେବୁ ଓ ସରକାର ଆପଣଙ୍କ ସହ ଅଛନ୍ତି ବୋଲି କହିଥିଲେ। ସଭାରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରାକ୍ତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ ଅତ୍ୟନ୍ତ ଭାବବିହ୍ୱଳରେ କହିଲେ କି, ଭଦ୍ରକ ମାଟି ସମସ୍ତ ବରିଷ୍ଠ ମାନଙ୍କ ଉପସ୍ଥିତ ସମ୍ବର୍ଦ୍ଧିତ କଲେ ଏହା ମୋ ପ୍ରତି ଶ୍ରେଷ୍ଠ ସମ୍ମାନ। ଆଇଏମ୍ଏ ଭଦ୍ରକ ଶାଖା ପକ୍ଷରୁ ବରିଷ୍ଠ ଚିକିତ୍ସକ ଡାକ୍ତର ରବୀନ୍ଦ୍ର କୁମାର ନାୟକ ଓ ଡାକ୍ତର ହରେକୃଷ୍ଣ ନାୟକ ପ୍ରାକ୍ତନ ମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରହରାଜ ବରିଷ୍ଠମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସମସ୍ତ ସହଯୋଗ କରିବେ। ଅନ୍ୟତମ ଚିକିତ୍ସାଧିକାରୀ ଡା. ସୁଧୀରଞ୍ଜନ ନାୟକ କହିଲେ ମୋ ଜନ୍ମ ମାଟି ପାଇଁ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଇବା ପାଇଁ ଅବିରତ ଉଦ୍ୟମ ଜାରି ରଖିଛି ବୋଲି କହିଥିଲେ। ଉପଦେଷ୍ଟା ସମାଜସେବୀ ଅଜୟ ନାୟକ ସ୍ୱାଗତ ଭାଷଣ, ପଦ୍ମନ ରାୟ, ସଚ୍ଚିକାନ୍ତ ପଣ୍ଡା, ଶଶିକାନ୍ତ ପାଢ଼ୀ, ପର୍ଶୁରାମ ଦିବେଦୀ, ଲକ୍ଷ୍ମଣ ମହାନ୍ତି, ରାଧାରାଣୀ ମହାପାତ୍ର, ସଂଗୀତା ଦେ, ଇନ୍ଦ୍ରମଣି ପଣ୍ଡା, ରାମଚନ୍ଦ୍ର କର, ଗୋଲକ ସାହୁ, କୈଳାଶ ପଣ୍ଡା, ଭକ୍ତହରି ମହାପାତ୍ର, ଅଖିଳମୋହନ ପାଢ଼ୀ, ବିଚିତ୍ରାନନ୍ଦ ମହାନ୍ତି, ମାନପତ୍ର ପାଠ ସହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମହାସଂଘର ମୁଖପତ୍ର ‘ବରିଷ୍ଠ’ ଉନ୍ମୋଚିତ ହୋଇଥିଲା।

## ସପ୍ତମ ଦିବସରେ ବରୁଣେଶ୍ୱର ମେଳା

# ସରିଆସିଲା ବେଳକୁ ଯାତ୍ରୀଙ୍କ ଭିଡ଼ ଜମୁଛି





ବିଞ୍ଝାରପୁର,୨୦।୧(ସମିସ)

ପ୍ରସିଦ୍ଧ ବରୁଣେଶ୍ୱର ମେଳା ସପ୍ତମ ଦିବସରେ ପହଞ୍ଚିଛି। ଶେଷ ସୋପାନରେ ଥିବା ସତ୍ତ୍ୱେ ଯାତ୍ରୀମାନଙ୍କ ଆଗମନରେ କୌଣସି ହ୍ରାସ ଦେଖାଯାଉନାହିଁ। ବରଂ ଦିନକୁ ଦିନ ଯାତ୍ରୀଙ୍କ ଉତ୍ସାହ ବଢ଼ୁଥିବା ଦେଖାଯାଉଛି। ହଜାର ହଜାର ଯାତ୍ରୀଙ୍କ ସମାଗମ ଯୋଗୁଁ ମେଳା ପଡ଼ିଆରେ ବ୍ୟବସାୟ ଜମିଉଠିଛି। ଘରକରଣା ସାମଗ୍ରୀ, ଖେଳନା, ପୋଷାକ ଆଦି କ୍ରୟରେ ଲୋକମାନେ ବେଶୀ ଆଗ୍ରହ ଦେଖାଉଛନ୍ତି।

### ବର୍ଜ୍ୟବସ୍ତୁ ପାଇଁ କୁଶଭଦ୍ରା ପ୍ରଦୂଷିତ

ମେଳା ଦେଖିବା ପାଇଁ ପ୍ରତିଦିନ ହଜାର ହଜାର ଯାତ୍ରୀ ଆସୁଥିବାରୁ ଉତ୍ପନ୍ନ ହେଉଥିବା ବର୍ଜ୍ୟବସ୍ତୁ କୁଶଭଦ୍ରା ନଦୀରେ ଫିଙ୍ଗାଯାଉଛି। ଫଳରେ ପୂଣ୍ୟତୋୟା କୁଶଭଦ୍ରା ନଦୀ ପ୍ରଦୂଷିତ ହୋଇପଡ଼ିଛି। ଏହାକୁ ନେଇ ଶ୍ରଦ୍ଧାଳୁମାନଙ୍କ ଧାର୍ମିକ ଭାବନାରେ ଆଘାତ ଲାଗିଛି। ତେଣୁ ତୁରନ୍ତ ପରିମଳ ବିଭାଗ ଏହାପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକମାନେ ଦାବି କରୁଛନ୍ତି।

### ପାନୀୟ ଜଳ ସଙ୍କଟ

ଗ୍ରାମ୍ୟ ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ବିଭାଗର ଅବହେଳା କାରଣରୁ ମେଳା ପଡ଼ିଆରେ ଗୁରୁତର ପାନୀୟ ଜଳ ସଙ୍କଟ ଦେଖାଦେଇଛି। ମେଳାକୁ ଆସୁଥିବା ଯାତ୍ରୀମାନେ ସୁବିଧାରେ ପାନୀୟ ଜଳ ନ ପାଇ ବାଧ୍ୟ ହୋଇ ଦୋକାନରୁ ବୋତଲ ପାଣି କିଣି ପିଉଥିବା ଦେଖାଯାଉଛି। ଏପରିକି ମେଳା ପଡ଼ିଆରେ ଖାଦ୍ୟ ଦୋକାନୀମାନେ ପାଣି ଅଭାବରୁ ପାଖପାଖି ଗ୍ରାମରୁ ଡ୍ରମରେ ପାଣି ଆଣି କାମ ଚାଲାଉଥିବା ଦେଖାଦେଇଛି।

## ମେଳାରେ ବିକ୍ରି ଖାଦ୍ୟର ଯାଞ୍ଚ



ଯାଜପୁର,୨୦।୧(ସମିସ): ଯାଜପୁର ଜିଲ୍ଲାରେ ବେଶ ଧୁମଧାମରେ ଚାଲିଛି ପ୍ରସିଦ୍ଧ ବରୁଣେଶ୍ୱର ମେଳା ଏବଂ ଓଲାଶୁଣୀ ମେଳା। ଏହି ମେଳାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ସହ ଖାଦ୍ୟ ଷ୍ଟଲଗୁଡିକରେ ଲୋକଙ୍କ ଭିଡ଼ ଜମୁଛି। ତେଣୁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମେଳାରେ ବିକ୍ରି ହେଉଥିବା ଖାଦ୍ୟର ଗୁଣବତ୍ତା ଓ ସ୍ୱଚ୍ଛତା ଯାଞ୍ଚ କରାଯାଇଛି। ଯାଜପୁର ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ତିନି ଦିନ ଧରି ଜାନୁଆରୀ ୧୭, ୧୮ ଓ ୨୦ ତାରିଖରେ ବରୁଣେଶ୍ୱର ମେଳାର ବିଭିନ୍ନ ଖାଦ୍ୟ, ଫାଷ୍ଟଫୁଡ ଷ୍ଟଲଗୁଡିକରେ ଟିକିନିଖି ଯାଞ୍ଚ କରାଯାଇଛି। ମେଳାରେ ବିକ୍ରି ହେଉଥିବା ପ୍ରାୟ ୧୭ କିଲୋ ବାସି ଅଖାଦ୍ୟକୁ ଚିହ୍ନଟ କରି ନଷ୍ଟ କରାଯାଇଛି। ଯାଜପୁର ଜିଲ୍ଲା ଖାଦ୍ୟ ନିରୀକ୍ଷକ ରାକେଶ କୁମାର ସାହୁ ଏକ ସ୍ୱତନ୍ତ୍ର ଟିମ୍ ସହିତ ଅଚାନକ ମେଳା ପଡ଼ିଆରେ ଚଢ଼ଉ କରି ବିଭିନ୍ନ ଷ୍ଟଲରେ ଖାଦ୍ୟର ମାନ ଯାଞ୍ଚ କରିଥିଲେ।

ସେହିଭଳି ଓଲାଶୁଣୀ ମେଳାରେ ମଧ୍ୟ ସୋମବାର ଖାଦ୍ୟର ଗୁଣାତ୍ମକ ମାନ ନିରୀକ୍ଷଣ କରାଯାଇଛି। ଏହାସହ ଖାଦ୍ୟ ସୁରକ୍ଷା ଅଧିନିୟମ ଅଧୀନରେ ଯେଉଁ ଖାଦ୍ୟ ଦୋକାନୀଙ୍କ ଲାଇସେନ୍ସ ନାହିଁ, ସେମାନଙ୍କୁ ନୋଟିସ୍ ମଧ୍ୟ ଜାରି କରାଯାଇଛି। ମେଳାରେ ଯେପରି ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ବିକ୍ରି ହେବ ଏବଂ ଲୋକେ ସଠିକ୍ ମାନର ଖାଦ୍ୟ ପାଇବେ, ସେ ଉପରେ ଧ୍ୟାନ ଦିଆଯାଇ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏହାସହ ଉତ୍ତମ ମାନର ଖାଦ୍ୟ ବ୍ୟଞ୍ଜନ ବିକ୍ରି କରିବା ପାଇଁ ଦୋକାନୀମାନଙ୍କୁ ସଚେତନ କରାଯାଇଛି।

## ପ୍ରାଣୀ ସହାୟତା ପାଇଁ ଆମ୍ବୁଲାନ୍ସ ସେବା ଆରମ୍ଭ




ଯାଜପୁର,୨୦।୧(ସମିସ): ଅସହାୟ ଓ ବୁଲା ଗାଈଗୋରୁଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ଦ୍ୱାରା ପ୍ରାଣୀ ସହାୟତା ପାଇଁ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ହୋଇଛି। ଏହି ସେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ବୁଲା ତଥା ଅସହାୟ ଗୋରୁ ତଥା ଆକସ୍ମିକ ଦୁର୍ଘଟଣାର ଶିକାର ହେଉଥିବା ପ୍ରାଣୀମାନଙ୍କୁ ସଠିକ ସମୟରେ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦିଆଯିବ ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କୁ ଗୋଶାଳା ପ୍ରେରଣ କରାଯିବା ର ବ୍ୟବସ୍ଥା ମଧ୍ୟ କରାଯିବ। ଏହି ସେବା ୨ଟି ପର୍ଯ୍ୟାୟ ଯଥା ସକାଳ ୬ ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଓ ପୁଣି ଦିନ ୨ଟା ଠାରୁ ରାତି ୧୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ। ପ୍ରତ୍ୟେକ ପର୍ଯ୍ୟାୟରେ ଜଣେ ଡାକ୍ତର, ଜଣେ ପ୍ରାଣିଧନ ସହାୟକ, ଜଣେ ଆଟେଣ୍ଡାଣ୍ଟ ଓ ଜଣେ ଡ୍ରାଇଭର୍ ରହିବେ। ଏହି ସେବା କେବଳ ଯାଜପୁର ପୌରପାଳିକା ଅଞ୍ଚଳରେ ହିଁ ଉପଲବ୍ଧ ହେବ। ଏହି ସେବାର ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁବ୍ରତ ମହାପାତ୍ର, ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ପ୍ରାଣୀ କଲ୍ୟାଣ) ଡା. ଅନିରୁଦ୍ଧ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ( ରୋଗ ନିୟନ୍ତ୍ରଣ) ଡା. ସୁଶାନ୍ତ କୁମାର ବେହେରା, ଅତିରିକ୍ତ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ (ପ୍ରାଣୀ ପାଳନ) ଡା. ରଞ୍ଜିତ ସାହୁ, ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. ବିଜୟ କୁମାର ସାହୁ ଓ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମହାପାତ୍ର ଏହି ସେବାର ଭରପୁର ଲାଭ ଉଠାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ସେବା ପାଇବା ପାଇଁ ୧୯୬୨ ଟୋଲ ଫ୍ରି ନମ୍ବରକୁ ଯୋଗାଯୋଗ କରିପାରିବେ। ସେ ଆହୁରି ମଧ୍ୟ କହିଥିଲେ ଯେ ପ୍ରାଣୀ ମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଉଦ୍ଧାର କରିବା ପାଇଁ ଖୁବ୍‌ଶୀଘ୍ର ପୌରପାଳିକାକୁ ଏକ ପ୍ରାଣୀ ଉଦ୍ଧାରକାରୀ ଯାନ ଯୋଗାଇ ଦିଆଯିବ।

## ଜିଲ୍ଲାପାଳ ଅଫିସ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ



ଯାଜପୁର,୨୦।୧(ସମିସ): ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ଚାଷୀ ଓ କୃଷକ ନେତା। ଜିଲ୍ଲାରେ ଏ ଯାଏ ମଣ୍ଡି ଖୋଲି ନ ଥିବା ବେଳେ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା କୃଷକ ନେତା ଓ ଚାଷୀମାନେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥି ସହ ମଣ୍ଡିରେ ଝୋଟ ଅଖାରେ ଧାନ ଦେବା, ବିଭିନ୍ନ ମଣ୍ଡିରେ ଏଯାଏ ଧାନ ନ ଉଠିବା, ଟୋକନ ପରିମାଣ କମ କରିବା, କଟ୍‌ନୀ ଛଟ୍‌ନୀ ବନ୍ଦ କରିବା ଆଦି ଦାବି କରିଛନ୍ତି ଚାଷୀ। ଧାନ ଉଠାଇବାରେ ବିଳମ୍ବ କରୁଥିବାରୁ ଚାଷୀ ମାନେ ବାଧ୍ୟ ହୋଇ ଅଭାବି ବିକ୍ରିର ସାମ୍ନା ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ଚାଷୀ। ଏ ନେଇ ଚାଷୀ ମାନଙ୍କ ପକ୍ଷରୁ ଏକ ଲିଖିତ ଦାବିପତ୍ର ଜିଲ୍ଲାପାଳ ଙ୍କୁ ପ୍ରଦାନ କରାଯାଇଛି। ତୁରନ୍ତ ଦାବିପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି।

## ଛିନ୍‌ତାଇ ଘଟଣାରେ ଜଣେ କୋର୍ଟଚାଲାଣ



କୁଦ୍ଦଳ,୨୦।୧(ସମିସ): ବାଲିଚନ୍ଦ୍ରପୁର ପୁଲିସ ପକ୍ଷରୁ ଜଣେ ଲୁଟେରାକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ ରବିବାର ଛୁଟି ଦିନ ଥିବାରୁ ଓଲାଶୁଣୀ ଗୁମ୍ଫାମେଳାରେ ନାହିଁନଥିବା ଭିଡ଼ ଦେଖିବାକୁ ପଡ଼ିଥିଲା। ତେବେ ପୁଲିସ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ସହ ଡାକବାଜି ଯନ୍ତ୍ର ଯୋଗେ ପକେଟମାର ଓ ଲୁଟେରାଙ୍କ ପ୍ରତି ସଚେତନତା ରହିବା ପାଇଁ ଯାତ୍ରୀ ଓ ଶ୍ରଦ୍ଧାଳୁମାନଙ୍କୁ ସୂଚନା ଦିଆଯାଇଥିଲା। ଏହି ମେଳା ଦେଖିବା ପାଇଁ ଡେରାବିଶ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଧୀରେନ୍ଦ୍ର ମଲ୍ଲିକ ସପରିବାର ଆସିଥିଲେ। ମେଳା ପଡ଼ିଆରେ ବୁଲିବା ସମୟରେ ମାହାଙ୍ଗା ଥାନା କୁମୁଡ଼ା ଗ୍ରାମର ବାବୁଲା ଦାସଙ୍କ ପୁଅ ବବୁଲ ଦାସ ଶ୍ୟାମସୁନ୍ଦରଙ୍କ ସ୍ତ୍ରୀ କାନରୁ କାନଫୁଲ ଛଡ଼ାଇ ନେଇ ଭିଡ଼ ଭିତରକୁ ଦୌଡ଼ି ପଳାଇଥିଲା। ସେ ଚିତ୍କାର କରିବାରୁ ପାଖାପାଖି ଥିବା ପୁଲିସ ତା' ପଛରେ ଦୌଡ଼ି ତାକୁ କାବୁ କରି ମେଳା ପରିସରରେ ହୋଇଥିବା ଅସ୍ଥାୟୀ ପୁଲିସ ପୋଷ୍ଟକୁ ଆଣିଥିଲେ। ତାକୁ ପୁଲିସ ଯେତେ କହିଲେ ବି ସେ ସୁନା ଚୋରି କରିନାହିଁ ବୋଲି ସଫେଇ ଦେବା ପରେ ପୁଲିସ ତାର ଜିଭ ତଳୁ ସୁନା କାନଫୁଲ ଉଦ୍ଧାର କରି ବବୁଲକୁ ଗିରଫ କରିବା ସହିତ ମହିଳାଙ୍କୁ ତାଙ୍କ କାନଫୁଲ ଦେଇଥିଲେ। ବାଲିଚନ୍ଦ୍ରପୁର ପୁଲିସ ଏ ନେଇ ଯୁଏସ ୩୦୪(୨) ବିଏନ୍‌ଏସ ଦଫାରେ ଏକ ମାମଲା ରୁଜୁ କରି ତାକୁ କୋର୍ଟଚାଲାଣ କରିଥିବା ଥାନାଧିକାରୀ ସମରଜିତ୍ ନାୟକ କହିଛନ୍ତି।

## ପ୍ଲାଷ୍ଟିକ୍ ମୁକ୍ତ ସଚେତନତା କାର୍ଯ୍ୟକ୍ରମ



କୁଦ୍ଦଳ,୨୦।୧(ସମିସ): ରାଜ୍ୟ ସରକାରଙ୍କର ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ସହଯୋଗରେ ଓଲାଶୁଣୀ ମେଳାରେ ପ୍ଲାଷ୍ଟିକମୁକ୍ତ ବଣଭୋଜି ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପ୍ରଦୁଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁଙ୍କ ତତ୍ତ୍ୱାବଧାନରେ ସହପରିବେଶ ବିଜ୍ଞାନୀ ହିମାଂଶୁ ଶେଖର ସାହୁ, ସୌମ୍ୟରଞ୍ଜନ ସାହୁ ଓ ପରିଷଦର କର୍ମଚାରୀମାନେ, ଡାଳିଯୋଡ଼ା ଚଣ୍ଡିଖୋଲ ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ସୁବୁଧୀ, ଫରେଷ୍ଟର କୃଷ୍ଣଚନ୍ଦ୍ର ଟୁଡୁ, ବନକର୍ମଚାରୀ ମାନେ, ରାମକୋ ସିମେଣ୍ଟ ପ୍ରାଇଭେଟ ଲିମିଟେଡର ପ୍ରଭାସ କୁମାର ଦେଓ ତଥା କର୍ମଚାରୀ, ଜିଲ୍ଲା ପରିବେଶ ସମିତିର ସମ୍ପାଦକ ଡ.ଶରତ କୁମାର ସାହୁ ଓ ସଭ୍ୟ ମାନେ ବାଲିଚନ୍ଦ୍ରପୁର ଶିଶୁ ମନ୍ଦିରର ଗୁରୁଜୀ କ୍ଷେତ୍ରବାସୀ ଜେନା, ନରେନ୍ଦ୍ର ବରାଳ ଓ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ମେଳା ଯାତ୍ରୀ ଓ ବଣଭୋଜି ଆୟୋଜକମାନଙ୍କ ମଧ୍ୟରେ ବ୍ୟବହାର ପ୍ଲାଷ୍ଟିକ ବିରୋଧରେ ସଚେତନତା ସୃଷ୍ଟି କରିଥିଲେ। ବିଭିନ୍ନ ପ୍ରକାର ପ୍ଲାକାର୍ଡ ଓ ବ୍ୟାନର ଧରି ସେମାନେ ଏକକ ପ୍ଲାଷ୍ଟିକ ବିରୋଧରେ ସ୍ଲୋଗାନ ଦେଇ ସଚେତନତା କରିବା ସହ ମେଳା ପଡ଼ିଆରୁ ପ୍ଲାଷ୍ଟିକ ସହିତ ଅନ୍ୟାନ୍ୟ ଆବର୍ଜନା ସଫା କରିଥିଲେ। ପ୍ଲାଷ୍ଟିକ ମୁକ୍ତ ବଣଭୋଜି କରିବା ପାଇଁ ସଚେତନତା ସୃଷ୍ଟି ଜାରି ରଖିବାକୁ ଓ ଉକ୍ତ ଅଭିଯାନରେ ନିଜକୁ ସାମିଲ କରିବା ପାଇଁ ସମସ୍ତେ ପ୍ରତିଜ୍ଞା କରି ଶପଥ ପାଠ କରିଥିଲେ।

■ ବ୍ରାହ୍ମଣୀ ବ୍ରିଜ ଉପରେ ଦୁର୍ଘଟଣା

## କଲେଜ ଛାତ୍ରଙ୍କ ସମେତ ୨ ଗୁରୁତର

କବାଟବନ୍ଧ,୨୦।୧(ସମିସ): ଚଣ୍ଡିଖୋଲ - ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ବ୍ରିଜ ଉପରେ ଏକ ଦୁର୍ଘଟଣାରେ ୨ ଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତ ଦୁଇ ଯୁବକଙ୍କ ମଧ୍ୟରେ ଜଣେ ଯୁକ୍ତ ୩ ର ଛାତ୍ର ଥିବା ଜଣାପଡ଼ିଛି। ଆହତ ଯୁବକ ଦ୍ୱୟ ସ୍ଥାନୀୟ ଜେନାପୁର ଥାନା ଅନ୍ତର୍ଗତ ଚକ୍ରଧରପୁର ଏବଂ ତାଳଜଙ୍ଗ ପଞ୍ଚାୟତର ବୋଲି ସୂଚନା ମିଳିଛି। ଖବର ଅନୁସାରେ ତାଳଜଙ୍ଗ ପଞ୍ଚାୟତ ବଳରାମପୁର ତଳଗଡ଼ ଗ୍ରାମର ସ୍ୱର୍ଗତ ହଗୁରି ମଳିକଙ୍କ ପୁଅ ରାଜୁ ମଳିକ ଏବଂ ଚକ୍ରଧରପୁର ପଞ୍ଚାୟତ ନୂଆଗଡ଼ ଗ୍ରାମର ଦିଲ୍ଲୀପ ବେହେରାଙ୍କ ପୁଅ ଭୀମସେନ ବେହେରା ଉଭୟ କ୍ରିକେଟ ଖେଳିବା ପାଇଁ ସୁକିନ୍ଦା ଯାଇଥିଲେ। ସନ୍ଧ୍ୟା ସମୟରେ ଫେରିବା ବେଳେ ବ୍ରାହ୍ମଣୀ ବ୍ରିଜ ଉପରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲେ। ଧକ୍କା ଦେଇଥିବା ଗାଡ଼ିର କୌଣସି ଖବର ମିଳି ପାରିନାହିଁ। ତେବେ ଦୁର୍ଘଟଣାରେ ଆହତ ଉଭୟ ଗୁରୁତର ହେବାରୁ ତାଙ୍କୁ କଟକ ମେଡ଼ିକାଲ ସ୍ଥାନାନ୍ତରିତ କରାଯାଇଛି। ଉଭୟ ଆହତଙ୍କ ଗୋଡ଼ରେ ଗାଡ଼ି ଚଢ଼ି ଯାଇଥିବା କାରଣରୁ ଜଣଙ୍କର ପାଦ ଆଙ୍ଗୁଠି ଛିଡ଼ି ଯାଇ ଗୋଡ଼ ଭାଙ୍ଗିଛି ଏବଂ ଅନ୍ୟ ଜଣଙ୍କର ଗୋଡ଼ ମଧ୍ୟ ଭାଙ୍ଗିଛି। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମେଡ଼ିକାଲକୁ ପଠାଇଥିଲେ। ଭୀମସେନ ସ୍ଥାନୀୟ କଲେଜରେ ଯୁକ୍ତ ୩ର ଦ୍ୱିତୀୟ ବର୍ଷର ଛାତ୍ର ବୋଲି ଜଣାପଡିଛି।

## ଗୋଚାଲାଣ ପ୍ରତିବାଦରେ ଥାନା ସମ୍ମୁଖରେ ଧାରଣା



ବରୁଆଁ,୨୦।୧(ସମିସ): ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଯାଜପୁର ଜିଲ୍ଲା ଶାଖା ତରଫରୁ ଜିଲ୍ଲା ଗୋରକ୍ଷକ ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ ଓ ଗୌତମ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଯାଜପୁର ସଦର ଥାନା ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉକି ରାଜ୍ୟର ବିଭିନ୍ନ ଥାନାରେ ଅଭିଯୋଗ ଯୋଗୁ ଗତ ଶନିବାର କେନ୍ଦୁଝର ପୁଲିସ ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ପଞ୍ଚାୟତ ପାଣ୍ଡିଆ ଗୋପିନାଥପୁର ଗ୍ରାମର ଏକ ବଡ଼ ଗୋମାଫିଆ ଶେଖ୍ ସରିଫ୍‌ର ଘର ଉପରେ ଚଢ଼ଉ କରିଥିଲା। ସଦର ଥାନାଠାରୁ ମାତ୍ର ଏକ କିଲୋମିଟର ଦୂରରେ ଏକ ବଡ଼ଧରଣର ଗୋଚାଲାଣ ଓ ଗୋମାଂସ ଚାଲାଣ ମାଫିଆ ନିଜର କଳେବର ବୃଦ୍ଧି କରିଚାଲିଛି। ସୁଦୂର କେନ୍ଦୁଝର ପୁଲିସ ଆସି ଧରୁଛି, ହେଲେ ସଦର ପୁଲିସ ସବୁ ଜାଣି ଅଜଣା। ଏହାର ପ୍ରତିବାଦରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ମାନେ ଗୋମାଂସ ଓ ଗୋଚାଲାଣକୁ ଘଣ୍ଟ ଘୋଡ଼େଇ ରଖିଥିବା ସଦର ପୁଲିସ ବିରୋଧରେ ନାରାବାଜି କରିଥିଲେ। ବେଆଇନ ଗୋଚାଲାଣ ଓ ମାଂସ ଚାଲାଣକୁ ରୋକିବାରେ ସଦର ପୁଲିସ ଏକ ପ୍ରକାର ବିଫଳ ହୋଇପଡିଛି। ସଂଗଠନ ତରଫରୁ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଏ ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବାହାର ଜିଲ୍ଲା ପୁଲିସ ଆସି ସ୍ଥାନୀୟ ଅଞ୍ଚଳର ମାଫିଆଙ୍କୁ ଧରି ନେଇ ଯାଉଛି ହେଲେ ସଦର ପୁଲିସ ଏଠି ନୀରବଦ୍ରଷ୍ଟା ସାଜିଛି। ଏହାର କାରଣ କ'ଣ କିଛି ଜଣାପଡୁନାହିଁ। ଖବର ପାଇ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଧାରଣାସ୍ଥଳରେ ପହଞ୍ଚି ଏକ ତିନି ଦଫା ଦାବିପତ୍ର ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟତଃ ଜିଲ୍ଲାରେ ଥିବା ଗୋମାଫିଆମାନଙ୍କୁ ଚିହ୍ନଟ କରି ଏମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।

## ସାଂସଦଙ୍କ ପ୍ରତିନିଧି ନିଯୁକ୍ତ

ଯାଜପୁର,୨୦।୧(ସମିସ): ଯାଜପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଦକ୍ଷତା ବିକାଶ ଓ ସଶକ୍ତୀକରଣ ଯୋଜନାର ସଫଳ କାର୍ଯ୍ୟକାରୀ ଓ ତଦାରଖ କରିବା ପାଇଁ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଝାଲପଡ଼ା ଗ୍ରାମର ଯୁବ ଉଦ୍ୟୋଗୀ ଅଶୋକ କୁମାର ଓଝାଙ୍କୁ ପ୍ରତିନିଧି ଭାବେ ନିଯୁକ୍ତ କରିଛନ୍ତି। ଶ୍ରୀ ଓଝା ଯାଜପୁର ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନାର ସଠିକ୍ ପରିଚାଳନା କରିବା ସହିତ ସମୀକ୍ଷା କରିବେ ବୋଲି ସାଂସଦ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି। ଆଗାମୀ ଦିନରେ ଜିଲ୍ଲାରେ ବିଭିନ୍ନ ନିଯୁକ୍ତି ମେଳା ଆୟୋଜନ ସହିତ ବେକାର ଯୁବକମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସେ ଚେଷ୍ଟା କରିବେ ବୋଲି ଶ୍ରୀ ଓଝା ସୂଚନା ଦେବା ସହିତ ଏଥିପାଇଁ ସେ ଯାଜପୁର ସାଂସଦଙ୍କୁ ନିଜର କୃତଜ୍ଞତା ଅର୍ପଣ କରିଛନ୍ତି।

## ପିଲର ତଳୁ ଖୋଳା ହେଉଛି ବାଲି

# ବିପଦରେ କୟାଁଗୋଲା ସେତୁ

କୟାଁଗୋଲା,୨୦।୧(ସମିସ)



ଦଶରଥପୁର ବ୍ଲକ କୟାଁଗୋଲା ଛକ ଠାରେ ବୈତରଣୀ ନଦୀରେ ବହୁ ବର୍ଷରୁ ନିର୍ମାଣ ହୋଇଥିବା ସେତୁଟି ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହି ସେତୁଟି ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଛି। ପ୍ରତ୍ୟେକ ଦିନ ହଜାର ହଜାର ଜନସାଧାରଣ ଓ ବହୁ ସଂଖ୍ୟାରେ ବିଭିନ୍ନ ପ୍ରକାର ଗାଡ଼ି ମୋଟର ଏଥିରେ ଯାତାୟାତ କରିଥାନ୍ତି। ଭଦ୍ରକ ଆରଡ଼ି ସ୍ଥିତ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ମଧ୍ୟ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ଏହି ସେତୁ ମଧ୍ୟ ଦେଇ ଯାଇଥାନ୍ତି। ପରିତାପର ବିଷୟ ସେତୁଟିର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇ ଅସୁରକ୍ଷିତ ଅବସ୍ଥାରେ ପଡ଼ି ରହିଛି। ତଳେଇ ଫାଟି ବହୁ ସ୍ଥାନରେ ଲୁହାଛଡ଼ ପଦାକୁ ବାହାରିଛି। ସେତୁ ବାଡ଼ା ଭାଙ୍ଗି ଗଲାଣି। କେତୋଟି ପିଲର ଦବି ଯିବାରୁ ପୋଲ ଛାତ ସଂଯୋଗ ହୋଇଥିବା ସ୍ଥାନରେ ଉଚ୍ଚାନିଚ୍ଚା ହୋଇଛି। ସଂଯୋଗୀ କରଣ ରାସ୍ତା ଏବଂ ସେତୁ ପ୍ରାୟ ଏକ ଫୁଟ ଉଚ୍ଚା ନିଚ୍ଚା ରହିଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଉଛି। ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ସୂଚନା ଅନୁଯାଇ ବାରମ୍ବାର ପ୍ରଶାସନ ନିକଟରେ ଅଞ୍ଚଳବାସୀ ଅଭିଯୋଗ କରାଯିବା ପରେ ସ୍ଥାନୀୟ ଠିକାଦାର କିଛି ଫଟା ସ୍ଥାନରେ ସିମେଣ୍ଟ ଚୂନ ଲଗାଇ ଜନସାଧାରଣଙ୍କୁ ଭୁଆଁ ବୁଲାଉଛନ୍ତି। ଏହାଛଡା ପୋଲ ନିକଟରୁ ସ୍ଥାନୀୟ ବାଲି ମାଫିଆ ମାନେ ପ୍ରତିଦିନ ପ୍ରାୟ ୨୦/୨୫ ଟ୍ରିପ୍ ବାଲି ଉଠାଣ କରି ଚୋରାଚାଲାଣ କରୁଛନ୍ତି। ଏହାଦ୍ୱାରା ସେତୁର ଖମ୍ବ ଉପରେ ଏହାର ପ୍ରଭାବ ପଡୁଛି ବୋଲି ଅଞ୍ଚଳବାସୀ କହିଥାନ୍ତି। ଏହି ବୈତରଣୀ ପୋଲକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ବାରମ୍ବାର ପରିଦର୍ଶନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଅଞ୍ଚଳବାସୀ କହିଥାନ୍ତି। ଏଥିପ୍ରତି ଦୃଷ୍ଟି ନଦେଲେ କେତେବେଳେ ବି ବିପଦ ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହୋଇଛି।

## ପ୍ରାଥମିକ ଶିକ୍ଷକ ଫେଡେରେସନର ପ୍ରାକ୍ତନ ମହାସଚିବଙ୍କ ପରଲୋକ

ପ୍ରୀତିପୁର,୨୦।୧(ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ପ୍ରାକ୍ତନ ମହାସଚିବ ସଚ୍ଚିଦାନନ୍ଦ ରାଉତରାୟଙ୍କ ବିୟୋଗରେ ଫେଡେରେସନର ବିଞ୍ଝାରପୁର ବ୍ଲକ ଶାଖା ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରାକ୍ତନ ଶିକ୍ଷକ ନେତା କୃଷ୍ଣଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ବିଞ୍ଝାରପୁର ବ୍ଲକ ଶାଖା ପୂର୍ବତନ ସଭାପତି ବିଜୟ କୁମାର ନାୟକ, ବର୍ତ୍ତମାନ ସଭାପତି ରବିନାରାୟଣ ମହାନ୍ତି, ଉପସଭାପତି ରତନଲାଲ ଭୂୟାଁ, ସୁଧାଂସୁ ମହାନ୍ତି, ନିରଞ୍ଜନ ଦାସ, ସାମସୁଦ୍ଦିନ ସେଖ, ସମ୍ପାଦକ ସୁବାସ ନାୟକ, ଆଶାଦୁଲ୍ଲା ଖାଁ ବିକ୍ରମ ସାହୁ, ଲଳିତ ମୋହନ ସାମଲ,ସାଧୁଚରଣ ସାମଲ, ବୈଷ୍ଣବ ଚରଣ ଜେନା, ଶରତ ଚନ୍ଦ୍ର ଜେନାଙ୍କ ସମେତ ବହୁ ଶିକ୍ଷକ ନେତାମାନେ ଏହି ଶୋକସଭାରେ ସାମିଲ ହୋଇଥିଲେ।

## ବାଡୁଣିଆରେ ମକର ଉତ୍ସବ



ବିଶୋଇ,୨୦।୧(ସମିସ) : ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତି ଉପଲକ୍ଷେ ବିଶୋଇ ବ୍ଲକ ଖଡ଼ମବେଡ଼ା ପଞ୍ଚାୟତର ବାଡୁଣିଆ ଗ୍ରାମ କଲୋନୀସାହିରେ ବାବା ବିଶ୍ୱକର୍ମା କ୍ଲବ୍ ଆନୁକୂଲ୍ୟରେ ମକର ଧାମାକା-୨୦୨୬ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଉଭୟ ବାଳକ/ବାଳିକା ଓ ମହିଳା/ପୁରୁଷ ବିଭାଗର ବିଭିନ୍ନ ପ୍ରକାର ଆକର୍ଷଣୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ପାରମ୍ପରିକ ଲାଗଣେ ଏନେଜ ନୃତ୍ୟ ପ୍ରତିଯୋଗିତା ଉତ୍ସବ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ପାରମ୍ପରିକ ବାଦ୍ୟର ତାଳେତାଳେ ଯୁବତୀ ଓ ମହିଳା ପାରମ୍ପରିକ ପୋଷାକ ପରିଧାନ କରି ହାତକୁ ହାତ ଛନ୍ଦି ମକର ଗୀତରେ ନାଚି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅତିଥି ଭାବେ ଖଡ଼ମବେଡ଼ା ପଞ୍ଚାୟତ ସମିତି ସଦସ୍ୟା ବାସନ୍ତୀ ହାଁସଦା, ବିଶୋଇ ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ଯୁବ ବିଜେଡି ନେତା ସୁନୀଲ ମହାପାତ୍ର, ସମାଜସେବୀ ସୁରାଇ ହାଁସଦା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଯାପନୀ ଦିବସରେ ରାତ୍ରି ମନୋରଞ୍ଜନ ନିମନ୍ତେ କ୍ଲବ୍ ପକ୍ଷରୁ ମାଗଣା ସାନ୍ତାଳୀ ଯାତ୍ରା ଆୟୋଜନ କରାଯାଇଥିଲା। ଭଞ୍ଜ ମାହାଲି, କ୍ଲବ୍ ସଭାପତି ବୁଡାନ ମାହାଲି, ସମ୍ପାଦକ ରୁଟିଆ ନାଏକ, କୋଷାଧ୍ୟକ୍ଷ କାହ୍ନୁରାମ ମାହାଲି, ସୁକେଶ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଖିଳ ଉତ୍କଳ ମୋହରିର ଦିବସ ପାଳିତ

ବାରିପଦା, ୨୦।୧(ସମିସ): ବାରିପଦା ମୋହରିର ସଂଘ ତରଫରୁ ନିଖିଳ ଉତ୍କଳ ମୋହରିର ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଚତୁର୍ଭୁଜ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ମୋହରିର ସଂଘ ସଭାପତି ଶରତ ନାୟକ ଯୋଗଦେଇ ମୋହରିରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଅବଗତ କରିବା ସହ ମୋହରୀର ଦିବସ ପାଳନ ସମ୍ବଧରେ ଆଲୋଚନା



କରିଥିଲେ। ସଂଘର ସମ୍ପାଦକ ସଂଗ୍ରାମ ଶତପଥି ମୋହରିର ଙ୍କ ଦୈନ୍ୟନ୍ଦିନ କାର୍ଯ୍ୟରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବରିଷ୍ଠ ମୋହରୀର ଶତ୍ରୁଘ୍ନ ପ୍ରଧାନ, ଲକ୍ଷ୍ମୀଧର ମହାନ୍ତି, ସନ୍ତୋଷ ସାହୁ, ଅମିନ ମହାନ୍ତ ମୋହରିର ଦିବସ ପାଳନ ବିଷୟରେ ନିଜନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିବେକା ନନ୍ଦ ସାହୁ, ତ୍ରିଲୋଚନ କମିଳା, ପ୍ରଶାନ୍ତ କୁମାର ନାଏକ ପ୍ରମୁଖ ଶତାଧିକ ମୋହରିର କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ, କୋଷାଧ୍ୟକ୍ଷ ପୀତାମ୍ବର ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଠାକୁରମୁଣ୍ଡାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମହୁଲଡିହା,୨୦।୧(ସମିସ): ଠାକୁରମୁଣ୍ଡା ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ସକାଳ ୧୦ଟାରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କୁ ଘର ପାଖରେ ଚିହ୍ନଟ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା ଖୁବ ଯୁଗାନ୍ତକାରୀ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତ, ବିଇଓ କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୬୫୪ ଜଣ ପଞ୍ଜୀକରଣ କରିଥିଲେ। ୩୩୯ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାବେଳେ୧୨୦ ଜଣଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି। ବାଣୀଶ୍ରୀ ବୃତ୍ତି ପାଇଁ ୭ ଜଣ, ଡିଆରଆଇ ଋଣ ୯ ଜଣଙ୍କୁ ମଞ୍ଜୁର କରାଯାଇଥିଲା। ସେହିପରି ୮୦ ଜଣଙ୍କୁ ଆବାସ ଗୃହ, କୌଶଳ ବିକାଶ ତାଲିମ ପାଇଁ ୨ ଜଣଙ୍କ ଆବେଦନ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଡାକ୍ତର ବି. ଜ୍ୟୋତିଷୀ, ଦୀପକ ନାୟକ, ଜେ.ଏସ. ପ୍ରଧାନ, ଚୁନୁରାମ ସୋରେନ, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗଙ୍କୁ ଚିହ୍ନଟ, ପରୀକ୍ଷା କରିଥିଲେ।

## ସାନ୍ତାଳୀ ସମ୍ପ୍ରଦାୟର ନିଆଁ ମଡ଼ା ପର୍ବ



ରାଇରଙ୍ଗପୁର,୨୦।୧(ସମିସ): ଆଦିବାସି ସମ୍ପ୍ରଦାୟର ନିଆରା ନିଆଁ ମଡ଼ା ପର୍ବ ଅନୁଷ୍ଠିତ ହୋଇଛି। ଯେଉଁଥିରେ କି ଲୋକମାନେ ନିଆଁରେ ମାଡ଼ି ଚାଲିଥା'ନ୍ତି। ଜାମଦା ବ୍ଲକ୍ ଅନ୍ତର୍ଗତ ବେଲପୋଷିଠାରେ ସାନ୍ତାଳୀ ସମ୍ପ୍ରଦାୟର ନିଆରା ନିଆଁ ମଡ଼ା ବା ଖନ୍ଦା ମଡ଼ା ପର୍ବ ଅନୁଷ୍ଠିତ ହୋଇଛି। ଯାହାକୁ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା। ପ୍ରତ୍ୟେକ ବର୍ଷ ଜାନୁଆରୀ ୨୦ ତାରିଖରେ ଏହି ନିଆଁମଡା ଉତ୍ସବ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ପାଳନ କରିଥା'ନ୍ତି। ବେଲପୋଷି ଗ୍ରାମରେ ଦୁଇତିନି ଦିନ ଧରି ସାନ୍ତାଳୀ ସମ୍ପ୍ରଦାୟ 'ସେଙ୍ଗେଲ ଲେବେଦ' ବା ନିଆଁ ମଡ଼ା ପର୍ବ ପାଳନ କରିଥା'ନ୍ତି। ଦୀର୍ଘ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ନିଆଁ ମଡ଼ା ପର୍ବରେ ନିଆଁର ଅଙ୍ଗରା ଉପରେ ଚାଲିଲେ ରୋଗ ବ୍ୟାଧି ଓ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଶ୍ୱାସ ରହିଛି। ଏ ପରିପ୍ରେକ୍ଷୀରେ ମାନସିକଧାରୀ ଭକ୍ତ ଓ ଶ୍ରଦ୍ଧାଳୁ ଏହି ନିଆଁ ଉପରେ ଭକ୍ତି ସହକାରେ ଖାଲି ପାଦରେ ପ୍ରଦକ୍ଷଣ କରି ପୂଜାବିଧି ସମ୍ପନ୍ନ କରିଥା'ନ୍ତି।

### ଅଫିମ ଚାଷୀଙ୍କ ପେଣ୍ଠସ୍ଥଳୀ ସାଜିଛି ଶିମିଳିପାଳ

# ବାରମ୍ବାର ଚଢ଼ଉ ପରେ ବି ପଡୁନି ପ୍ରଭାବ

ରାଇରଙ୍ଗପୁର,୨୦।୧(ସମିସ):



ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଥିବାବେଳେ ଯୁବଗୋଷ୍ଠୀ ଏହାର କବଳିତ ହେବାରେ ଲାଗିଛନ୍ତି। ନିଶା କାରବାରର ପ୍ରଥମ ପାଦ ଶିମିଳିପାଳ ଅଭୟାରଣ୍ୟରୁ ଆରମ୍ଭ ହେଉଛି। ଅବୈଧ ଭାବେ ଅଫିମ ଚାଷ ନିମନ୍ତେ ଶିମିଳିପାଳ ଅଭୟାରଣ୍ୟ ପେଣ୍ଠସ୍ଥଳ ସାଜିଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଏକର

### ଜୀବନଜୀବିକା ନିର୍ବାହ ପାଇଁ ମିଳୁନି କି ଅନ୍ୟ ମାଧ୍ୟମ

ଏକର ଚାଷଜମିରେ ନିଶା ମାଫିଆ ଏବେ ନିଜର ଆଧିପତ୍ୟ ବିସ୍ତାର କରିଛନ୍ତି। ଜଙ୍ଗଲ ମଧ୍ୟରେ ଥିବାରୁ ଲୋକଲୋଚନକୁ ଆସୁ ନ ଥିବାରୁ ମାଫିଆମାନେ ନିରୀହ ଗ୍ରାମବାସୀଙ୍କୁ ହାତବାରିସି କରି ଶିମିଳିପାଳ ଅଭୟାରଣ୍ୟକୁ ନିଶା ଚାଷ ଆ‡ାସ୍ଥଳୀ ବନେଇଛନ୍ତି। ଶିମିଳିପାଳ ଓ ଏହା ପାଦଦେଶରେ ବେଧଡକ ଭାବେ ଅଫିମ ଚାଷ କରୁଛନ୍ତି। ଶିମିଳିପାଳ ଜାତୀୟ ଉଦ୍ୟାନ ଓ ଟାଇଗର ରିଜର୍ଭ ଅଞ୍ଚଳରେ ଅବୈଧ ଅଫିମ ଚାଷ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ବାରମ୍ବାର ଚଢ଼ଉ ପ୍ରକ୍ରିୟା ପରେ ବି କାହିଁକି ଅବୈଧ ଚାଷ ହେଉଛି, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଜନସାଧାରଣ ଜୀବନଜୀବିକା ନିମନ୍ତେ ଅନ୍ୟ କିଛି ମାଧ୍ୟମ ନ ପାଇ ଏହି ଚାଷ କରୁଛନ୍ତି ନା, ସଚେତନତାର ଅଭାବ ରହିଛି।

ଗତ ୨୦୨୩ରେ ଶିମିଳିପାଳ ଅଭୟାରଣ୍ୟରେ ଶିକାରୀ ଗୁଳିରେ ଦୁଇଜଣ ବନ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ତା'ପରଠୁ ଶିମିଳିପାଳ ଅଞ୍ଚଳରେ ବନ ବିଭାଗ ଓ ପୁଲିସ ମିଳିତ ଭାବେ ପାଟ୍ରୋଲିଂ ଜୋରଦାର ଆରମ୍ଭ ହୋଇଥିଲା। ଇତିମଧ୍ୟରେ ନିଶା ମାଫିଆ ଅଫିମ, ଗଞ୍ଜେଇ ଆଦି ନିଶାଦ୍ରବ୍ୟ ଚାଷ କରିବା ପାଇଁ ଶିମିଳିପାଳକୁ ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଛନ୍ତି। ଦେଶର ଅତ୍ୟନ୍ତ ସୁରକ୍ଷିତ ଜୈବ ବିବିଧତା ଅଞ୍ଚଳ ହେବା ସତ୍ତ୍ୱେ ଶିମିଳିପାଳ ଏବେ ଅଫିମ ଚାଷର ମୁଖ୍ୟ ହଟସ୍ପଟ ଭାବେ ଚିହ୍ନଟ ହୋଇଛି। ଯେଉଁଠି ଅବାଧରେ ଏକର ଏକର ଜଙ୍ଗଲ ଜମିରେ ଅଫିମ ଚାଷ ହେଉଛି। ୨୦୨୪ ଓ ୨୦୨୫ରେ ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଏକର ଏକର ଜମିରେ ପ୍ରାୟ ୩୦ କୋଟି ଟଙ୍କାର ଅଫିମ ଚାଷ ହୋଇଥିଲା। ପୁଲିସ, ଅବକାରୀ ଓ ବନ ବିଭାଗ ମିଳିତ ଭାବେ ଚଢ଼ଉ କରି ନଷ୍ଟ କରିଥିଲେ। ପୁଣି ଅବୈଧ ଅଫିମ ଚାଷ ଖବର ପାଇ ପ୍ରାୟ ୭୬ ହଜାରରୁ ଅଧିକ ଗଛ ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ କୋଟି ହେବ ବୋଲି ଆକଳନ କରାଯାଇଛି।

ଯଶିପୁର ଥାନା ଅଧୀନ ଗୋପୀନାଥପୁର ପଞ୍ଚାୟତ ଅସ୍ତକୁଆଁରୀ ଅଞ୍ଚଳରେ ଅବୈଧ ଭାବେ ଅଫିମ (ପୋପି) ଚାଷ ହୋଇଥିଲା। ଯାହା ବିରୋଧରେ ପୁଲିସ ପକ୍ଷରୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ପୋଲିସ, ବନ ବିଭାଗ ଓ ଅବକାରୀ ବିଭାଗର ସଂଯୁକ୍ତ ଟିମ୍ ଯଶିପୁର ତହସିଲଦାରଙ୍କ ଉପସ୍ଥିତିରେ ପୁଣି ନଷ୍ଟ କରିଛନ୍ତି। ସେଠାରେ ପ୍ରାୟ ୯୦ ଡେସିମିଲ ଜମିରେ ଚାଷ ହୋଇଥିବା ୭୬,୩୫୦ଟି ଅଫିମ ଗଛ ଉପଡ଼ା ଯାଇଥିଲା। ସେହିପରି ଅନ୍ୟ ଏକ ସ୍ଥାନରେ ୧୯ ଡେସିମିଲ ଜମିରେ ଚାଷ ହୋଇଥିବା ୧୯,୫୦୦ଟି ଅଫିମ ଗଛ ନଷ୍ଟ କରାଯାଇଛି। ଯାହାର ମୂଲ୍ୟ ପ୍ରାୟ ୩୯ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ଉକ୍ତ ଘଟଣା ନେଇ ସମ୍ପୃକ୍ତଙ୍କ ବିରୁଦ୍ଧରେ ଏନଡିପିଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଉଛି। ଏହାପରେ ମଧ୍ୟ ଅବୈଧ ଅଫିମ ଚାଷ ଥମିବାରେ ନାମ ନେଉନି। ଏଭଳି ଅବୈଧ କାର୍ଯ୍ୟକଳାପ ଶିମିଳିପାଳ ସୁରକ୍ଷା, ବନ୍ୟଜନ୍ତୁ ଓ ପରିବେଶ ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ବ୍ୟାପକ ଜନସଚେତନତା ଅଭାବ କିମ୍ବା ଜୀବନଜୀବିକା ନିର୍ବାହ ପାଇଁ ଲୋକେ ଅନ୍ୟକୌଣସି ମାଧ୍ୟମ ନ ପକାଇ ସେମାନେ ଅଫିମ ଚାଷକୁ ହିଁ ଏକମାତ୍ର ମାଧ୍ୟମ ଭାବେ ଆପଣେଇ ନେଉଛନ୍ତି। ଏହାକୁ ରୋକିବା ପାଇଁ ଏଥିପ୍ରତି ଗୁରୁତର ଭାବେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଏ ନେଇ ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନାଙ୍କୁ ପଚାରିବାରୁ ଯଶିପୁର ଥାନା ଅଧୀନସ୍ଥ ଅଞ୍ଚଳରେ ଏହି ଅଫିମ ଚାଷ ହେଉଥିବା ବାରମ୍ବାର ନଜର ଆସୁଛି। ତେବେ ବନ ବିଭାଗ, ଅବକାରୀ ବିଭାଗ ଓ ପୁଲିସ ଏଥିପ୍ରତି କଡ଼ା ନଜର ରଖିଛନ୍ତି। ପୂର୍ବରୁ ମଧ୍ୟ ବିପୁଳ ପରିମାଣରେ ଅଫିମ ଚାଷ ନଷ୍ଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସତ୍ତ୍ୱେ ପୁଣି ଚାଷ କରୁଛନ୍ତି। ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆଗକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଭୀମକୁଣ୍ଡର ସ୍ୱାତୀଘାଟରେ ମେଳା ଓ ଅସ୍ଥି ବିସର୍ଜନ



ମହୁଲଡିହା/ଠାକୁରମୁଣ୍ଡା,୨୦।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭୀମକୁଣ୍ଡ ନିକଟରେ ଥିବା ପବିତ୍ର ବୈତରଣୀ ନଦୀର ସ୍ୱାତୀଘାଟରେ ସାନ୍ତାଳ ସମ୍ପ୍ରଦାୟର (ଦାମୋଦର ଯାତ୍ରା) ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅସ୍ଥି ବିସର୍ଜନ ମେଳାକୁ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ବାଲେଶ୍ୱର, ଭଦ୍ରକ, ପଡୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ଆସି ଠାକୁରମୁଣ୍ଡା ବୈତରଣୀ ନଦୀର ଭୀମକୁଣ୍ଡର ସ୍ୱାତିଘାଟରେ ଅସ୍ଥି ବିସର୍ଜନ କରିଥିଲେ। ମେଳାରେ ପ୍ରାୟ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।

ସାନ୍ତାଳ ସମ୍ପ୍ରଦାୟରର ପ୍ରଥା ଅନୁଯାୟୀ ମକର ସଂକ୍ରାନ୍ତି ପରେ ଆଦିବାସୀ ସଂପ୍ରଦାୟର ପାରମ୍ପରିକ ଅସ୍ଥି ବିସର୍ଜନ ସହ ପିଣ୍ଡଦାନ ଓ ଶ୍ରାଦ୍ଧ କର୍ମକୁ ଦାମୋଦର ଯାତ୍ରା କହିଥା'ନ୍ତି। ପରିବାରରେ ମୃତ ବ୍ୟକ୍ତିଙ୍କ ଶେଷକୃତ୍ୟ ପରେ ତାଙ୍କ ଅସ୍ଥିକୁ ଏକ ଗଛ ମୂଳରେ ମାଟି ତଳେ ପୋତି ରଖିଥା'ନ୍ତି। ନିର୍ଦ୍ଧାରିତ ଅସ୍ଥି ବିସର୍ଜନ ଦିନର ପୂର୍ବ ଦିନରୁ ପୋତି ରଖିଥିବା ଅସ୍ଥିକୁ ପରିବାର ସଦସ୍ୟଙ୍କ ଦ୍ୱାରା ବିଧି ଅନୁଯାୟୀ ବାହାର କରାଯାଇଥାଏ। ଅସ୍ଥି ବିସର୍ଜନ ଦିନ ଅସ୍ଥିକୁ ଏକ ହଳଦୀ ବଳା କନାରେ ଗୋଡ଼ାଇ ପରିବାରର ଜଣେ ସଦସ୍ୟଙ୍କ ବେକରେ କିମ୍ବା ଅଣ୍ଟାରେ ବାନ୍ଧି ପରିବାର ଓ ବନ୍ଧୁ ବାନ୍ଧବଙ୍କ ଗହଣରେ ଅସ୍ଥି ବିସର୍ଜନ କରିବାକୁ ଆସିଥା'ନ୍ତି। ଆସିବା ବେଳେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ କରି ଅସ୍ଥି ବିସର୍ଜନ ସ୍ଥଳୀରେ ପହଞ୍ଚି ବୈତରଣୀ ନଦୀ କୂଳରେ ଥିବା ବାଲିରେ ମଣ୍ଡପ କରି ବିଧି ଅନୁଯାଇ ପୂଜା କରିବା ପରେ ନଦୀ ପାଣିରେ ଅସ୍ଥିକୁ ବିସର୍ଜନ କରିଥାନ୍ତି। ପରେ ସେଠାରେ ଥିବା ମାରାଂ ବୁରୁ ମନ୍ଦିରକୁ ଯାଇ ପୂଜା କରିଥାନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମାଜିଷ୍ଟ୍ରେଟ ସମ୍ବିତ କୁମାର କରଙ୍କ ନେତୃତ୍ୱରେ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ, ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ, ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳେଇ ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇ ଶାନ୍ତିଶୃଙ୍ଖଳା ସହିତ ଦାମୋଦର ମେଳା ସମାପନ ହୋଇଥିଲା।

### ■ ଟୁସୁ ମେଳାରେ ଗଣ୍ଡଗୋଳ ଓ ଭଙ୍ଗାରୁଜା

## ଅସାମାଜିକଙ୍କ ନାମରେ ଥାନାରେ ମାମଲା ରୁଜୁ

ରାଇରଙ୍ଗପୁର,୨୦।୧(ସମିସ): ରାଇରଙ୍ଗପୁରସ୍ଥ ବ୍ଲକ୍ ପଡ଼ିଆରେ ଆୟୋଜିତ ଟୁସୁ ମେଳାରେ ଗଣ୍ଡଗୋଳ ଓ ଭଙ୍ଗାରୁଜା ଘଟଣାକୁ ନେଇ ଅସାମାଜିକଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି। ଗୋଳମୁଣ୍ଡାର ଲାଇଟ ଓ ସାଉଣ୍ଡ ମାଲିକ ବିଶ୍ୱଜିତ ବେହେରାଙ୍କ ଅଭିଯୋଗକ୍ରମେ ରାଇରଙ୍ଗପୁର ଟାଉନ ଥାନାରେ ମାମଲା ରୁଜୁ କରାଯାଇଛି। ବ୍ଲକ ପଡ଼ିଆରେ ଟୁସୁ ମେଳା ହେଉଥିବାବେଳେ ସମାଗମ ହୋଇଥିଲା। କିଛି ଅସାମାଜିକ ବ୍ୟକ୍ତି ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଥିଲେ। ଟୁସୁ ମେଳା ପ୍ୟାଣ୍ଡେଲକୁ ଭଙ୍ଗାରୁଜା କରିଥିଲେ। କମିଟି ସଦସ୍ୟ ଓ ଅନ୍ୟମାନେ ଅଟକାଇ ଥିବାବେଳେ ଗଣ୍ଡଗୋଳ ସୂତ୍ରପାତ ହୋଇଥିଲେ। ଯୁବକମାନେ ପ୍ୟାଣ୍ଡେଲରେ ଥିବା ବିଭିନ୍ନ ଲାଇଟ ଓ ବାଦ୍ୟଯନ୍ତ୍ର ଭଙ୍ଗାରୁଜ କରିଥିଲେ। ଯାହାର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ। ଏ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକ୍ରମେ ପୁଲିସ ପକ୍ଷରୁ ଉତ୍ତେଜନାକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ସେମାନେ ହେଲେ ରାଇରଙ୍ଗପୁର ଅଞ୍ଚଳର ରୋକି ମୁଖୀ, ନିଲୁ ବେହେରା, ଅମର ବେହେରା, ଆଲୁ, ସୋନୁ ବେହେରା, ଦିଜେ, ବାସୀ ବେହେରା ସମେତ ଅନ୍ୟ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରାଯାଇଛି।

### ● ଦୁଇ ଶିଶୁକନ୍ୟାଙ୍କୁ ଜନ୍ମଦେଇ ଆଖି ବୁଜିଲେ ମାଆ

## ସହଯୋଗର ହାତ ବଢ଼ାଇଲା ପିପିପି ଟ୍ରଷ୍ଟ





ବାରିପଦା/ସାନକେରକୋ,୨୦।୧(ସମିସ): ଦୁଇ ଶିଶୁକନ୍ୟାଙ୍କୁ ଜନ୍ମଦେଇ ଆରପାରିରେ ମାଆ ସଞ୍ଜିତା ବେଣ୍ଟକାର। ଏଭଳି ଅଭାବନୀୟ ଘଟଣା ଘଟିଛି ବାରିପଦା ନିକଟସ୍ଥ ଉଠାଣିନୂଆଗାଁ ଗ୍ରାମ ନିବାସୀ ସିପୁ ବେଣ୍ଟକାରଙ୍କ ପରିବାରରେ। ପିଆରଏମ ଡାକ୍ତରଖାନାରେ ସଂଜିତା ଦୁଇ ଶିଶୁକନ୍ୟାଙ୍କୁ ଜନ୍ମଦେବା ପରେ ଅସୁସ୍ଥ ହୋଇପଡ଼ିଥିଲେ ଓ ରକ୍ତ ଆବଶ୍ୟକତା ପଡିବାରୁ ସମାଜସେବା ଅରବିନ୍ଦ ମୁଖି ଖବର ପାଇ ତୁରନ୍ତ ୨ ଜଣ ରକ୍ତଦାତା ଯୋଗାଡ଼ କରିଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ସିପୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପୁଣି ରକ୍ତର ଆବଶ୍ୟକତା ପଡିବାରୁ ପିପିପି ଟ୍ରଷ୍ଟ ଅଧ୍ୟକ୍ଷ ଡଃ ଅକ୍ଷୟ ମହାନ୍ତି ଆଉ ଦୁଇ ୟୁନିଟ୍ ରକ୍ତର ବ୍ୟବସ୍ଥା କରାଇଥିଲେ ଓ ସମସ୍ତ ଚେଷ୍ଟା ସତ୍ତ୍ୱେ ଶେଷରେ ଆଖିବୁଜିଲେ ମା' ସଂଜିତା ଓ ଗାଁରେ ଶେଷକୃତ୍ୟ ସମ୍ପନ୍ନ ହେଲା। ଖବର ପାଇ ଡଃ ମହାନ୍ତିଙ୍କ ସମେତ ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ସର୍ଦ୍ଦାର ହରିଚରଣ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ସଂଜୀବ କୁମାର ସାହୁ, ଅରବିନ୍ଦ ମୁଖି ଓ ଭରତ ଚନ୍ଦ୍ର ପାତ୍ର ତାଙ୍କ ଗ୍ରାମରେ ପହଞ୍ଚି ପିପିପି ଟ୍ରଷ୍ଟ ତରଫରୁ ୫ ହଜାର ଟଙ୍କାର ଚେକ ସହ ୧ ହଜାର ଟଙ୍କା ନଗଦ ରାଶି ଓ ଶିଶୁ ଖାଦ୍ୟ ସିପୁଙ୍କୁ ପ୍ରଦାନ କରିଥିଲେ। ସିପୁଙ୍କର ୧୦ ବର୍ଷର ଓ ୭ ବର୍ଷର ଦୁଇ ଝିଅ ସହ ପିତାମାତା ଅଛନ୍ତି। ସେ ଏକ ହୋଟେଲରେ ନିମ୍ନ ମଜୁରିରେ କାମକରି ପରିବାର ପ୍ରତିପୋଷଣ କରନ୍ତି।

## ଭାଲିଆଶୋଳରେ ଫୁଟବଲ୍ ପ୍ରତିଯୋଗିତା

ଶୁଳିଆପଦା, ୨୦।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ଉପଲକ୍ଷେ ଆଜାଦ୍ କ୍ଲବ୍, ଭାଲିଆଶୋଳ ଆନୁକୂଲ୍ୟରେ ୨୪ ତମ ବାର୍ଷିକ ଫୁଟବଲ୍ ପ୍ରତିଯୋଗିତା ସ୍ଥାନୀୟ ନେତାଜୀ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ୨ଦିନିଆ ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ମାଷ୍ଟାର୍ ୧୧ ବାଘଡା ଓ ଡମାଶୋଳ ଦଳ ମଧ୍ୟରେ ଫାଇନାଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ମାଷ୍ଟାର୍ ୧୧ ବାଘଡା ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି। ଖେଳକୁ ଦେବରାଜ ମହାନ୍ତ ପରିଚାଳନା କରିଥିବାବେଳେ ସୁନାରାମ ସୋରେନ୍ ଓ ମଣ୍ଟୁ ସୋରେନ୍ ଲାଇନରେ ସହଯୋଗ କରିଥିଲେ। ସ୍ଥାନୀୟ କଣ୍ଟିସାହି ସରପଞ୍ଚ ରାଇମାତ୍ ମୁର୍ମୁ, ଅବସରପ୍ରାପ୍ତ ପ୍ରାଣୀ ବିଭାଗ ନିରୀକ୍ଷକ ଦୁର୍ଗା ହେମ୍ବ୍ରମ, ଶିକ୍ଷକ ସୁକୁଲ୍ ମୁର୍ମୁ ଓ ଗାଁ ମୁଖିଆ, ମାଝିବାବା ମେଘରାୟ ସୋରେନ୍ ପ୍ରମୁଖ ଯୋଗ ଦେଇଥିବାବେଳେ ସୂର୍ଯ୍ୟାନନ୍ଦ ହେମ୍ବ୍ରମ ମଞ୍ଚ ପରିଚାଳନା କରିଥିଲେ। ଚାମ୍ପିଅନ୍ ଦଳକୁ ପ୍ରଥମ ପୁରସ୍କାର ଭାବେ ୧୦ ହଜାର, ରନର୍ସଅପ୍ ଦଳକୁ ୭ ହଜାର, ତୃତୀୟ ପୁରସ୍କାର ଜୟ ମା' ଦୁର୍ଗା,ବାନକୋଚା ଦଳକୁ ୩ ହଜାର ଓ ଚତୁର୍ଥ ପୁରସ୍କାର ଜଗଦୀଶ ଦଳ ଭୋଲାକୁ ୨ ହଜାର ଟଙ୍କା ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଛି।



## ବ୍ଲକ୍ସ୍ତରୀୟ ବନ୍ଦେ ମାତରମ ଗାନ

ବିଶୋଇ,୨୦।୧(ସମିସ): ବନ୍ଦେ ମାତରମ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ବିଶୋଇ ବ୍ଲକସ୍ତରୀୟ ବନ୍ଦେ ମାତରମ କାର୍ଯ୍ୟକ୍ରମ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଶୋଇ ବିଡିଓ ସାଗର ମୁର୍ମୁ, ଖଡ଼ମବେଡ଼ା ସରପଞ୍ଚ ସୋମବାରି ସିଂ, ବିଇଓ କପିଳେନ୍ଦ୍ର ଦାସ, ଏବିଇଓ ହରିଶ୍ଚନ୍ଦ୍ର ହୋତା, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତପନ ପଲେଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ନାୟକ, ଜିପିଡିଇଓ ହରେଶ ନାଏକ ସମେତ ବ୍ଲକ୍ର ସମସ୍ତ କର୍ମଚାରୀ, ପ୍ରତିଯୋଗିତାରେ ଭାଗନେଇଥିବା ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଥମେ ସାମୂହିକ ଭାବେ ବନ୍ଦେ ମାତରମ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ୧୧ଟି କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଜୁନିୟର, ସବଜୁନିୟର, ସିନିୟର ବିଭାଗ ପତ୍ରଲିଖନ, ବକ୍ତୃତା, ଚିତ୍ରାଙ୍କନ, କୁଇଜ, ନୃତ୍ୟ ଓ ସଙ୍ଗୀତ ବିଭାଗରେ ପ୍ରଥମେ କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ।ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଆଜି ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରତ୍ୟେକ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ପାଇଁ ବାରଡାଙ୍ଗୁଆରେ ଗ୍ରାମସଭା

ତୁରୁମୁଙ୍ଗା,୨୦।୧(ସମିସ):



କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଞ୍ଚଳ ଚେମଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳରେ ପ୍ରସ୍ତାବିତ ଜେଏସ୍ ଡବ୍ଲୁ ଓ ପସ୍କୋ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବାରଡାଙ୍ଗୁଆ ଗ୍ରାମରେ ମଙ୍ଗଳବାର ଦ୍ୱିତୀୟ ଗ୍ରାମ ସଭା ବାରଡାଙ୍ଗୁଆ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଚେମେଣା ସରପଞ୍ଚ ହେମଲତା ନାଏକ ଙ୍କ ଅଧ୍ୟକ୍ଷତାରେରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ପାଟଣା ବିଡିଓ

**■ ସରକାରଙ୍କ ନିକଟରେ ୩୬ ସର୍ତ୍ତ ରଖିଲେ ଅଞ୍ଚଳବାସୀ**
**■ ଏକରକୁ ୧୫ କୋଟି ଦାବି ସହ ଅନ୍ୟାନ୍ୟ ସୁବିଧା ଦାବି**

ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ ସମିତି ସଭ୍ୟ ମନୋଜ କୁମାର ମହାନ୍ତ, ୱାର୍ଡ ମେମ୍ବର ନିରାକାର ନାଏକ, ଇଡ୍‌କୋ ଜମି ଅଧିଗ୍ରହଣ ଅଧିକାରୀ ଜୟକିଶୋର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜମି ହରାଇବାକୁ ଥିବା ପ୍ରଜାଙ୍କ ମଧ୍ୟରୁ ୬ଜଣ ପ୍ରଜା ନିଜର ଦାବିରେ ଉଚିତ୍ କ୍ଷତିପୂରଣ, ନୂତନ ବିସ୍ଥାପନ ଓ ଥଇଥାନ ନୀତି ଉପରେ ଗୁରୁତ୍ୱ ଦେବା ସହ ସରକାର୍ ସେମାନଙ୍କର ସମସ୍ତ ଦାବି ମାନି ନେଲେ ଭିଟା ମାଟି ଛାଡ଼ିବେ ନହେଲେ ଜମି ଦେବେ ଦେବେ ନାହିଁ ବୋଲି କହିବା ସହ ଜମି ହରାଇବାକୁ ଥିବା ଲୋକମାନେ ୩୬ଦଫା ସମ୍ବଳିତ ଦାବି ପତ୍ର ପ୍ରଶାସନିକ ଅଧିକାରୀଙ୍କୁ ଦସ୍ତ ଖତ କରି ପ୍ରଦାନ କରିଛନ୍ତି। ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଡିସ୍ ମିଲ୍ ପିଛା ୧୫ଲକ୍ଷ ଟଙ୍କା ହିସାବରେ ଏକର ପ୍ରତି ୧୫କୋଟି, ବିଧବା ବୃଦ୍ଧା, ବିକଳାଙ୍ଗଙ୍କ ପାଇଁ ମାସିକ ୩୦ହଜାର ଭତ୍ତା, ପ୍ରତ୍ୟେକ୧୮ରୁ ୪୫ବର୍ଷର ବ୍ୟକ୍ତିଙ୍କୁ ସ୍ଥାୟୀ ନିଯୁକ୍ତି, ଜମି ହାରାଉଥିବା ବ୍ୟକ୍ତିଙ୍କ ପିଲାମାନଙ୍କୁ କମ୍ପାନୀ ପକ୍ଷରୁ ସ୍କୁଲରେ ମାଗଣା ଶିକ୍ଷାଦାନ ତାଲିମ ଓ କମ୍ପାନୀରେ ନିଯୁକ୍ତି, ଜମି ହରାଇବା ଦିନ ଠାରୁ ନିଯୁକ୍ତି ପାଇବା ପର୍ଯ୍ୟନ୍ତ ମାସକୁ ୩୦ହଜାର ଲେଖାଏଁ ମାସିକ ଭରଣ ପୋଷଣ ପ୍ରଦାନ, ଚାକିରି କରିବାକୁ ଅକ୍ଷମ ଥିବା ବ୍ୟକ୍ତିଙ୍କୁ ଏକ କାଳୀନ ୫କୋଟି ଟଙ୍କା, ମାସିକ ୨୫ହଜାର ଭତ୍ତା, ୨୦୦୬ ଓ୨୦୧୩ ବିସ୍ଥାପନ ନୀତି ସଂଶୋଧନ, କମ୍ପାନୀ ଲାଭାଂଶର ୩୦ପ୍ରତିଶତ ଜମିହରା ଥିବା ପ୍ରଜାଙ୍କୁ ପ୍ରଦାନ ଆଦି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।

ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ପାଇଁ ବାରଡାଙ୍ଗୁଆ ମୌଜାର ୧୧୩ ଟି ଖାତା ରୁ ମୋଟ ୨୩୯ ଏକର ୪୭୦ ଘରୋଇ ଡିସିମିଲ୍ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଗ୍ରାମସଭାରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତିକୁ ନେଇ ଗ୍ରାମରେ ପୁଲିସ ଛାଉଣୀ କରାଯାଇଥିବା ବେଳେ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ, ଜ୍ୟୋତିର୍ମୟ ଭୁକ୍ତା, ପ୍ରଭା ଧାନ, ଚମ୍ପୁଆ ଏସ୍‌ଡିପିଓ ରଶ୍ମୀରଞ୍ଜନ ସାହୁ, ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ରଙ୍କ ସମେତ ତୁରୁମୁଙ୍ଗା ଥାନା ଅଧିକାରୀ ଦିପ୍ତୀରଞ୍ଜନ ସାହୁ, ସଦର ଥାନା ଅଧିକାରୀ ଅମିତ ଭୂୟାଁ ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ବାରିଆ ଥାନା ଅଧିକାରୀ ରଞ୍ଜୁ ହାସିନୀ କୁଲୁ, ଚମ୍ପୁଆ ଥାନା ଅଧିକାରୀ ସ୍ୱରୂପ ରଞ୍ଜନ ନାଏକ, ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା ନୋୟାକଟ ଥାନା ଅଧିକାରୀ ଜନ ପଟ୍ଟନାୟକ ଙ୍କ ସମେତ ୧୨ ଜଣ ଇନସ୍‌ପେକ୍ଟର ଓ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ସାମୂହିକ 'ବନ୍ଦେ ମାତରମ୍' ଗାନ

ଆନନ୍ଦପୁର,୨୦।୧(ସମିସ): ଆନନ୍ଦପୁର ପୌରପାଳିକା ଓ ବିଭିନ୍ନ ବିଦ୍ୟାଳୟରେ ରାଷ୍ଟ୍ରଗୀତ "ବନ୍ଦେମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହେବା ପରେ ଆଜି ଫକୀରପୁର ଠାରେ ଉଦ୍‌ଯାପିତ ହୋଇଯାଇଛି। ବଙ୍କିମ୍ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ୧୮୭୫ ମସିହାରେ ରଚିତ ଏହି ଏହି ଗୀତର ସାମୂହିକ ଗାନ ଉତ୍ସବ କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ ପାଳନ କରାଯାଇଥିଲା। ଆନନ୍ଦପୁର ପୌରପାଳିକା ପକ୍ଷରୁ କଲ୍ୟାଣ ମଣ୍ଡପଠାରେ ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହ ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ନିର୍ବାହୀ ଅଧୁକାରୀ ଦେବପ୍ରସାଦ ବଳ, ଡି ଏମ ଏମ ରାକେଶ ମଲିକ କାଉନ୍‌ସିଲର ସନତ କର ସମ୍ବିତ ଦାସ କୃଷ୍ଣ ରଣା, ନିବେଦିତା ବେହେରା, ଲିନାରାଣୀ ସାହୁ, ସୁପ୍ରିୟା ମିଶ୍ର ସନମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୌର କର୍ମଚାରୀ ତୁଷାର କାନ୍ତ ରଣା ଧନୁର୍ଜୟ ଦାଶ, ଶୁଭକାନ୍ତ ଜେନା, ଅଂଶୁମାନ ପାଢ଼ୀ, ଏସ୍‌କେ ଶାହାବାଜ ଆଲାମ, ଭାଗୀରଥି ଦାଶଙ୍କ ସହ ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ ଓ ସମସ୍ତ କର୍ମଚାରୀ ଏହି ରାଷ୍ଟ୍ରଗୀତ ଗାନରେ ସହଯୋଗ କରିଥିଲେ।

## କମ୍ପାନୀର ଗ୍ରାମସଭା ବିରୋଧରେ ବିକ୍ଷୋଭ



ତୁରୁମୁଙ୍ଗା,୨୦।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଯମୁନା ପଶି ପଞ୍ଚାୟତ ଓ ଚେମଣା ପଞ୍ଚାୟତ ଅଧୀନରେ ହେବାକୁ ଥିବା ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଚେମଣା ଗ୍ରାମ ପଞ୍ଚାୟତର ବାରଡାଙ୍ଗୁଆ ଗ୍ରାମରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମସଭାକୁ ବିରୋଧ କରି ଶହ ଶହ ମହିଳା ଏବଂ ପୁରୁଷ ଏକାଠି ହୋଇଥିଲେ। ହାତରେ ପ୍ଲାକାର୍ଡ ଧରି -ଚାଷଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦକର, ଭିଟାମାଟି ବଞ୍ଚାଅ, ସରକାରଙ୍କ କମ୍ପାନୀ ପ୍ରୀତି ଚଳିବ ନାହିଁ, ଆମର ଦାବି ସରକାର ତୁମେ ମାନିନିଅ ଆଦି ସ୍ଲୋଗାନ ଦେଇଥିଲେ ଆନ୍ଦୋଳନକାରୀ। ଆନ୍ଦୋଳନକାରୀଙ୍କ ପକ୍ଷରୁ ବୁଝାମଣାପତ୍ରକୁ ବାତିଲ କରିବା ଦାବିରେ ବିରୋଧ ପ୍ରଦର୍ଶନ କରାଯାଇଥିଲା।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିବ। କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ବନ୍ଧୁ ଆର୍ଥିକ ସହାୟତା ଲୋଡ଼ିବେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଚାକିରିକୁ ନେଇ ଶୁଭ ଖବର ମିଳିବ। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଜୀବନସାଥୀଙ୍କ ସହ ମନୋମାଳିନ୍ୟ ସୃଷ୍ଟି ହେବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ନୂଆ ଯାନବାହନ କିଣିବାର ସ୍ୱପ୍ନ ପୂରଣ ହେବ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ।

**ତୁଳା:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। କୋର୍ଟ କଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହେବ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିପାରିବେ ନାହିଁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାର୍ଯ୍ୟରେ ପରିବର୍ତ୍ତନ ଆସିବ।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପାରିବାରିକ ସମସ୍ୟା ଦୂର ହେବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ।

## ଆଜିର ଇତିହାସ

- ୧୯୨୧- ଇଟାଲୀରେ କମ୍ୟୁନିଷ୍ଟ ଦଳ ପ୍ରତିଷ୍ଠା।
- ୧୯୪୩- ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଓଡ଼ିଆ ଲେଖିକା ପ୍ରତିଭା ରାୟଙ୍କ ଜନ୍ମ।
- ୧୯୫୮- କପିରାଇଟ୍ ଅଧିନିୟମ ଲାଗୁ କରାଗଲା।
- ୧୯୭୨- ମଣିପୁର, ମେଘାଳୟ ଓ ତ୍ରିପୁରା ରାଜ୍ୟର ମାନ୍ୟତା ପାଇଲା।



## ୨୦୨୭ରେ 'ସ୍ପିରିଟ୍'

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କର ଦେଶ ଓ ବିଦେଶରେ ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି। ପ୍ରଭାସଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ବର୍ଷ ବର୍ଷ ଧରି ଅପେକ୍ଷା କରିଥାନ୍ତି। ନିକଟରେ ତାଙ୍କ ଆଗାମୀ ଫିଲ୍ମ 'ସ୍ପିରିଟ୍'ର ପୋଷ୍ଟର୍ ରିଲିଜ୍ କରାଯାଇଛି। ଏଥିରେ ତାଙ୍କ ବିପକ୍ଷରେ ତ୍ରିପ୍ତି ଦିମ୍‌ରି ନଜର ଆସିବେ। ପୋଷ୍ଟର୍ ଦେଖି ଦର୍ଶକଙ୍କର ଫିଲ୍ମ ପ୍ରତି ଉତ୍ସାହ ବଢ଼ିଯାଇଛି। ସନ୍ଦୀପ ରେଡ୍ଡି ଭାଙ୍ଗା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ସେହିଭଳି ଟି- ସିରିଜ୍ ଏହାର ପ୍ରଯୋଜନା ଭାର ସମ୍ଭାଳିଛି। ଟି- ସିରିଜ୍ ପକ୍ଷରୁ ଫିଲ୍ମର ଏକ କଳାଧଳା ପୋଷ୍ଟର୍ ସେୟାର୍ କରି ଲେଖାଯାଇଛି- 'ସ୍ପିରିଟ୍' ମାର୍ଚ୍ଚ ୫, ୨୦୨୭ରେ ରିଲିଜ୍ ହେବ। ଫିଲ୍ମର ଫାଷ୍ଟ ଲୁକ୍ ଏଇ ଜାନୁଆରୀ ୧ରେ ରିଲିଜ୍ କରାଯାଇଥିଲା। ଏହା ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ପ୍ରଭାସ ଏଥିରେ ଲମ୍ବା କେଶ ସହ ପିଠିରେ ଆଘାତ ଲାଗିଥିବାର ଦେଖାଯାଇଥିଲେ। ତ୍ରିପ୍ତି ତାଙ୍କ ସିଗାରେଟ୍‌ରେ ନିଆଁ ଲଗାଉଥିବାର ନଜର ଆସିଥିଲେ। 'ଆନିମଲ'ର ସଫଳତାକୁ ପୁଣି ଥରେ ଦୋହରାଇବା ପାଇଁ ଭୂଷଣ କୁମାର ଓ ସନ୍ଦୀପ ରେଡ୍ଡି ଭାଙ୍ଗା 'ସ୍ପିରିଟ୍' ମାଧ୍ୟମରେ ପୁଣିଥରେ ଏକାଠି ହୋଇଛନ୍ତି।

## ଅଜବ ଗଜବ ଖାଦ୍ୟାଭ୍ୟାସ

### ନିୟମିତ ଖାଆନ୍ତି ୧୦୦ ପୋକ



ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟ ରୁଚି ପାଇଁ ଚର୍ଚ୍ଚାରେ ଥାନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ ଆମେରିକା ଶିକାଗୋର ୨୬ ବର୍ଷୀୟ କାର୍ଲୋସ୍। ସେ ପୋକଜୋକ ଖାଇବାରେ ରୁଚି ରଖନ୍ତି। ତାଙ୍କର ଏହି ଅଜବ ଖାଦ୍ୟାଭ୍ୟାସ ସଭିଙ୍କୁ ଚକିତ କରିଛି। ତେବେ ସେ ଗୋଟିଏ ଦିନରେ ପାଖାପାଖି ୧୦୦ଟି ପୋକ ଖାଇଥାନ୍ତି। ଏହାର ସ୍ୱାଦ ତାଙ୍କୁ ବଟର୍ ପପ୍‌କର୍ଣ୍ଣ ଭଳି ଲାଗିଥାଏ ବୋଲି ସେ କୁହନ୍ତି। ଏଥିସହ ପୋକଜୋକଗୁଡ଼ିକର ଜିଭ ଉପରେ ଚାଲିବାର ଅନୁଭୂତି ତାଙ୍କୁ ବେଶ୍ ଆନନ୍ଦ ଦେଇଥାଏ। ନିକଟରେ ସେ ଟିଏଲ୍‌ସି ଶୋ 'ମାଇଁ ଷ୍ଟ୍ରେଞ୍ଜ୍ ଆଡିକ୍ସନ୍'ରେ ଯୋଗ ଦେଇ ଏବିଷୟରେ ଖୁଲ୍ଲାସା କରିଛନ୍ତି। ସବୁଠୁ ଅସରପା ଖାଇବାକୁ ତାଙ୍କୁ ବେଶୀ ଭଲ ଲାଗେ ବୋଲି କାର୍ଲୋସ୍ କହିଛନ୍ତି। ଅସରପାର ଭିତର ଅଂଶର ସ୍ୱାଦ ତାଙ୍କୁ କଷ୍ଟାର୍ଡ ଭଳି ଲାଗିଥାଏ ବୋଲି ସେ କହିଛନ୍ତି। କାର୍ଲୋସ୍‌ଙ୍କ ପତ୍ନୀ ଏସ୍ଲି ଏବଂ ଝିଅ ତାଙ୍କର ଏହି ଅଜବ ଖାଦ୍ୟଭ୍ୟାସ ପାଇଁ ଚିନ୍ତାରେ ରୁହନ୍ତି। ଅବଶ୍ୟ ସେ କୌଣସି ପୋକଜୋକକୁ ସିଧାସଳଖ ମାଟିରୁ ଧରି ଖାଆନ୍ତି ନାହିଁ। ଏହାକୁ ସେ ଦୋକାନରୁ ୭୨୨ ଟଙ୍କାରେ କିଣି ଖାଇଥାନ୍ତି। କାର୍ଲୋସ୍ ଛୋଟବେଳୁ ପୋକଜୋକ ଖାଇବାକୁ ପସନ୍ଦ କରୁଥିଲେ। ଚାରିବର୍ଷ ବୟସରେ ସେ ପ୍ରଥମେ ପୋକ ଖାଇବା ଆରମ୍ଭ କଲେ। ଜିଅଁନ୍ତା ପୋକ ଖାଇବା ପରେ ତାଙ୍କ ଦେହକୁ ଶକ୍ତି ମିଳିବା ପରି ଅନୁଭୂତ ହେଉଥିବା କାର୍ଲୋସ୍ କୁହନ୍ତି। ଏନେଇ ଡାକ୍ତରଙ୍କ କହିବାକଥା, ଜିଅଁନ୍ତା ପୋକ ଖାଇବା ଦ୍ୱାରା ଶରୀର ମଧ୍ୟକୁ ଜୀବାଣୁ ପ୍ରବେଶ କରିଯାନ୍ତି ଫଳରେ ଏହା ମସ୍ତିଷ୍କର କୋଷଗୁଡ଼ିକୁ ଖାଇବା ଆଶଙ୍କା ଥାଏ। ଅବଶ୍ୟ ଏବେ କାର୍ଲୋସ୍ ପୋକଜୋକ ଖାଇବା ଅଭ୍ୟାସକୁ ଧୀରେ ଧୀରେ ଛାଡ଼ିବାକୁ ଚେଷ୍ଟା କରୁଛନ୍ତି। କାରଣ ସେ ନିଜ ସ୍ୱାସ୍ଥ୍ୟକୁ ନେଇ ଖୁବ୍ ସଚେତନ ଅଛନ୍ତି।



## ଶ୍ୱଶୁରଙ୍କୁ ଚାବୁକ ମାଡ଼


ବିବାହକୁ ନେଇ ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି ପରମ୍ପରା ଦେଖିବାକୁ ମିଳିଥାଏ। ସେଥିମଧ୍ୟରୁ କିଛି ରୋଚକୀୟ ହୋଇଥିବାବେଳେ ଆଉ କିଛି ବେଶ୍ ଆଶ୍ଚର୍ଯ୍ୟଜନକ ମନେହୁଏ। ଏମିତି ଏକ ପ୍ରଥା ଚୀନ୍ ବାଓଆନ ସମ୍ପ୍ରଦାୟରେ ପାଳନ କରାଯାଏ। ଏହି ସମ୍ପ୍ରଦାୟର ଲୋକେ ଚୀନ୍‌ର ଉତ୍ତର- ପଶ୍ଚିମ ଗାଂସୁ ପ୍ରାନ୍ତରେ ବାସ କରନ୍ତି। ଏଠାରେ ବିବାହ ପରେ କନିଆର ପିତାଙ୍କୁ ଜ୍ୱାଇଁ ଘରକୁ ଯିବାକୁ ହୋଇଥାଏ, ଯେଉଁଠାରେ ଏକ ସ୍ୱତନ୍ତ୍ର ପରମ୍ପରା ପାଳନ କରାଯାଏ। ପରମ୍ପରା ଅନୁସାରେ, କନିଆର ପିତା ପ୍ରଥମେ ନିଜ ଝିଅର ଲାଳନ ପାଳନରେ ଯଦି କୌଣସି ଭୁଲଥାଏ ତାହା କ୍ଷମା କରିବାକୁ ଝିଅର ଶାଶୂଘର ଲୋକଙ୍କ ଆଗରେ ଗୁହାରି କରନ୍ତି। ଏହାପରେ ବରଘର ପକ୍ଷରୁ ବରପିତା କନିଆ ପିତାଙ୍କୁ ୨୦ ଥର ଚାବୁକ ମାଡ଼ କରିଥାନ୍ତି। ଏହା କେବଳ ପ୍ରତୀକାତ୍ମକ ଭାବେ କରାଯାଏ। ଏଠାରେ ଏହି ପ୍ରଥା କାହିଁ କେଉଁ କାଳରୁ ରହି ଆସିଛି। ତେବେ ଏହା କେବଳ ଏକ ପରମ୍ପରାର ଅଂଶ, ଯାହାକୁ ଆଜି ବି ଏହି ଜନଜାତିର ଲୋକମାନେ ମଜାଳିଆ ଅନ୍ଦାଜରେ ପାଳନ କରୁଛନ୍ତି। ଏହି ସମ୍ପ୍ରଦାୟର ଲୋକମାନେ ନିଜର ସ୍ୱତନ୍ତ୍ର ଭାଷା ଓ ସଂସ୍କୃତି ଏବଂ ନିଆରା ବିବାହ ପରମ୍ପରା ପାଇଁ ପରିଚିତ। ଏମାନଙ୍କର ବିବାହ ତିନିଦିନ ଧରି ପାଳନ ହେଉଥିବାବେଳେ ଏଥିରେ ଅନେକ ସ୍ୱତନ୍ତ୍ର ପରମ୍ପରାର ପାଳନ ହୋଇଥାଏ। ବିବାହ ଚାରୋଟି ପର୍ଯ୍ୟାୟରେ ହୋଇଥାଏ, ଯଥା- ପ୍ରସ୍ତାବ ଖୋଜିବା, ବିବାହ ସ୍ଥିର କରିବା, କନିଆ ପାଉଣା ଦେବା ଏବଂ ବିବାହ ଉତ୍ସବ। ବରଘର ଲୋକେ ବିବାହ ପ୍ରସ୍ତାବ ସମୟରେ ସୋଙ୍ଗ୍‌ଡିଙ୍ଗ୍ ଚାକୁ କନିଆ ଘରକୁ ଉପହାରରେ ଦେଇଥାନ୍ତି। ଏହାର ଅର୍ଥ ନିର୍ବନ୍ଧ ଚା'। ଏଥିରେ ମିଶିରି, ଶୁଖିଲା ଲବଙ୍ଗ, ଚା 'ପତି ଏବଂ ଅଖରୋଟ ଥାଏ। ଏହା ଚାରୋଟି ଭିନ୍ନ ଭିନ୍ନ ରଙ୍ଗର କାଗଜରେ ଗୁଡ଼ା ଯାଇଥାଏ। କନିଆ ପରିବାର ଏହି ଉପହାର ସ୍ୱୀକାର କଲେ, ସେମାନେ ବିବାହରେ ରାଜି ଅଛନ୍ତି ବୋଲି ବୁଝାଯାଏ। ବାଓଆନ ସମ୍ପ୍ରଦାୟରେ ବିବାହ ଦିନ କନିଆ ଘରୁ କେତେକ ମହିଳା ବରଘରକୁ ଯାଇଥାନ୍ତି। ମଜାରେ ରୋଷେଇ ବାସନରୁ କଳାଆଣି ବର ପିତାଙ୍କ ମୁହଁରେ ଲଗାନ୍ତି। ଏହା ଶୁଭେଚ୍ଛା ଦେବାର ପ୍ରତୀକ ଭାବେ ଜଣାଯାଏ। ସେହିପରି ବିବାହ ପରେ କନିଆ ବର ଘରେ ପହଞ୍ଚିବା ପରେ ଅତିଥିମାନେ ଖାଇବା ପାଇଁ ଆସିଥାନ୍ତି। ହେଲେ ସେଠାରେ କନିଆ ଉପସ୍ଥିତ ନଥାନ୍ତି। ପରମ୍ପରା ଅନୁଯାୟୀ, ତିନିଦିନ ଧରି କନିଆ ବରଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତିନି। ସେ ବାପ ଘରୁ ନେଇଥିବା ଖାଦ୍ୟ ଖାଇଥାଏ। ଏହି ପ୍ରଥା କନିଆର ପିତାମାତାଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଏବଂ ପାଳନ ପୋଷଣ ପ୍ରତି କୃତଜ୍ଞତାର ପ୍ରତୀକ ଭାବେ ଜଣାଯାଏ।

## ସମ୍ଭାବନା



## ଡିଗ୍ରୀ ସତ୍ତ୍ୱେ ମିଳୁନି ଚାକିରି

**ବର୍ତ୍ତମାନ ଅନେକ ଯୁବପିଢ଼ିଙ୍କ ପାଖରେ ଡିଗ୍ରୀ ଥିଲେ ବି ଚାକିରି ମିଳୁନି। ପ୍ରଶ୍ନ ଉଠୁଛି ଚାକିରି ଲାଗି ଡିଗ୍ରୀ କ'ଣ ଯଥେଷ୍ଟ ନୁହେଁ? କୁହାଯାଉଛି, ସମସ୍ୟା କେବଳ ଡିଗ୍ରୀର ନୁହେଁ, ବରଂ ପ୍ରସ୍ତୁତିର। ବିଶେଷଜ୍ଞଙ୍କ ମତରେ, ଶ୍ରେଣୀଗୃହରେ ପଢ଼ାଯାଉଥିବା ପାଠ କାର୍ଯ୍ୟକ୍ଷେତ୍ରରେ କାମରେ ଆସି ନ ଥାଏ। କାମ ବିଷୟରେ ପଢ଼ିବା ଏବଂ କାମ କରିକି ଶିଖିବା ମଧ୍ୟରେ ଅନେକ ଫରକ୍ ଅଛି। ତେଣୁ ପଢ଼ା ସହିତ ଯେକୌଣସି ସଂସ୍ଥାନରେ କାମ କରି ନିଜ ଭିତରେ ଉପଯୁକ୍ତ କୌଶଳକୁ ବିକଶିତ କରିବା ଖୁବ୍ ଜରୁରି।**



ଅଧିକାଂଶ ଲୋକ ଥିଓରିରେ ଭଲ ପ୍ରଦର୍ଶନ ଦେଖାଇଥାନ୍ତି। ହେଲେ ଅଫିସ୍ କିମ୍ବା ଇଣ୍ଡଷ୍ଟ୍ରିରେ ପାଦ ରଖିବା ମାତ୍ରେ ହିଁ ସେମାନଙ୍କ ମନରେ ଅଜଣା ଭୟ ଆସିଯାଏ। କାରଣ କାମରେ ଥିବା ଟାଇମ୍ ପ୍ରେଶର, ଟାର୍ଗେଟ୍, ଟିମ୍‌ୱାର୍କ ଏବଂ ଦାୟିତ୍ୱବୋଧ ସେମାନଙ୍କୁ ଜଣା ନ ଥାଏ। ଏସବୁ କୌଶଳ ସେମାନଙ୍କୁ ବହିରୁ ଶିଖିବାକୁ ମିଳି ନ ଥାଏ। ତେଣୁ ବିଶେଷଜ୍ଞମାନେ କହନ୍ତି, କାମ ବିଷୟରେ ପଢ଼ିବା ଏବଂ କାମ କରିକି ଶିଖିବା ମଧ୍ୟରେ ଅନେକ ଫରକ ଅଛି। ବର୍ତ୍ତମାନ ଏକଥା କୁହାଯାଉଛି ଯେ, ଇଣ୍ଟର୍ଣ୍ଣସିପ୍‌କୁ ଯୁବପିଢ଼ି କେବଳ ଔପଚାରିକତା ବୋଲି ନ ଭାବନ୍ତୁ। ପଢ଼ା ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଯେକୌଣସି ସଂସ୍ଥାନରେ କାମ କରିବାର ସୁଯୋଗ ମିଳିବା ଦରକାର। ଅନ୍ୟପଟେ ଯେତେବେଳେ କାମକୁ ପଢ଼ା ଭଳି ମୂଲ୍ୟାଙ୍କନ କରାଯିବ, ଛାତ୍ର ଦାୟିତ୍ୱବୋଧର ସହ ଏନେଇ ଥିବା କଳା, କୌଶଳ ଶିଖିପାରିବେ। ସେହିପରି ଏବେ ବି କଲେଜର ସଫଳତା ପ୍ଲେସ୍‌ମେଣ୍ଟ ହିସାବରେ ମୂଲ୍ୟାଙ୍କନ କରାଯାଉଛି। ହେଲେ ଏବେ ଚାକିରି ବଦଳୁଛି, କୌଶଳ ବି ବଦଳୁଛି। ତେଣୁ ବାରମ୍ବାର ନିଜକୁ ଅପଡେଟ୍ କରିବାର କ୍ଷମତା ନିଜ ଭିତରେ ସୃଷ୍ଟି କରିବା ଦରକାର। ସେହିପରି କ୍ୟାରିୟରରେ ଦୀର୍ଘ ବର୍ଷ ତିଷ୍ଠି ରହିବା ପାଇଁ ହିଁ ହେଉଛି ପ୍ରକୃତ ସଫଳତା। ଅନେକ ଛାତ୍ରଙ୍କ ଲାଗି ପାଠପଢ଼ିବା କେବଳ ଏକ ସ୍ୱପ୍ନ ନୁହେଁ, ଆର୍ଥିକ ସଂଘର୍ଷ ମଧ୍ୟ। ତେଣୁ ଏବେ ଏମିତି ପଢ଼ାର ଆବଶ୍ୟକତା, ଯାହାକି କେବଳ ଡିଗ୍ରୀ ନୁହେଁ, ବରଂ କାମ, ଭବିଷ୍ୟତ, ଆତ୍ମବିଶ୍ୱାସ ତିନିଟିକୁ ଏକସଙ୍ଗରେ ନେଇ ଚାଲିବ।

## ପରୀକ୍ଷା ଅବସାଦ

**ପରୀକ୍ଷା ସମୟ ପାଖେଇ ଆସିଲେ କିଛି ଛାତ୍ରଛାତ୍ରୀ ଖୁବ୍ ଭୟଭୀତ ହୋଇଥାନ୍ତି। ଏହାକୁ ପରୀକ୍ଷା ଅବସାଦ ବୋଲି କୁହାଯାଏ। ସେହିପରି ଏହାର ପ୍ରଭାବ ସେମାନଙ୍କ ପରୀକ୍ଷା ଫଳ ଉପରେ ଦେଖିବାକୁ ମିଳେ।**

- ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀ ଅଧିକ ଚିନ୍ତା ଓ ଭୟରେ ରହିଲେ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ।
- ପରୀକ୍ଷା ପାଇଁ ଅଧିକ ଚିନ୍ତାରେ ରହିଲେ ଜ୍ୱର ହୁଏ। ଫଳରେ ପରୀକ୍ଷାରେ ସେମାନେ ସଫଳ ହୋଇ ନ ଥାନ୍ତି।
- ଅବସାଦ ଯୋଗୁଁ ଅନେକ ସମୟରେ ପେଟ ଯନ୍ତ୍ରଣା ହୁଏ। ପଢ଼ାରେ ମନ ଲାଗେ ନାହିଁ।
- ପରୀକ୍ଷା ସମୟରେ ଅଧିକାଂଶ ପିଲା ଭଲଭାବେ ଶୋଇପାରନ୍ତି ନାହିଁ। ଏହା ପଛର କାରଣ ହେଉଛି ପରୀକ୍ଷା ଚିନ୍ତା।
- ଚିନ୍ତାରେ ରହି ବେଶି ସମୟ ପଢ଼ିବା ଦ୍ୱାରା ପାଠ ମନେ ରହେ ନାହିଁ।
- ତେବେ ପରୀକ୍ଷାରେ ଭଲ କରିବାକୁ ଚାହୁଁଥିଲେ, ଅବସାଦ ବା ଚିନ୍ତାମୁକ୍ତ ରହିବା ଜରୁରି।



## ୟୁଟ୍ୟୁବ୍‌ର 'ସର୍ଟସ୍ ଟାଇମର୍ ଫିଚର୍'




ଆଜିକାଲି ସର୍ଟସ ଦେଖିବା ଲୋକଙ୍କ ପାଇଁ ନିଶା ପାଲଟିଛି। ଫଳରେ ଲୋକେ ଏଥିରେ ଘଣ୍ଟା ଘଣ୍ଟା ଧରି ସମୟ ଅତିବାହିତ କରୁଛନ୍ତି। ହେଲେ ଏବେ ୟୁଟ୍ୟୁବ୍‌ରେ ଏକ ନୂଆ ଫିଚର ଆସିଛି। ଯାହାକି ଲୋକଙ୍କ ସମୟ ସଞ୍ଚୟ କରିବାରେ ସାହାଯ୍ୟ କରିବ। ଏବେ ୟୁଟ୍ୟୁବ୍‌ରେ 'ସର୍ଟସ ଫିଡ୍ ଲିମିଟ୍' ଫିଚର୍ ଆସିଛି। ଏହାକୁ ସର୍ଟସ ଟାଇମ୍ କିମ୍ବା ଡେଲି ଲିମିଟ୍ ବି କୁହାଯାଇପାରିବ। ଏହି ଫିଚର ମାଧ୍ୟମରେ ଏହା ସୁନିଶ୍ଚିତ କରିପାରିବେ ଯେ, ପ୍ରତିଦିନ ୟୁଟ୍ୟୁବ୍‌ରେ କେତେ ସମୟ ପର୍ଯ୍ୟନ୍ତ ୟୁଟ୍ୟୁବ୍ ସର୍ଟସ ଦେଖିପାରିବେ। ସେହିପରି ନିର୍ଦ୍ଧାରିତ ସମୟ ପୂରା ହେବା ମାତ୍ରେ ହିଁ ସର୍ଟସ ଫିଡ୍ ଆପେ ଆପେ ପଜ୍ ହୋଇଯିବ ଏବଂ ସ୍କ୍ରିନ୍‌ରେ ରିମାଇଣ୍ଡର ଦୃଷ୍ଟିଗୋଚର ହେବ। ଏହି ଫିଚର ବିଶେଷକରି ବଢୁଥିବା ସ୍କ୍ରିନ ସମୟ, ଡିଜିଟାଲ ଆଡିକସନ ଏବଂ ପିଲାଙ୍କୁ ଅନଲାଇନ୍ କଣ୍ଟେଣ୍ଟ କଣ୍ଟ୍ରୋଲକୁ ନଜରରେ ରଖି ପରିଚିତ କରାଯାଇଛି। ଏହି ଫିଚର ଏମିତି ଏକ ଟୁଲ୍, ଯାହା ବ୍ୟବହାରକାରୀଙ୍କୁ ସର୍ଟସ ଭିଡିଓ ଦେଖିବା ସମୟରେ ଅନଲିମିଟେଡ୍ ସ୍କ୍ରଲିଂରୁ ରକ୍ଷା କରେ। ଏହି ସମସ୍ୟାକୁ ରୋକିବା ଲାଗି ୟୁଟ୍ୟୁବ୍ ଏହି ସୁବିଧା ଆରମ୍ଭ କରିଛି। ଏଥିରେ ବ୍ୟବହାରକାରୀ ଏକଥା ସୁନିଶ୍ଚିତ କରିପାରିବେ, ପ୍ରତିଦିନ ୟୁଟ୍ୟୁବ୍‌ରେ କେତେ ସମୟ ପର୍ଯ୍ୟନ୍ତ ସର୍ଟସ ଦେଖିବେ। ଏ ଲାଗି ପ୍ରଥମେ ୟୁଟ୍ୟୁବ୍‌ରେ ଟାଇମର ସେଟ୍ କରିବାକୁ ହେବ। ଏହା ପରେ ସ୍କ୍ରିନ୍‌କୁ ମେସେଜ ଆସିବ। ଏବେ ଏହି ଫିଚର୍ ୟୁଟ୍ୟୁବ୍ ମୋବାଇଲ ଆପ୍‌ରେ ଉପଲବ୍ଧ। ଅନ୍ୟପଟେ ଏହି ଫିଚର୍ ପିଲାଙ୍କୁ ଡିଜିଟାଲ ଆଡିକସନରୁ ରୋକିବା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ବିଚାର କରାଯାଉଛି।

## କେମିତି ବଢ଼େ ଖର୍ଚ୍ଚ



**ସାଧାରଣତଃ କୁହାଯାଏ ଲୋକଙ୍କ ଆୟ ବଢ଼ିଲେ ଖର୍ଚ୍ଚ ବୃଦ୍ଧି ପାଏ। ଦାମୀ ପୋଷାକ କିଣିବାଠାରୁ ଆରମ୍ଭ କରି ମହଙ୍ଗା ଫୋନ ଧରିବା, ଅନଲାଇନ୍ ସପିଂ କରିବାକୁ ଭଲ ଲାଗେ। ଧୀରେ ଧୀରେ ଏ ସବୁ ପାଇଁ ଖର୍ଚ୍ଚ ବଢ଼ିଥାଏ।**

- ଦରମା ବଢ଼ିଲେ ଜୀବନଶୈଳୀ ବି ଆପେ ଆପେ ଅପଗ୍ରେଡ୍ ହୁଏ। ବ୍ରାଣ୍ଡେଡ ଜିନିଷ ବ୍ୟବହାର କରିବାକୁ ଇଚ୍ଛା ହୁଏ। ବାରମ୍ବାର ବାହାର ଖାଦ୍ୟ ଖାଇବା ଅଭ୍ୟାସରେ ପରିଣତ ହୋଇଯାଏ।
- ରୋଜଗାର ବଢ଼ିବା ଦ୍ୱାରା ମାଇଣ୍ଡସେଟ୍‌ରେ ପରିବର୍ତ୍ତନ ଆସିଥାଏ। ଲୋକେ ଭାବନ୍ତି ଏବେ ସବୁ କିଛି କରିବାକୁ ସକ୍ଷମ। ଏହି ଚିନ୍ତାଧାରା ଯୋଗୁଁ ସେମାନେ ଅନେକ କିଛି ଅଯଥା ଖର୍ଚ୍ଚ କରିବା ଆରମ୍ଭ କରନ୍ତି।
- ଆୟ ବଢ଼ିବା ଦ୍ୱାରା ଅନେକଙ୍କ ପାଇଁ ସଞ୍ଚୟ ଗୁରୁତ୍ୱ ବହନ କରେ ନାହିଁ। ତେଣୁ ସେମାନେ ପ୍ରଥମେ ଖର୍ଚ୍ଚ କରି ଯାହା ବଳିବ ସଞ୍ଚୟ କରିବା କଥା ଭାବନ୍ତି। ଫଳରେ ସଞ୍ଚୟ ଆଦୌ ହୋଇପାରେ ନାହିଁ।
- ସାମାଜିକ ଚାପ ଏବଂ ତୁଳନା ବି ଖର୍ଚ୍ଚ ବୃଦ୍ଧିର ଅନ୍ୟତମ କାରଣ।
- ତେଣୁ ସର୍ବଦା ଦରମା ମିଳିବା ମାତ୍ରେ ପ୍ରଥମେ କିଛି ଅର୍ଥ ସଞ୍ଚୟ କରିବା ଦରକାର।

● ପୁଣି ଦୋହରାଇଲା ବାଂଲାଦେଶ

## ଭାରତରେ ଟି-୨୦ ବିଶ୍ୱକପ୍ ଖେଳିବନି

**ଢାକା,୨୦।୧(ଏଜେନ୍ସି):** ଭାରତରେ ଆମ ଖେଳାଳିଙ୍କ ଜୀବନପ୍ରତି ବିପଦ ଅଛି। ଆମ ଖେଳାଳି (ଆଇପିଏଲ୍‌ରୁ ମୁସ୍ତାଫିଜର ରହେମାନ)ଙ୍କୁ ସେମାନେ କୌଣସି କାରଣ ନ ଦର୍ଶାଇ ବିଦା କରିଛନ୍ତି। ଦୁଇ ଦେଶ ମଧ୍ୟରେ ବିଭିନ୍ନ କାରଣକୁ ନେଇ ରାଜନୈତିକ ଓ କୂଟନୈତିକ ସ୍ତରରେ ଉତ୍ତେଜନା ଲାଗି ରହିଛି। ଏଭଳି ସମୟରେ ଆମେ ଭାରତରେ ଟି-୨୦ ବିଶ୍ୱକପ୍ ଖେଳିବାକୁ ଯିବନାହିଁ ବୋଲି ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କ୍ରୀଡ଼ା ପରାମର୍ଶଦାତା (ଭାରତରେ ମନ୍ତ୍ରୀଙ୍କ ସହ ସମାନ) ଆସିଫ୍ ନାଜରୁଲ କହିଛନ୍ତି। ଆମେ ଏ ସମ୍ପର୍କରେ ଆଇସିସିକୁ ଅବଗତ କରାଇଥିଲୁ। ଗତ ସପ୍ତାହରେ ସେମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲୁ। ଆମର ଭେନ୍ୟୁ ଭାରତରୁ ଶ୍ରୀଲଙ୍କାକୁ ବଦଳାଇବା ଲାଗି ଅନୁରୋଧ କରିଥିଲୁ। ଅତୀତରେ ଭେନ୍ୟୁ ବଦଳାଇବାକୁ ପାକିସ୍ତାନକୁ ଅନୁମତି ଦିଆଯାଇଥିଲା। ଆମକୁ ସେପରି ଅନୁମତି ନ ହେଲେ ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ମଧ୍ୟ ଆମେ ଭାରତରେ ଖେଳିବୁ ନାହିଁ। ଆମେ ପୂର୍ବରୁ ଯେଉଁ ନିଷ୍ପତ୍ତି ନେଇଥିଲୁ ସେଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଭାରତୀୟ କ୍ରିକେଟ ବୋର୍ଡ ଚାପରେ ଆଇସିସି ତାହାର ନିଷ୍ପତ୍ତି ପରିବର୍ତ୍ତନ ନ କଲେ ଆମେ ଭାରତ ଯିବୁ ନାହିଁ ବୋଲି ନାଜରୁଲ କହିଛନ୍ତି। ଭାରତରେ ବିଶ୍ୱକପ୍ ଖେଳିବ କି ନାହିଁ ୨୧ ତାରିଖ ବା ବୁଧବାର ସୁଦ୍ଧା ଜଣାଇବାକୁ ବାଂଲାଦେଶକୁ ଆଇସିସି ଡେଡ୍‌ଲାଇନ୍ ଧାର୍ଯ୍ୟ କରିଛି।

ଫିଫା ର୍ୟାଙ୍କିଙ୍ଗ୍

## ଶ୍ରେଷ୍ଠ ସ୍ଥାନରେ ମରୋକ୍କୋ; ଭାରତ ଉଠିଲା

**ଜୁରିଚ, ୨୦।୧ (ଏଜେନ୍ସି):** ସଦ୍ୟ ସମାପ୍ତ ଆଫ୍ରିକା କପ୍ ଅଫ୍ ନେସନ୍ସରେ ସେନେଗାଲ୍‌ଠାରୁ ହାରି ରନର୍ସଅପ୍ ହୋଇଥିବା ମରୋକ୍କୋ ଫିଫା ର୍ୟାଙ୍କିଙ୍ଗ୍ ଇତିହାସରେ ସର୍ବଶ୍ରେଷ୍ଠ ସ୍ଥାନ ହାସଲ କରିଛି। ମଙ୍ଗଳବାର ପ୍ରକାଶିତ ର୍ୟାଙ୍କିଙ୍ଗ୍‌ରେ ସେନେଗାଲ୍ ୩ଟି ପାହାଚ ଉପରକୁ ଉଠି ୮ମ ସ୍ଥାନରେ ରହିଛି। ସେହିଭଳି ଚାମ୍ପିଅନ ସେନେଗାଲ୍ ୧୯ତମରୁ ୧୨ତମ ସ୍ଥାନକୁ ଉଠିଛି। ପୂର୍ବରୁ ଫିଫା ର୍ୟାଙ୍କିଙ୍ଗରେ ସେନେଗାଲ୍‌ର ସର୍ବଶ୍ରେଷ୍ଠ ମାନ୍ୟତା ୧୦ ନମ୍ବର ରହିଥିଲା। ୧୯୯୮ ଏପ୍ରିଲରେ ମରୋକ୍କୋ ଏହି ସଫଳତା ପାଇଥିଲା। ତେବେ ଆଫ୍ରିକୀୟ ରାଷ୍ଟ୍ର ଭାବେ ନାଇଜେରିଆ ଫିଫା ର୍‌ୟାଙ୍କିଙ୍ଗ୍‌ରେ ଶ୍ରେଷ୍ଠ ମାନ୍ୟତା ପାଇଛି। ୧୯୯୪ ଏପ୍ରିଲରେ ନାଇଜେରିଆ ଦଳ ୫ମ ସ୍ଥାନ ହାସଲ କରିଥିଲା। ତେବେ ସଦ୍ୟ ର୍ୟାଙ୍କିଙ୍ଗ୍‌ରେ ନାଇଜେରିଆ ୨୬ତମ ସ୍ଥାନରେ ରହିଛି। ଆଫ୍ରିକା କପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିବା ନାଇଜେରିଆ ଏକାଥରକେ ୧୨ଟି ପାହାଚ ଉପରକୁ ଉଠିଛି। ଅପରପକ୍ଷରେ ଭାରତ ଗୋଟିଏ ସ୍ଥାନ ଉପରକୁ ଉଠି ୧୪୧ରେ ରହିଛି। ବର୍ତ୍ତମାନ ର୍ୟାଙ୍କିଙ୍ଗ୍‌ରେ ଶ୍ରେଷ୍ଠ-୫ଟି ସ୍ଥାନରେ ଯଥାକ୍ରମେ ସ୍ପେନ, ଆର୍ଜେଣ୍ଟିନା, ଫ୍ରାନ୍ସ, ଇଂଲଣ୍ଡ ଓ ବ୍ରାଜିଲ ସ୍ଥାନ ପାଇଛି।

ନାଗପୁରରେ ଆଜିଠାରୁ ଭାରତ-ନ୍ୟୁଜିଲାଣ୍ଡ ସିରିଜ୍

# ଟି-୨୦ ବିଶ୍ୱକପ୍ ଲାଗି ଶେଷ ପ୍ରସ୍ତୁତି

**ନାଗପୁର,୨୦।୧(ଏଜେନ୍ସି):** ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ଥାନୀୟ ବିଦର୍ଭ କ୍ରିକେଟ ଗ୍ରାଉଣ୍ଡରେ ଆସନ୍ତାକାଲିଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ବିଶ୍ୱକପ୍ ପୂର୍ବରୁ ଉଭୟ ଦଳ ଲାଗି ଏହା ଶେଷ ପ୍ରସ୍ତୁତି। ଏହି ୫ଟି ମ୍ୟାଚ୍‌ରୁ ଉଭୟ ଦଳ ସେମାନଙ୍କ ଶ୍ରେଷ୍ଠ ଦଳ ଜାନୁଆରୀ ୩୦ ସୁଦ୍ଧା ଚୟନ କରିବେ। ଉଭୟ ଦଳ ଆହତ ସମସ୍ୟା, ଫର୍ମରେ ନ ଥିବା ଖେଳାଳିଙ୍କୁ ନେଇ ଚିନ୍ତିତ। ନ୍ୟୁଜିଲାଣ୍ଡ ଅପେକ୍ଷା ଭାରତର ସମସ୍ୟା ଅଧିକ। ଏଭଳି ସମୟରେ ବିଶ୍ୱକପ୍ ପୂର୍ବରୁ ଖେଳାଯିବାକୁ ଥିବା ୫ଟି ମ୍ୟାଚ୍ ଦଳର ସନ୍ତୁଳନକୁ ସଜାଡିନେବ ବୋଲି ଆଶା କରାଯାଉଛି। ଅଧାଡଜନେ ପ୍ରଥମ ପସନ୍ଦର ଖେଳାଳିଙ୍କ ଅନୁପସ୍ଥିତିରେ ଭ୍ରମଣକାରୀ ଦଳ ଘରୋଇ ମାଟିରେ ଅପରାଜେୟ ମନେହେଉଥିବା ଭାରତକୁ ୨-୧ ବ୍ୟବଧାନରେ ଦିନିକିଆ ସିରିଜ୍ ଜିତିବା ପରେ ଦଳର ମନୋବଳ ବୃଦ୍ଧି ପାଇଛି। ୨୦୦୭ ଟି-୨୦ ବିଶ୍ୱକପ୍‌ରୁ ଉଭୟ ଦଳ ମଧ୍ୟରେ ମୁକାବିଲା ହୋଇଆସୁଛି। କିନ୍ତୁ ଭାରତରେ ଖେଳାଯାଇଥିବା ଦ୍ୱିପାକ୍ଷିକ ସିରିଜ୍‌ରେ ନ୍ୟୁଜିଲାଣ୍ଡ ଏଯାଏ ଜିତିନାହିଁ। ୨୦୨୪ରେ ଟେଷ୍ଟ, ୨୦୨୬ରେ ଦିନିକିଆ ସିରିଜ୍ ଜିତିଥିବା ନ୍ୟୁଜିଲାଣ୍ଡ ଏହି ସିରିଜ୍ ଯେ ନ ଜିତିବ ତାହାର ଭବିଷ୍ୟବାଣୀ କରିବା କଷ୍ଟକର।

ଘରୋଇ ଦଳର ସବୁଠାରୁ ବଡ଼ ସମସ୍ୟା ହେଲା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମରେ ନ ରହିବା। ୨୦୨୪ ନଭେମ୍ବର ପରଠାରୁ ସେ ଖେଳିଥିବା ୧୯ଟି ମ୍ୟାଚ୍‌ରେ ୮.୧୧ ହାର ଓ ୧୧୦ ଷ୍ଟ୍ରାଇକ୍‌ରେଟ୍‌ରେ ରନ୍ ସଂଗ୍ରହ କରିଛନ୍ତି। ସମସ୍ତ ମ୍ୟାଚ୍‌ରେ ଆଉଟ ହୋଇଥିଲାବେଳେ ପେସ୍ ବୋଲରଙ୍କ ଦ୍ୱାରା ୧୮ ଥର ଆଉଟ ହୋଇଛନ୍ତି। ଏହା ମଧ୍ୟରୁ ୧୬ଥର ସେ କ୍ୟାଚ୍ ଆଉଟ ହୋଇଛନ୍ତି। ସବୁଥିରେ ସେ ସହଜରେ ଆଉଟ ହୋଇଛନ୍ତି। ଏଣୁ ତାଙ୍କ ଉପରେ ଭରସା କରିବା କଷ୍ଟକର। ଅନ୍ୟ ଜଣେ ବ୍ୟାଟର ତିଲକ ବର୍ମା ଆହତ ହୋଇ ଦଳରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ



**ଖେଳ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର**

ଇଶାନ କିସାନ କିମ୍ବା ଶ୍ରେୟସ ଆୟରଙ୍କୁ ସ୍ଥାନ ମିଳିପାରେ। ଶେଷରେ ଶୁବମନ ଗିଲଙ୍କୁ ଟି-୨୦ ଦଳରୁ ବାଦ୍ ଦେବା ପରେ ଭଲ ଫର୍ମରେ ଥିବା ସଞ୍ଜୁ ସାମସନ ଏଥର ଭଲ ଖେଳିବେ ବୋଲି ଆଶା। ଯଶପ୍ରୀତ୍ ବୁମ୍ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କ ଭଳି ସ୍ପେଶାଲିଷ୍ଟ ପେସ ବୋଲର ରହିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ମଧ୍ୟ ପେସ୍ ବୋଲିଂ କରିବେ। ଦଳରେ ୪ଜଣ ସ୍ପିନର ରହିଛନ୍ତି। ଦୁଇ ବାମହାତୀ ଅକ୍ଷର ପଟେଲ ଓ କୁଲଦୀପ ଯାଦବ ସ୍ପିନ ବୋଲିଂରେ ସିଦ୍ଧହସ୍ତ। ଦିନିକିଆ ସିରିଜ୍‌ରେ କୁଲଦୀପ ପ୍ରଭାବହୀନ ହୋଇଥିଲେ। କିନ୍ତୁ ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇଙ୍କୁ ମୁକାବିଲା କରିବା ନ୍ୟୁଜିଲାଣ୍ଡ ଲାଗି କଷ୍ଟକର ହୋଇପାରେ।

ଅନ୍ୟପକ୍ଷରେ ଦିନିକିଆ ସିରିଜ୍‌ରେ ଜବରଦସ୍ତ ଫର୍ମରେ ଥିବା ଡାରିଲ ମିଚେଲ ଟି-୨୦ ସିରିଜ୍‌ରେ ମଧ୍ୟ ସମାନ ପ୍ରଦର୍ଶନ କରିବେ ବୋଲି ଅଧିନାୟକ ମିଚେଲ ସାଣ୍ଟନର ପ୍ରକାଶ କରିଛନ୍ତି। ଦଳକୁ ସମସ୍ତ ପ୍ରଥମ ପସନ୍ଦର ଖେଳାଳି ପ୍ରତ୍ୟାବର୍ତ୍ତନ କରିଛି। ଭାରତ ସହ ଶେଷ ଦିନିକିଆରେ ମାଇକେଲ ବ୍ରେସ୍‌ୱେଲ ଆହତ ହୋଇଛନ୍ତି। ତାଙ୍କ ସ୍ଥାନରେ କ୍ରିଷ୍ଟିଆନ୍ କ୍ଲାର୍କଙ୍କୁ ଦଳରେ ସାମିଲ କରାଯାଇଛି। ମ୍ୟାଟ ହେନରୀ, କାଏଲ ଜାମିସନ, ଜାକାରୀ ଫୋଲ୍କ୍ସ ଓ ଜ୍ୟାକବ ଡଫି ଫ୍ରଣ୍ଟଲାଇନ୍ ଫାଷ୍ଟ ବୋଲର ରହିଛନ୍ତି। ଅଧିନାୟକ ମିଚେଲ ସାଣ୍ଟନର ଓ ଇସ୍ ସୋଧି ଦଳର ସ୍ପିନ୍ ଦାୟିତ୍ୱ ସମ୍ଭାଳିବେ।

**ଟିମ୍**

**ଭାରତ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିସାନ (ଉଭୟ ୱିକେଟରକ୍ଷକ), ଶ୍ରେୟସ ଆୟର, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା।

**ନ୍ୟୁଜିଲାଣ୍ଡ:** ଡେଭନ କନୱେ (ୱିକେଟରକ୍ଷକ), ଟିମ୍ ରବିନସନ, ରାଚିନ ରବୀନ୍ଦ୍ର, ମାର୍କ ଚାପ୍‌ମ୍ୟାନ୍, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ବିଭନ ଜ୍ୟାକବ୍ସ, ମାଇକେଲ ବ୍ରେସ୍‌ୱେଲ, ଜେମ୍ସ ନୀଶାମ, ମିଚେଲ ସାଣ୍ଟନର (ଅଧିନାୟକ), ଜାକାରୀ ଫୋଲ୍କ୍ସ, ଜ୍ୟାକବ ଡଫି, ମ୍ୟାଟ ହେନରୀ, କାଏଲ ଜାମିସନ, ଇସ୍ ସୋଧି ଓ କ୍ରିଷ୍ଟିଆନ୍ କ୍ଲାର୍କ (ପ୍ରଥମ ୩ଟି ମ୍ୟାଚ୍ ଲାଗି)।

ଅଷ୍ଟ୍ରେଲିଆନ୍ ଓପନ୍

## ସିନ୍ନର ଆଗେଇଲେ; ମୋନଫିଲ୍ସ ନିରାଶ

**ମେଲବୋର୍ଣ୍ଣ, ୨୦।୧ (ଏଜେନ୍ସି):** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ର ୩ୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ତଥା ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଜାନିକ ସିନ୍ନର ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମ୍ୟାଚରେ ସିନ୍ନରଙ୍କ ମୁକାବିଲା ଫ୍ରାନ୍ସର ହୁଗୋ ଗାସଟନ୍‌ଙ୍କ ସହ ହୋଇଥିଲା। ତେବେ ସିନ୍ନର ୬-୧, ୬-୧ ସେଟରେ ଆଗୁଆ ରହିଥିବାବେଳେ ହୁଗୋ ୩ୟ ସେଟ୍ ନ ଖେଳି ରିଟାୟର୍ଡ ନେଇଥିଲେ। ଅପରପକ୍ଷରେ ନିଜର ଶେଷ ଅଷ୍ଟ୍ରେଲିଆନ୍ ଓପନ୍ ଖେଳୁଥିବା ଫ୍ରାନ୍ସର ଗେଲ୍ ମୋନଫିଲ୍ସଙ୍କୁ ନିରାଶ ହେବାକୁ ପଡ଼ିଛି। ଘରୋଇ ଅଷ୍ଟ୍ରେଲିଆର କ୍ୱାଲିଫାୟର ଖେଳାଳି ଡେନ୍ ସ୍ୱିନୀ ୬-୭ (୩/୭), ୭-୫, ୬-୪, ୭-୫ ସେଟ୍‌ରେ ମୋନଫିଲ୍ସଙ୍କୁ ପ୍ରଥମ ରାଉଣ୍ଡରେ ହରାଇ ଦେଇଛନ୍ତି। ୩୯ ବର୍ଷୀୟ ମୋନଫିଲ୍ସଙ୍କ ଏହା ୨୦ତମ ଅଷ୍ଟ୍ରେଲିଆନ୍ ଓପନ୍ ଥିଲା। ୨୦୧୬ ଓ ୨୦୨୨ରେ କ୍ୱାର୍ଟର ଫାଇନାଲ ପ୍ରବେଶ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ପୁରୁଷ ବିଭାଗରେ ଖେଳାଯାଇଥିବା ଅନ୍ୟ ମୁକାବିଲାଗୁଡ଼ିକରେ ୮ମ ସିଡ୍ ଆମେରିକାର ବେନ୍ ଶେଲଟନ, ୯ମ ସିଡ୍ ଟେଲର ଫ୍ରିଜ, ୫ମ ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି, ୩୧ତମ ସିଡ୍ ଜର୍ମାନୀର ଷ୍ଟିଫାନୋସ ସିତ୍‌ସିପାସ୍ ପ୍ରମୁଖ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।



**ଇଣ୍ଡୋନେସିଆର ଜାନିସଙ୍କ ଐତିହାସିକ ବିଜୟ:** ୨୮ ବର୍ଷ ପରେ ଇଣ୍ଡୋନେସିଆର ପ୍ରଥମ ଖେଳାଳି ଭାବେ ଜାନିସ ଜେନ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଏକ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡ ମ୍ୟାଚରେ ଜାନିସ ୬-୨, ୭-୬ (୧) ସେଟ୍‌ରେ ୨୨ତମ ସିଡ୍ କାନାଡାର ଲିଲା ଫର୍ଣ୍ଣାଣ୍ଡିଜଙ୍କୁ ହରାଇଥିଲେ। ପ୍ରଥମ ଓ ଶେଷ ଇଣ୍ଡୋନେସିଆ ଖେଳାଳି ଭାବେ ୧୯୯୮ରେ ୟାୟୁକ ବାସୁକି ଅଷ୍ଟ୍ରେଲିଆନ୍ ଓପନ୍‌ରେ ଏକ ମ୍ୟାଚ୍ ଜିତିଥିଲେ। ମଙ୍ଗଳବାର ମହିଳା ଦିବସରେ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଡିଫେଣ୍ଡିଂ ଚାମ୍ପିଅନ ମାଡିସନ କିଜ୍, ୧୬ତମ ସିଡ୍ ନାଓମି ଓସାକା, ୫ମ ସିଡ୍ ଏଲିନା ରିବାକିନା, ୧୦ମ ସିଡ୍ ବେଲିଣ୍ଡା ବେନିକ୍, ଘରୋଇ ଖେଳାଳି ଟେଲା ପ୍ରିଷ୍ଟନ, କାରୋଲିନା ପ୍ଲିସ୍କୋଭା, ଜେଲିନା ଓସ୍ତାପେଙ୍କୋ ପ୍ରମୁଖ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି।

## ୧୯ ବର୍ଷରୁ କମ୍ ବିଶ୍ୱକପ୍: ଅଷ୍ଟ୍ରେଲିଆର ୨ୟ ବିଜୟ

**ୱିଣ୍ଡହୋକ, ୨୦।୧ (ଏଜେନ୍ସି):** ଜିମ୍ବାୱେ ଓ ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଯୁବ ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ କ୍ରମାଗତ ୨ୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଜାପାନକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଜାପାନ ୫୦ ଓଭରରେ ୮ ୱିକେଟ୍ ହରାଇ ୨୦୧ ରନ କରିଥିଲା। ଜବାବରେ ୱିଲ୍ ମାଲାଜୁକଙ୍କ ବିସ୍ଫୋରକ ଶତକ ବଳରେ ୨୯.୧ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ୱିଲ୍ ୧୨ଟି ଚୌକା ଓ ୫ଟି ଛକା ବଳରେ ୫୫ ବଲରୁ ୧୦୨ ରନ କରିଥିଲେ। ନୀତେଶ ସାମୁଏଲ୍ ୭୩ ଓ ଟମ୍ ହୋଗାନ ୧୯ ରନର ଅପରାଜିତ ପାଳି ଖେଳିଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ସମାନ ୮ ୱିକେଟ୍‌ରେ ଆୟର୍ଲାଣ୍ଡକୁ ହରାଇଥିବା ଅଷ୍ଟ୍ରେଲିଆ ୪ ପଏଣ୍ଟ ସହ ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହିଛି। ଶ୍ରୀଲଙ୍କା ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ରନରେଟ୍ ଆଧାରରେ ଶୀର୍ଷ ସ୍ଥାନରେ ରହିଛି। ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଯାଇଥିଲା। ବୁଧବାର ଇଂଲଣ୍ଡ-ସ୍କଟଲାଣ୍ଡ ଏବଂ ତାଞ୍ଜାନିଆ-ଆଫଗାନିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଡବ୍ଲ୍ୟୁପିଏଲ୍ ଖେଳିବାରେ ଦୀୟା ସର୍ବକନିଷ୍ଠା କ୍ରିକେଟର୍

**ଭଦୋଦରା, ୨୦।୧ (ଏଜେନ୍ସି):** ଦିଲ୍ଲୀ କ୍ୟାପିଟାଲ୍ସର ଦୀୟା ଯାଦବ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଖେଳିବାରେ ସର୍ବକନିଷ୍ଠା କ୍ରିକେଟର୍। ମଙ୍ଗଳବାର ଏଠାରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଖେଳି ଦୀୟା ଡବ୍ଲ୍ୟୁପିଏଲ୍‌ରେ ପଦାର୍ପଣ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପଦାର୍ପଣ ମ୍ୟାଚ୍ ଖେଳିବାବେଳକୁ ଦୀୟାଙ୍କୁ ୧୬ ବର୍ଷ ୧୦୩ ଦିନ ହୋଇଥିଲା। ପୂର୍ବରୁ ସର୍ବକନିଷ୍ଠା ଖେଳାଳି ଭାବେ ଡବ୍ଲ୍ୟୁପିଏଲ୍ ଖେଳିବାର ରେକର୍ଡ ମୁମ୍ବାଇ ଇଣ୍ଡିଆନ୍ସର ଗୁନାଲାନ କମଲିନୀଙ୍କ ନାମରେ ରହିଛି। କମଲିନୀ ୧୬ ବର୍ଷ ୨୧୩ ଦିନରେ ଡବ୍ଲ୍ୟୁପିଏଲ୍‌ରେ ପଦାର୍ପଣ କରିଥିଲେ। ଏହି ତାଲିକାରର ୩ୟ ସ୍ଥାନରେ ଗୁଜରାଟ ଜାଏଣ୍ଟ୍ସର ଶବନମ ଶକିଲ (୧୬ ବର୍ଷ ୨୬୩ ଦିନ), ୪ର୍ଥରେ ମୁମ୍ବାଇର ପାରଶାଭି ଚୋପ୍ରା (୧୬ ବର୍ଷ ୩୧୨ ଦିନ) ରହିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଲିଗ୍‌ର ୧୩ତମ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଶେଷ ଖବର ସୁଦ୍ଧା ୧୬ ଓଭରରେ ୩ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରିଛି। ନାଟାଲୀ ସ୍କିଭର-ବ୍ରଣ୍ଟ ୩୩ ବଲରେ ୪୯ ରନ କରି ଅପରାଜିତ ଅଛନ୍ତି। ଅଧିନାୟିକା ଅରମନପ୍ରୀତ୍ କୌର ୪୧ ରନ କରି ଆଉଟ୍ ହୋଇଛନ୍ତି।

■ ଜାତୀୟ ଦୃଷ୍ଟିବାଧିତ କ୍ରିକେଟ

## ସେମିରେ ଓଡ଼ିଶା

**ଭୁବନେଶ୍ୱର, ୨୦।୧ (ସମିସ):** ରାଜସ୍ଥାନକୁ ୬୧ ରନ୍‌ରେ ପରାସ୍ତ କରି ଓଡ଼ିଶା ହାଇଟେକ୍ ମେଡିକାଲ କଲେଜ୍ ଗ୍ରାଉଣ୍ଡରେ ଆଜି ଅନୁଷ୍ଠିତ ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଦ୍ୱିତୀୟ ସେମିରେ ଓଡ଼ିଶା-କର୍ଣ୍ଣାଟକ ମୁକାବିଲା ହେବ। ଆଜିର ମ୍ୟାଚ୍‌ରେ ସୁକାନ୍ତି ଦଳପତିଙ୍କ ୬୩ ଓ ଫୁଲ ସୋରେନଙ୍କ ଅପରାଜିତ ୪୩ ରନ୍ ସହାୟତାରେ ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୧୭୭ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୯ ୱିକେଟ ହରାଇ ୧୧୬ ରନ୍ କରିବାକୁ ସମର୍ଥ ହୋଇଥିଲା।




## ସାଇନାଙ୍କ ଅବସର

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ଅଲିମ୍ପିକ ପଦକ ବିଜୟିନୀ ତଥା ଭାରତର ମହାନ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହୱାଲ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶେଷରେ ତାଙ୍କ ଅବସରକୁ ନିଶ୍ଚିତ କରିଛନ୍ତି। ଆଣ୍ଠୁଜନିତ ଆଘାତ ସମସ୍ୟା ଲାଗି ଗତ ୨ ବର୍ଷ ଧରି ଆକ୍ସନରୁ ଦୂରେଇ ରହିଥିବା ୩୫ ବର୍ଷୀୟା ସାଇନା ପ୍ରତିଦ୍ୱନ୍ଦ୍ୱିତାମୂଳକ ବ୍ୟାଡ୍‌ମିଣ୍ଟନରୁ ଅଲ୍‌ବିଦା ନେଇସାରିଛନ୍ତି ବୋଲି କହିଛନ୍ତି। ସାଇନା ୨୪ଟି ଅନ୍ତର୍ଜାତୀୟ ଟାଇଟଲ୍ ଜିତିଛନ୍ତି। ୨୦୧୨ ଅଲିମ୍ପିକ୍ସରେ ସାଇନା କାଂସ୍ୟ ପଦକ ଜିତିଥିଲେ।

## ହକି ଇଣ୍ଡିଆ ଲିଗ୍ : ତୁଫାନ୍ସକୁ ଜିତାଇଲେ ଲାକ୍ରା ଯୋଡ଼ି



**ଭୁବନେଶ୍ୱର, ୨୦।୧ (ସମିସ):** ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଚଳିତ ସଂସ୍କରଣରେ ହାଇଦରାବାଦ୍ ତୁଫାନ୍ସ ୩ୟ ବିଜୟ ହାସଲ କରିଛି। ମଙ୍ଗଳବାର ମ୍ୟାଚରେ ତୁଫାନ୍ସ ୩-୨ ଗୋଲ୍‌ରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ୍ (ଜିସି)କୁ ହରାଇଥିଲା। ତୁଫାନ୍ସକୁ ବିଜୟୀ କରାଇବାରେ ଦୁଇ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଓ ଅମନଦୀପ୍ ଲାକ୍ରା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅମଦୀପ୍ ୮ମ ଓ ଶିଳାନନ୍ଦ ୩୧ତମ ମିନିଟରେ ଗୋଲ୍ ଦେଇଥିଲେ। ଜାଚାରୀ ୱାଲସିଙ୍କ ଷ୍ଟିକରୁ ଅନ୍ୟତମ ଗୋଲଟି ବାହାରିଥିଲା। ୭ମ ମ୍ୟାଚରୁ ୩ୟ ବିଜୟ ସହ ହାଇଦରାବାଦ୍ ୧୧ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଉଠିଛି। ଏଥିସହ ଦଳ ପ୍ଲେ-ଅଫ୍ ଖେଳିବା ଆଶା ଉଜ୍ଜୀବିତ କରିଛି। ଦିବସରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଘରୋଇ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ସୁରମା ହକି କ୍ଲବ ସାମ୍ନାସାମ୍ନି ହୋଇଛନ୍ତି। ଶେଷ ଖବର ସୁଦ୍ଧା ସୁରମା ୨-୧ ଗୋଲ୍‌ରେ ଅଗ୍ରଣୀ ରହିଛି। ଆଜିର ଖେଳରେ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ଦିଲୀପ ତିର୍କୀ, ରାଜେସ୍ ପ୍ରଭାକର ପାଟିଲ୍ ଅତିଥି ଭାବେ ଯୋଗ ଦେଇଥିଲେ।

# ବ୍ଲିଜ୍‌ରେ ଆହାଜ ଚାମ୍ପିଅନ, ରାଜେଶ ରନର୍ସଅପ୍

**ଭୁବନେଶ୍ୱର,୨୦।୧(ସମିସ):** ଅଲ୍‌ଓଡ଼ିଶା ଚେସ୍ ସଂଘ, ଇ-ସ୍ପୋର୍ଟସ ଆସୋସିଏସନ ଅଫ୍ ଓଡ଼ିଶା ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଓଡ଼ିଶା ଓପନ ଗ୍ରାଣ୍ଡମାଷ୍ଟର ଚେସ୍‌ର ଦୁଇଟି କାଟାଗୋରୀ ସମାପ୍ତ ହୋଇଛି। ଆଜି ଶେଷ ହୋଇଥିବା ଡି କାଟାଗୋରୀ ବା ବ୍ଲିଜ୍‌ରେ କେରଳର ଆହାଜ ଇୟୁ ସର୍ବାଧିକ ୯ ପଏଣ୍ଟ ପାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶାର ରାଜେଶ ନାୟକ ଓ କର୍ଣ୍ଣାଟକର ୧୫ବର୍ଷରୁ କମ୍ ଖେଳାଳି ସିଦ୍ଧାନ୍ତ ପୁଞ୍ଜା ୮ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ସିଦ୍ଧାନ୍ତଙ୍କୁ ପଛରେ ପକାଇ ଓଡ଼ିଶାର ରାଜେଶ ଦ୍ୱିତୀୟସ୍ଥାନ ଅଧିକାର କରିବା ସହ ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଛନ୍ତି। ପୁରସ୍କାର ବାବଦରେ ଟ୍ରଫି ସହ ଆହାଜଙ୍କୁ ୩୦,୦୦୦, ରାଜେଶଙ୍କୁ ୨୦,୦୦୦ ଓ ସିଦ୍ଧାନ୍ତଙ୍କୁ ୨୦,୦୦୦ ଟଙ୍କା ପୁରସ୍କାର ମିଳିଛି। ଏହି କାଟାଗୋରୀରେ ଓଡ଼ିଶାର ଆଇଏମ୍ ସମ୍ବିତ ପଣ୍ଡା ୭ମ, ଓମ୍‌ଆଦିତ୍ୟ ଖାଡଙ୍ଗା ୨୨ତମ, ରାଜେନ୍ଦ୍ର ସାହୁ ୨୩ତମ, ନିଲସ୍ନ ପଟ୍ଟନାୟକ ୨୬ତମ ଓ ହର୍ଷିତ ରଞ୍ଜନ ସାହୁ ୨୯ତମ ସ୍ଥାନ ଅଧିକାର କରିଛନ୍ତି। ଗତକାଲି ଏହି ଚେସ୍ ମହୋତ୍ସବର କାଟାଗୋରୀ-ବି'ରେ ଖେଳ ଶେଷ ହୋଇଥିଲା। ଏଥିରେ ପଶ୍ଚିମବଙ୍ଗର ସୌମାଲ୍ୟ ମଣ୍ଡଳ ଚାମ୍ପିଅନ, ଦିଲ୍ଲୀର ସତ୍ୟମ ପ୍ରକାଶ ରନର୍ସଅପ୍, ତେଲଙ୍ଗାନାର ରୋହିତ ଏନ୍ ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ଟ୍ରଫି ସହ ୧ ଲକ୍ଷ, ୭୦ ହଜାର ଓ ୪୦ ହଜାର ଟଙ୍କାର ପୁରସ୍କାର ପାଇଛନ୍ତି। ଏହି କାଟେଗୋରୀରେ ୯ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶାରୁ ମନୀନ୍ଦ୍ର କାର୍ଜି ସମ୍ମାନଜନକ ୮ମ, ପୂର୍ଣ୍ଣ ଖିଲୋ ୧୦ମ, ବିଶାଳ ପଟ୍ଟନାୟକ ଦ୍ୱାଦଶ, ରାଜେନ୍ଦ୍ର କୁମାର ସାହୁ ୧୫ତମ, ଦେବୀପ୍ରସାଦ ନାୟକ ୨୩ତମ, ସଞ୍ଜୀବନ ନାୟକ ୨୪ତମ, ଦେବପ୍ରୀତ ମିଶ୍ର ୨୬ତମ ସ୍ଥାନ ଅଧିକାର କରି ପ୍ରଥମ ୩୦ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବାବଦରେ ମନୀନ୍ଦ୍ରଙ୍କୁ ୯,୦୦୦, ପୂର୍ଣ୍ଣଙ୍କୁ ୮,୦୦୦, ବିଶାଳ ଓ ରାଜେନ୍ଦ୍ରଙ୍କୁ ୭,୦୦୦ ଲେଖାଏଁ ଟଙ୍କା ମିଳିଥିଲା।



ଓଡ଼ିଶା ଓପନ ଚେସ୍

ଖେଳ ଶେଷରେ ଆୟୋଜିତ ଉତ୍ସବରେ ରୋଟାରୀ ଜିଲ୍ଲା ୩୨୬୨ରୁ ଡିଜି ମନୋଜ କୁମାର ତ୍ରିପାଠୀ, ଚଳଚ୍ଚିତ୍ର ତାରକା ବିପରାଜ ଶତପଥୀ, ପୂର୍ବତନ ରଣଜୀ ଖେଳାଳି ସତ୍ୟରଞ୍ଜନ ଶତପଥୀ, ଚିଫ ଆର୍ବିଟର ପଲ ଆରୋକିଆ ରାଜ, ଏଓସିଏ ସମ୍ପାଦକ ତଥା ନିର୍ଦ୍ଦେଶକ ଇଂ ଦେବବ୍ରତ ଭଞ୍ଜ, ରୋଟାରୀ କ୍ଲବ ନୀଳାଦ୍ରି ସଭାପତି ସୁଜିତ ରାଉତ, ଇଏସ୍‌ପିଓ ସମ୍ପାଦକ ଅଭିଷେକ ମିତ୍ର ଓ ରୋଟାରିଆନ୍ ପୂଣ୍ୟଶ୍ଳୋକ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS